

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-255 ◆BHUBANESWAR ◆SUNDAY ◆10 MARCH 2024 ◆PAGE-20 ◆₹ 6.00


◆ବର୍ଷ-୪୧ ◆ସଂଖ୍ୟା-୨୫୫ ◆ଭୁବନେଶ୍ୱର ◆ରବିବାର ◆୧୦ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ଏବଂ ଅଣଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

# ଦରମା ହାରରେ ପରିବର୍ତ୍ତନ

- ଉପକୃତ ହେବେ ୧୦୪୩୫୦ ଜଣ ଶିକ୍ଷକ/ପ୍ରଧାନ ଶିକ୍ଷକ/ ଅଧିକାରୀ
- ବାର୍ଷିକ ଅତିରିକ୍ତ ୫୮୭ କୋଟି ଖର୍ଚ୍ଚ କରିବେ ରାଜ୍ୟ ସରକାର
- ବ୍ଲକଗ୍ରାଣ୍ଟ କର୍ମଚାରୀମାନଙ୍କୁ ମିଳିବ ଏକକାଳୀନ ଅବସର ପ୍ରାପ୍ୟ
- ଶିକ୍ଷକଙ୍କୁ ୧୦ ଲକ୍ଷ ଏବଂ ଅଣଶିକ୍ଷକ କର୍ମଚାରୀମାନଙ୍କୁ ୫ ଲକ୍ଷ ଟଙ୍କା
- ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ସଂସ୍କୃତ ଟୋଲର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ୬ ଲକ୍ଷ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ୪ ଲକ୍ଷ
- 'ନୂଆ-ଓ' ଛାତ୍ରବୃତ୍ତି ଗାଇଡ୍‌ଲାଇନ୍‌ରେ ସଂଶୋଧନକୁ ମଞ୍ଜୁରୀ

■ ଭୁବନେଶ୍ୱର, ୯।୩(ସମିସ): ରାଜ୍ୟର ଶିକ୍ଷା ଭିତ୍ତିଭୂମିର ରୂପାନ୍ତରୀକରଣ ସହ ଶିକ୍ଷକମାନଙ୍କର ବହୁବିଧ ସୁବିଧା ପାଇଁ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ନେଇ ଆସିଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଶିକ୍ଷକମାନଙ୍କର ଦରମା ଏବଂ ଅନ୍ୟାନ୍ୟ ସୁବିଧା ସମ୍ପର୍କିତ ଏକାଧିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରମୁଖ ନିଷ୍ପତ୍ତି ମଧ୍ୟରେ ରାଜ୍ୟ ସରକାର ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟରତ ଲକ୍ଷାଧିକ



ନିୟମିତ ଶିକ୍ଷକ, ପ୍ରଧାନ ଶିକ୍ଷକ ଏବଂ ଅଧିକାରୀମାନଙ୍କୁ ବଡ଼ ଭେଟି ଦେଇଛନ୍ତି। ସେମାନଙ୍କ ଦାବୀକୁ ବିଚାରକୁ ନେଇ ସେମାନଙ୍କର ବିଭିନ୍ନ ପଦବୀ ସହ ସମ୍ପୃକ୍ତ ଦରମାହାରରେ କେତେକ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏନେଇ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ୧,୦୪,୩୫୦ ଜଣ ଶିକ୍ଷକ/ପ୍ରଧାନ ଶିକ୍ଷକ/ ଅଧିକାରୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୫୮୭ କୋଟି ଟଙ୍କା ଖର୍ଚ୍ଚ କରିବେ। ▶ପୃଷ୍ଠା-୧୦

'ମିଶନ ଶକ୍ତି' ମା'ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପହାର

## କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି

■ ଭୁବନେଶ୍ୱର, ୯।୩(ସମିସ): ରାଜ୍ୟରେ ମହିଳା ସଶକ୍ତିକରଣରେ 'ମିଶନ ଶକ୍ତି'ର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନଙ୍କର ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଶନିବାର ସେମାନଙ୍କ ପ୍ରୋତ୍ସାହନ ଅର୍ଥରାଶି ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଘୋଷଣା ମୁତାବକ ଏମ୍‌ବିକେ, ବ୍ୟାଙ୍କ ମିତ୍ର ଏବଂ ଜୀବିକା ସହାୟିକା ମାନେ ମାସିକ ୬୭୫୦ ଟଙ୍କାରୁ ୧୦୭୫୦ ଟଙ୍କା ପାଇବେ। କୃଷି ମିତ୍ର ଓ ପ୍ରାଣୀ ମିତ୍ର ମାସିକ ୩,୭୫୦ ଟଙ୍କା ପରିବର୍ତ୍ତେ ମୋଟ

> ଏମ୍‌ବିକେ, ବ୍ୟାଙ୍କ ମିତ୍ର ଏବଂ ଜୀବିକା ସହାୟିକା ପାଇବେ ୧୦୭୫୦ ଟଙ୍କା।
>
> କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କୁ ମାସିକ ୬,୨୫୦, ସିଆର୍‌ପି-ସିଏମ୍‌ଙ୍କୁ ୬୧୦୦ ଟଙ୍କା।
>
> ଅକ୍ଟୋବର, ୨୦୨୩ରୁ ପିଛିଲା ଭାବେ ପ୍ରଦାନ କରାଯିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

୬,୨୫୦ ଟଙ୍କା ପାଇବେ ଏବଂ ସିଆର୍‌ପି-ସିଏମ୍ ମାସକୁ ୩୬୦୦ ଟଙ୍କା ପରିବର୍ତ୍ତେ ୬୧୦୦ ଟଙ୍କା ପାଇବେ। ଏହି ବର୍ଦ୍ଧିତ ରାଶି ଅକ୍ଟୋବର, ୨୦୨୩ରୁ ପିଛିଲା ଭାବେ ପ୍ରଦାନ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବେଳେ ଏ ବାବଦକୁ ରାଜ୍ୟ ସରକାର ୯୬.୫୧ କୋଟି ଅତିରିକ୍ତ ଅର୍ଥ ରାଶିର ବ୍ୟୟବରାଦ କରିଛନ୍ତି। ସରକାରଙ୍କ ଏହି ପ୍ରୋତ୍ସାହନ ଅର୍ଥରାଶି ବୃଦ୍ଧି ଯୋଗୁଁ 'ମିଶନ ଶକ୍ତି'ର ୫୯,୫୦୯ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଉପକୃତ ହେବେ।

ପ୍ରକାଶ ଥାଉକି, '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ତାଙ୍କୁ ଭେଟି ଏହି ବୃଦ୍ଧି ବିଷୟରେ ଅନୁରୋଧ କରିଥିଲେ।

## ନିର୍ବାଚନ କମିସନ ଅରୁଣ ଗୋୟଲଙ୍କ ଇସ୍ତଫା

■ ନୂଆଦିଲ୍ଲୀ, ୯।୩(ଏଜେନ୍ସି): ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ନିର୍ବାଚନ କମିଶନ (ଇସି) ଅରୁଣ ଗୋୟଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ତାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି। ଗୋୟଲଙ୍କ ▶ପୃଷ୍ଠା-୧୦



ଗୁରୁବାର-ଶୁକ୍ରବାର ଘୋଷଣା ହୋଇପାରେ ନିର୍ବାଚନ ତାରିଖ

ରାଜନୀତିରେ 'ମିଛ' ଓ 'ଗୁଜବ'

## ନବୀନଙ୍କ ଇଙ୍ଗିତ ଯଥେଷ୍ଟ

■ ଭୁବନେଶ୍ୱର, ୯।୩ (ସମିସ): ବିଶ୍ୱସନୀୟତା ରାଜନୀତିର ମୂଳ ଆଧାର। ରାଜନୀତିରେ ମିଥ୍ୟାଚାରର ସ୍ଥାନ ନାହିଁ। ମିଥ୍ୟା ଓ ଗୁଜବ ଉପରେ ଆଧାରିତ ରାଜନୀତି ଓ ରାଜନେତା କେବେ ବି ସାଧାରଣରେ ଗ୍ରହଣୀୟ ହୋଇପାରନ୍ତି ନାହିଁ। ସାଧାରଣ ଲୋକମାନେ ସର୍ବଦା ରାଜନେତାମାନଙ୍କଠାରୁ ସ୍ୱାଭାବିକ ସ୍ୱଚ୍ଛତା ଆଶା ରଖିଥାଆନ୍ତି। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କୋଟିକୋଟି ଲୋକଙ୍କ ଶ୍ରଦ୍ଧା ଓ ଆସ୍ଥାଭାଜନ ହୋଇ ପାରିଛନ୍ତି।



ରାଜ୍ୟରେ ଗତ କିଛିଦିନ ହେଲା ଚାଲିଥିବା ରାଜନୈତିକ ଘନଘଟା, ବିଜେଡି-ବିଜେପି ମଧ୍ୟରେ ରାଜନୈତିକ ମେଣ୍ଟ ଚର୍ଚ୍ଚା ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଏକ ଛୋଟ ଭିଡିଓ ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଶ୍ରୀ ପାଣ୍ଡିଆନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଇନ୍‌ଷ୍ଟାଗ୍ରାମ'ରେ ପୋଷ୍ଟ କରିଥିବା ଏହି ଭିଡିଓକୁ ରାଜନୈତିକ ବିଶେଷଜ୍ଞମାନେ ସାମ୍ପ୍ରତିକ ସମୟର ରାଜ୍ୟ ରାଜନୀତି ସହ ଯୋଡ଼ିଛନ୍ତି। ଏହି ଭିଡିଓରେ ମୁଖ୍ୟମନ୍ତ୍ରୀ କାହାକୁ ଇଙ୍ଗିତ ବା ନାମ ଉଲ୍ଲେଖ କରି ନାହାନ୍ତି; ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ସିଧାସଳଖ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରତି ଇଙ୍ଗିତ କରୁଥିବା ରାଜନୈତିକ ପଣ୍ଡିତମାନେ ମନେ କରୁଛନ୍ତି।

'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଆଲୋଚନା କାଳରେ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନୀତିର ସବୁଠାରୁ କୁତ୍ସିତ ଦିଗଟି ଉପରେ ଆଲୋକପାତ କରିଛନ୍ତି। ମିଛ ଓ ଗୁଜବ ରାଜନୀତିରେ ▶ପୃଷ୍ଠା-୧୦




# ୭୦ ହଜାର ଛୁଇଁପାରେ ସୁନା

**ନୂଆଦିଲ୍ଲୀ, ୯ ।୩(ଏଜେନ୍ସି) :** ଚଳିତ ମାସରେ ସୁନା ମୂଲ୍ୟରେ କ୍ରମାଗତ ବୃଦ୍ଧି ଘଟିବା ସହିତ ମୂଲ୍ୟବୃଦ୍ଧିକୁ ନେଇ ନୂଆ ରେକର୍ଡ ସୃଷ୍ଟି ହୋବରେ ଲାଗିଛି । ବିଗତ ୭ ଦିନ ଧରି କ୍ରମାଗତ ଭାବେ ସୁନା ଦର ବୃଦ୍ଧି ପାଇ ଆସୁଥିଲା ବେଳେ ଗତକାଲି ସୁଦ୍ଧା ସୁନା ମୂଲ୍ୟ ( ୨୪ କ୍ୟାରାଟ୍) ୧୦ ଗ୍ରାମ ପିଛା ୬୬,୦୦୦ ଟଙ୍କା ଅତିକ୍ରମ କରିଛି । ଆନ୍ତର୍ଜାତିକ ବଜାରରେ ଡଲାର ଦୁର୍ବଳ ହେବା ସହିତ ଆମେରିକା ଫେଡେରାଲ ରିଜର୍ଭର ସୁଧ ହାର ହ୍ରାସ ଆଶାକୁ ନେଇ ସୁନା ମୂଲ୍ୟରେ ବୃଦ୍ଧି ଘଟି ଚାଲିଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି । ଆନ୍ତର୍ଜାତିକ ବଜାରରେ ମଧ୍ୟ ସୁନା ମୂଲ୍ୟ ପୂର୍ବାପେକ୍ଷା ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି । ବର୍ତ୍ତମାନ ଆଉନ୍ସ ପିଛା ୨୧୮୫ ଡଲାର ଛୁଇଁଛି । ତେବେ ସୁନା ମୂଲ୍ୟ ବୃଦ୍ଧିକୁ ନେଇ ଘରୋଇ ବଜାରରେ ଖାଉଟି ହରଡ଼ ଘଣାରେ ପଡ଼ିଛନ୍ତି । ବିଶେଷକରି ବିବାହ ଋତୁରେ ଏଭଳି ମୂଲ୍ୟବୃଦ୍ଧି ଗ୍ରାହକ ମହଲକୁ ଚିନ୍ତିତ କରିଛି ।

**ମାର୍ଚ୍ଚ ମାସରେ ବଢ଼ିଛି ୩୮୦୦ ଟଙ୍କା**

କେବଳ ମାର୍ଚ୍ଚ ମାସରେ ସୁନା ମୂଲ୍ୟ ୩୮୦୦ ଟଙ୍କା ବୃଦ୍ଧି ପାଇଛି । ଗତ ମାସ ଶେଷ କାରବାର ଦିବସରେ ସୁନା ୧୦ ଗ୍ରାମ ପିଛା ୬୨ ହଜାର ୫୬୭ ଟଙ୍କା ରହିଥିଲା । କିନ୍ତୁ ଗତକାଲି ସୁଦ୍ଧା ଏହା ୬୬,୩୫୬ ଟଙ୍କାରେ ପହଞ୍ଚିଛି । ଯଦି ଦୈନିକ ଏଭଳି ମୂଲ୍ୟ ବୃଦ୍ଧି ଘଟିଚାଲେ ତେବେ ଆଉ କିଛି ଦିନ ମଧ୍ୟରେ ସୁନା ମୂଲ୍ୟ ୭୦ ହଜାର ଟଙ୍କା ଅତିକ୍ରମ କରିବା ବୋଲି ଆଶଙ୍କା ପ୍ରକାଶ ପାଇଛି ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-255 ♦BHUBANESWAR ♦SUNDAY ♦10 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୫ ♦ଭୁବନେଶ୍ୱର ♦ରବିବାର ♦୧୦ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)







ନୂତନ ମ୍ୟୁନିସିପାଲିଟି ଓ ଏନ୍ଏସି କର୍ମକର୍ତ୍ତାଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ପରାମର୍ଶ

## ମିଳିମିଶି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ଗଢ଼ିବା



**ଭୁବନେଶ୍ୱର, ୯ ।୩(ସମିସ):** ନିକଟରେ ଘୋଷଣା ହୋଇଥିବା ମ୍ୟୁନିସିପାଲିଟି, ୯ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣ ଏବଂ ୭ଟି ସଂଗଠନର କର୍ମକର୍ତ୍ତମାନେ ଶନିବାର ନବୀନ ନିବାସରେ '୫-ଟି' ତଥା 'ନବୀନ ଓଡ଼ିଶା'ର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି । ଏହାସହ ନୂଆ ପରିଷଦ ଗଠନ ନିଷ୍ପତ୍ତିରେ ଖୁସିବ୍ୟକ୍ତ କରି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଏହି ଅବସରରେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ସେମାନଙ୍କୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ବିକାଶ ପାଇଁ ଦିନରାତି କାମ କରୁଛନ୍ତି । ସମସ୍ତ ଜନସାଧାରଣଙ୍କୁ ସେ ନିଜ ପରିବାର ସଦସ୍ୟ ବୋଲି ଭାବନ୍ତି । ତେଣୁ ସମସ୍ତେ ମିଳିମିଶି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ତଥା 'ନୂଆ ଓଡ଼ିଶା' ଗଠନ କରିବାକୁ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଥିଲେ ।

ସୂଚନାଯୋଗ୍ୟ, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ, ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ, ଅଲ୍ ଓଡ଼ିଶା ଫିଜିକାଲ୍ ହାଣ୍ଡିକ୍ରାପ୍ଟ ଇନ୍‌କ୍ଲୁଜିଭ୍ ଏଜୁକେସନ୍ ଭଲ୍ୟୁଣ୍ଟର୍ ଆସୋସିଏସନ୍, ରାଜ୍ୟସ୍ତରୀୟ ଆଶା କର୍ମୀ ସହାୟିକା ସାମ୍ମୁଖ୍ୟ, ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ, ନିଖିଳ ଓଡ଼ିଶା ଲେଡି ମାଟ୍ରନ୍ ଆସୋସିଏସନ୍, ଶ୍ରୀ ଶ୍ରୀଅଲାରନାଥ ସେବାୟତ ନିଯୋଗ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ମଧ୍ୟ '୫-ଟି' ଅଧ୍ୟକ୍ଷଙ୍କୁ ଭେଟିଥିଲେ ।

ଉଲ୍ଲେଖଥାଉ କି, ନବଗଠିତ କଣ୍ଟାବାଞ୍ଜି ମ୍ୟୁନିସିପାଲିଟି, କୁକୁଡାଖଣ୍ଡି, ଡୁଙ୍ଗୁରିପାଲି, ପରଜଙ୍ଗ, ପାଲଲହଡ଼ା, ବେଲପଡ଼ା, ଚାନ୍ଦିଲି, ମୁନିଗୁଡ଼ା, ବିଷମକଟକ ଓ ବଣେଇ ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କ ସହିତ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଅତନୁ ସବ୍ୟସାଚୀ ନାୟକ, ଜଗନ୍ନାଥ ସାରକା, ପ୍ରୀତିରଞ୍ଜନ ଘଡ଼ାଇ, ସାଂସଦ ମାନସ ମଙ୍ଗରାଜ, ବିଧାୟକ ନୃସିଂହ ସାହୁ, ମୁକେଶ କୁମାର ପାଳ, ସରୋଜ କୁମାର ମେହେର, କଟକ ମେୟର ସୁବାସ ସିଂ ଏବଂ ଅନ୍ୟ ନେତୃବୃନ୍ଦ ଆଜି ନବୀନ ନିବାସଠାରେ '୫-ଟି' ଅଧ୍ୟକ୍ଷଙ୍କୁ ଭେଟିଥିଲେ ।

ରତ୍ନଭଣ୍ଡାର ତଦାରଖ କମିଟି ବୈଠକ

# ରଥଯାତ୍ରା ବେଳେ ହେବ ରତ୍ନଅଳଙ୍କାର ଯାଞ୍ଚ !

**ପୁରୀ, ୯ ।୩ (ସମିସ):** ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ମହାପ୍ରଭୁଙ୍କ ଦୁର୍ଲଭ ରତ୍ନ ଅଳଙ୍କାରର ଯାଞ୍ଚ ହେବ । ସମ୍ଭବତଃ ଆସନ୍ତା ରଥଯାତ୍ରା ସମୟରେ ପୂର୍ବ ତାଲିକା ଅନୁଯାୟୀ ମହାପ୍ରଭୁଙ୍କ ଅଳଙ୍କାର ଏବଂ ବିଭିନ୍ନ ମୂଲ୍ୟବାନ ବସ୍ତୁର ମେଳ କରାଯିବ । ଏଥିପାଇଁ ଗଠନ କରାଯାଇଥିବା ୧୨ଜଣିଆ ରତ୍ନ ଭଣ୍ଡାର ତଦାରଖ କମିଟିର ପ୍ରଥମ ବୈଠକରେ ଏହି ଆଲୋଚନା ହୋଇଛି ।



ବିଶେଷକରି ଶ୍ରୀମନ୍ଦିର ନୀତିକାନ୍ତି ଓ ଦର୍ଶନ ବ୍ୟବସ୍ଥାକୁ ନଜରରେ ରଖି ରତ୍ନ ଅଳଙ୍କାର ଅନୁଧ୍ୟାନ ପାଇଁ ନିର୍ଦ୍ଦିଷ୍ଟ ସମୟ ଚୂଡ଼ାନ୍ତ ହେବ । ତେବେ ଶେଷଥର ପାଇଁ ୧୯୭୮ ମସିହାରେ ହୋଇଥିବା ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି ତାଲିକାକୁ ପ୍ରଶାସନଠାରୁ ମାଗିଛି କମିଟି । ଏହି ତାଲିକା ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି କମିଟି ଅଧ୍ୟକ୍ଷ ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପାଶାୟତ ।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ମୂଲ୍ୟବାନ ରତ୍ନ ଅଳଙ୍କାର ଓ ବସ୍ତୁଗୁଡ଼ିକର ଗଣତି ନେଇ ଗଢ଼ାଯାଇଥିବା କମିଟିର ପ୍ରଥମ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବିଚାରପତି ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ କମିଟି ସଦସ୍ୟମାନେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ । ୧୯୭୮ ମସିହାରେ ଶେଷଥର ପାଇଁ ରତ୍ନଭଣ୍ଡାର ଖୋଲାଯାଇ ଗଣତି ହୋଇଥିବା ରିପୋର୍ଟକୁ ନେଇ ଆଗାମୀ ଦିନରେ ରତ୍ନ ଅଳଙ୍କାରଗୁଡ଼ିକ ତଦାରଖ କରାଯିବା ପାଇଁ ନିଷ୍ପତ୍ତି ହୋଇଛି ।

ବୈଠକ ଶେଷରେ ଅଧ୍ୟକ୍ଷ ଜଷ୍ଟିସ୍ ପଶାୟତ କହିଛନ୍ତି, ଶେଷଥର ପାଇଁ ୧୯୭୮ ମସିହାରେ ରତ୍ନ ଅଳଙ୍କାର ଗଣତି ହୋଇ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ସେହି ରିପୋର୍ଟ ପାଇବା ପରେ ଆମେ ତାଲିକା ସହିତ ରତ୍ନ ଅଳଙ୍କାର ମେଳ କରିବୁ । ୧୯୭୮ ମସିହା ପରେ ଆଉ କିଛି ଅଳଙ୍କାର ବି ରଖାଯାଇଛି । ପୁରୁଣା ତାଲିକା ସହିତ ମେଳ କରାଯିବା ପରେ ଏହାକୁ ପୁନଶ୍ଚ ତାଲିକାଭୁକ୍ତ କରାଯିବ । ତେବେ ଗଣତି ପାଇଁ ରତ୍ନଭଣ୍ଡାର ଭିତରକୁ କେଉଁ ସମୟରେ ଯିବା ଠିକ୍ ହେବ ତା' ଉପରେ ମଧ୍ୟ ଆଲୋଚନା କରାଯାଇଛି । ଠାକୁରଙ୍କ ନୀତିକାନ୍ତି, ଭକ୍ତଙ୍କ ଦର୍ଶନକୁ ଏଥିପାଇଁ ବାଧା ଦେଇ ହେବନି । ତେଣୁ ରଥଯାତ୍ରା ସମୟ ହିଁ ଉପଯୁକ୍ତ ହେବ ବୋଲି ଆଲୋଚନା ହୋଇଛି । ସ୍ନାନ ପୂର୍ଣ୍ଣିମା ଅର୍ଥାତ୍ ଅଣସରରେ ଠାକୁର ଥିବା ସମୟ ବି ଆଲୋଚନା ପରିସରକୁ ଆସିଥିଲା । ହେଲେ ସେତେବେଳେ ମହାପ୍ରଭୁଙ୍କର ଗୁପ୍ତନୀତି ଥିବାରୁ ଏହା ସମ୍ଭବ ହେବ ନାହିଁ ବୋଲି ସେବାୟତମାନେ କହିଥିଲେ । ଏପରିକି ସ୍ୱତନ୍ତ୍ର ଏଣ୍ଡୋସ୍କୋପି କ୍ୟାମେରା ଦ୍ୱାରା ବୈଷୟିକ ଜ୍ଞାନକୌଶଳ ବ୍ୟବହାର ଅଳଙ୍କାରଗୁଡ଼ିକର ଗଣତି ନେଇ ମଧ୍ୟ ପ୍ରସ୍ତାବ ଆସିଥିଲା । ଏମିତି ବିଭିନ୍ନ ଦିଗକୁ ନେଇ ପ୍ରାଥମିକ ଆଲୋଚନା ହୋଇଛି ।

**■ ୧୯୭୮ ମସିହା ଗଣତି ରିପୋର୍ଟ ମାଗିଛି କମିଟି**
**■ ଆବଶ୍ୟକ ପଡ଼ିଲେ କ୍ୟାମେରା ମାଧ୍ୟମରେ ହୋଇପାରେ ଅନୁଧ୍ୟାନ**

୧୯୭୮ ମସିହାରେ ରତ୍ନ ଅଳଙ୍କାର ଗଣତି ପାଇଁ ପ୍ରାୟ ୪ ମାସ ସମୟ ଲାଗିଥିଲା । କାରଣ ସେତେବେଳେ ସେହି ଅଳଙ୍କାରର ଶୁଦ୍ଧତା ପରଖିବାକୁ ପଡ଼ିଥିଲା । ହେଲେ ଏବେ ତାହା କରିବାକୁ ପଡ଼ିବ ନାହିଁ । କେବଳ ପୁରୁଣା ତାଲିକାକୁ ଦେଖି ନମ୍ବର ଅନୁସାରେ ବର୍ତ୍ତମାନ ଗଚ୍ଛିତ ତାଲିକାର ତଦାରଖ କରାଯିବ । ତେବେ ଯାହା ସୂଚନା ରହିଛି, ବ୍ରିଟିଶ ଶାସନ ସମୟରେ ଅର୍ଥାତ୍ ୧୯୨୬ ମସିହାରେ ରତ୍ନ ଅଳଙ୍କାର ଗଣତି ହୋଇଥିଲା । ଏହାପରେ ୧୯୭୮ ମସିହାରେ ଗଣତି କରାଯାଇଥିଲା । ପରବର୍ତ୍ତୀ ସମୟରେ ୧୯୮୨ ଏବଂ ୧୯୮୫ରେ ସାମାନ୍ୟ ତଦାରଖ କରାଯାଇଥିଲା । ଏହାପରେ ଆଉ ଗଣତି ହୋଇନାହିଁ ବୋଲି କହିଛନ୍ତି ଜଷ୍ଟିସ ପଶାୟତ । ସୂଚନାଥାଉ କି, ୨୦୧୮ ମସିହାରେ ରତ୍ନଭଣ୍ଡାର ଖୋଲାଯିବା ପାଇଁ ଉଦ୍ୟମ ହୋଇଥିଲେ ହେଁ ଚାବି ନ ମିଳିବାରୁ ଖୋଲାଯାଇପାରି ନ ଥିଲା ।

ଅନ୍ୟପକ୍ଷରେ ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାର ଓ ମୂଲ୍ୟବାନ ବସ୍ତୁ ଆଦିର ସଂରକ୍ଷଣ ଆବଶ୍ୟକତା ରହିଥିବା ବେଳେ ଏ ଦିଗରେ କମିଟି ନିଷ୍ପତ୍ତି ଅନୁସାରେ ଏଏସ୍ଆଇ କାର୍ଯ୍ୟ କରିବ ବୋଲି କହିଛନ୍ତି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ । ଆମେ ପୂର୍ବରୁ କୋଣାର୍କ ମନ୍ଦିରରେ ଏଣ୍ଡୋସ୍କୋପି କରିଥିଲୁ । ସେଥିରୁ ଫାଟ ଜାଣିଥିଲୁ । କିନ୍ତୁ ଶ୍ରୀମନ୍ଦିରରେ କେବେ କରିନାହୁଁ । ଏଠାରେ କେମିତି ଏଣ୍ଡୋସ୍କୋପି କରାଯିବ, ସେନେଇ ଆମେ ସନ୍ଦେହରେ ଅଛୁ । ତେବେ ଏକକାଳୀନ ଗଣତି ଏବଂ ରତ୍ନଭଣ୍ଡାର ସଂରକ୍ଷଣ କେମିତି କରାଯିବ ତା' ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ବୋଲି ଗଡ଼ନାୟକ କହିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ରତ୍ନଭଣ୍ଡାର ତଦାରଖ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

■ ବେଆଇନ ଲୁହାପଥର ଖଣି ଖନନ ମାମଲା

## ଭୁବନେଶ୍ୱର, ପଶ୍ଚିମବଙ୍ଗ ସମେତ ୧୨ଟି ସ୍ଥାନରେ ଚଢ଼ଉ

**ଭୁବନେଶ୍ୱର, ୯ ।୩(ସମିସ):** ବେଆଇନ ଲୁହାପଥର ଖଣି ଖନନ ସ୍କାମ୍‌ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓଡ଼ିଶାର ଭୁବନେଶ୍ୱର, ବଡ଼ବିଲ୍, ରାଉରକେଲା ଓ ପଶ୍ଚିମବଙ୍ଗ ସମେତ ୧୨ଟି ସ୍ଥାନରେ ଚଢ଼ଉ କରିଛି । ଦୀପକ ଷ୍ଟିଲ ଆଣ୍ଡ ପାୱାର୍ ଲିମିଟେଡ ଏବଂ ସ୍ନେହାପୁସଫ ମାର୍କେଟିଂ (ପି) ଲିମିଟେଡ କମ୍ପାନୀ ଏବଂ ଏହି କମ୍ପାନୀ ସହ ଲିଙ୍କ୍ ଥିବା ଅନ୍ୟ କମ୍ପାନୀମାନଙ୍କରେ ଇଡି ଚଢ଼ଉ କରିଥିଲା । କେଉଁଝର ଜିଲ୍ଲା ଯୋଡ଼ାରେ ବେଆଇନ ଲୁହାପଥର ଖଣି ଦୁର୍ନୀତି ମାମଲାରେ ଏହି ଚଢ଼ଉ କରାଯାଇଥିବା ଇଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

**■ ୩୦ଲକ୍ଷ, ୨କେଜି ସୁନା, ଦାମୀ କାର୍ ଜବତ**
**■ ୬ଟି ବ୍ୟାଙ୍କ୍ ଆକାଉଣ୍ଟରେ ଥିବା ୧.୨୩ କୋଟି ଅଚଳ**

ଚଢ଼ଉ ବେଳେ ଇଡି ନଗଦ ୩୦ ଲକ୍ଷ ଟଙ୍କା, ୨ କେଜିର ସୁନା ଅଳଙ୍କାର ଜବତ କରିଛି । ଜବତ ଅଳଙ୍କାରର ମୂଲ୍ୟ ୧.୨୪କୋଟି ଟଙ୍କା ହେବ । ଏଥିସହ ୨୦୨୦ରେ ପଞ୍ଜୀକରଣ ହୋଇଥିବା ଗୋଟିଏ ଭଲୋଭୋ କାର୍, ଏକାଧିକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ଡିଜିଟାଲ ପ୍ରମାଣ ଏବଂ ଏକାଧିକ ସମ୍ପତ୍ତି ଦସ୍ତାବିଜ୍ ଇଡି ଜବତ କରିଛି । ୨ଟି ବ୍ୟାଙ୍କ୍ ଆକାଉଣ୍ଟକୁ ଅଚଳ କରାଯାଇଥିବା ବେଳେ କମ୍ପାନୀ ସହ ଜଡ଼ିତ ନିର୍ଦ୍ଦେଶକଙ୍କ ୬ଟି ବ୍ୟାଙ୍କ୍ ଆକାଉଣ୍ଟରେ ଥିବା ୧.୨୩ କୋଟି ଟଙ୍କାକୁ ଫ୍ରିଜ୍ କରାଯାଇଛି । ପୂର୍ବରୁ ଏହି ଦୁର୍ନୀତି ମାମଲାରେ କମ୍ପାନୀର ସ୍ଥାବର ଏବଂ ଅସ୍ଥାବର ସଂପତ୍ତିକୁ ମିଶାଇ ୨୭୯କୋଟି ଟଙ୍କା ଆଟାଚ୍ କରାଯାଇଥିଲା । ବେଆଇନ ଖଣି ଖନନ କରିବା ଏବଂ ଏକାଧିକ ସେଲ୍ କମ୍ପାନୀ ଖୋଲି କାରବାର ନେଇ ପ୍ରଥମେ ଭିଜିଲାନ୍ସ ଓ ପରେ ଇଡି ଦୀପକ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ଏବଂ ସ୍ନେହାପୁସଫ ମାର୍କେଟିଂ କମ୍ପାନୀର ନିର୍ଦ୍ଦେଶକ ଦୀପକ ଗୁପ୍ତା, ହରିଚରଣ ଗୁପ୍ତା ଏବଂ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଥିଲା ।

ହାତୀ-ମଣିଷ ଲଢ଼େଇରେ ରାଜ୍ୟର ଅଲୋଡ଼ା ରେକର୍ଡ

# ଓଡ଼ିଶାରେ ମରିଛନ୍ତି ସର୍ବାଧିକ ଲୋକ

**ଭୁବନେଶ୍ୱର, ୯ ।୩(ସମିସ):** ହାତୀ-ମଣିଷ ଲଢ଼େଇ ଏବଂ ଏଥିଯୋଗୁଁ ମୃତାହତଙ୍କ ସଂଖ୍ୟା ଦେଶରେ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି । ସବୁଠୁ ଉଦ୍‌ବେଗଜନକ କଥା ହେଲା, ଓଡ଼ିଶା ଏହି ଅଘଟଣର ସର୍ବାଧିକ ସାକ୍ଷୀ ପାଲଟୁଛି । ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ଏକ ରିପୋର୍ଟ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷରେ (ମାର୍ଚ୍ଚ ୮ ତାରିଖ ସୁଦ୍ଧା) ହାତୀ-ମଣିଷ ଲଢ଼େଇରେ ଦେଶର ସର୍ବାଧିକ ଲୋକେ ଓଡ଼ିଶାର ହିଁ ମରିଛନ୍ତି । ଏହି ବର୍ଷରେ ମୋଟ ୨୪୯ଟି ହାତୀ-ମଣିଷ ଲଢ଼େଇ ହୋଇଥିବା ବେଳେ ୧୪୯ଟି ଜୀବନ ଯାଇଛି । ସେହିପରି ଲଢ଼େଇରେ ମୋଟ ୧୨୨ ଜଣ ଲୋକ ଆହତ ହୋଇଛନ୍ତି । ୨୦୨୨-୨୩ରେ ଓଡ଼ିଶାରେ ହାତୀ-ମଣିଷ ଲଢ଼େଇରେ ମୃତକଙ୍କ ସଂଖ୍ୟା ୧୪୮ ଥିବା ବେଳେ ଏହା ଉକ୍ତ ବର୍ଷ ଦେଶରେ ସର୍ବାଧିକ ଥିଲା । ଗତ ୭ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ବଣେଇ ବନଖଣ୍ଡ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ଜୀବନ ଯିବା ସହ ୨୦୨୩-୨୪ରେ ଏହି ସଂଖ୍ୟା ୧୪୯କୁ ବୃଦ୍ଧି ପାଇଛି । ଏହି ବର୍ଷ ଶେଷ ହେବାକୁ ଆହୁରି ୨୩ ଦିନ ବାକି ଥିବା ବେଳେ ଓଡ଼ିଶା ଏ କ୍ଷେତ୍ରରେ ପୁନଶ୍ଚ ଅଲୋଡ଼ା ରେକର୍ଡ ହାସଲ କରିବାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଲଗାତାର ଦୁଇ ବର୍ଷ ଧରି ଓଡ଼ିଶାରେ ହିଁ ହାତୀ-ମଣିଷ ଲଢ଼େଇରେ ସର୍ବାଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଏହା ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି ।

ଅପରପକ୍ଷେ ପରିବେଶବିତ ଏନେଇ ଅନ୍ୟ ଏକ ଦିଗକୁ ନେଇ ମଧ୍ୟ ବେଶି ଚିନ୍ତା ପ୍ରକଟ କରୁଛନ୍ତି । ୨୦୧୭ ମସିହାରେ ଦେଶବ୍ୟାପୀ ଅନୁଷ୍ଠିତ ହାତୀ ଗଣନା ରିପୋର୍ଟ ଅନୁଯାୟୀ, ଓଡ଼ିଶାଠାରୁ ଯଥେଷ୍ଟ ଅଧିକ ହାତୀ କର୍ଣ୍ଣାଟକ, ଆସାମ, କେରଳ ଓ ତାମିଲନାଡୁରେ ରହିଛନ୍ତି । ଓଡ଼ିଶାରେ ୧୯୭୬ଟି ହାତୀ ରହିଥିବା ବେଳେ କର୍ଣ୍ଣାଟକରେ ୬୦୪୯, ଆସାମରେ ୫୭୧୯ ଓ କେରଳରରେ ୩୦୫୪ଟି ହାତୀ ଅଛନ୍ତି । ତେବେ



**■ ଦେଶର ସର୍ବାଧିକ ମୃତକ ଓଡ଼ିଶାର, ମୃତ୍ୟୁସଂଖ୍ୟା ଗତବର୍ଷକୁ ଟପିଲା**
**■ ୨୦୨୨-୨୩ରେ ଯାଇଥିଲା ୧୪୮ ଲୋକଙ୍କ ଜୀବନ**
**■ ୨୦୨୩-୨୪ ମାର୍ଚ୍ଚ ୮ ସୁଦ୍ଧା ଓଡ଼ିଶାରେ ଗଲାଣି ୧୪୯ ଜଣଙ୍କ ଜୀବନ**
**■ ଉଭୟ ବର୍ଷରେ ଓଡ଼ିଶାର ମୃତକଙ୍କ ସଂଖ୍ୟା ଦେଶସାରା ସର୍ବାଧିକ**

ଓଡ଼ିଶାରେ କ'ଣ ପାଇଁ ଏତେସଂଖ୍ୟକ ଲୋକଙ୍କ ଜୀବନ ଯାଉଛି, ସେନେଇ ଚିନ୍ତା କରିବାର ସମୟ ଆସିଛି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କେବଳ ୨୦୨୩-୨୪ରେ ନୁହେଁ, ବରଂ ୨୦୧୯-୨୦ରୁ ୨୦୨୧-୨୨ରେ ମଧ୍ୟରେ ଓଡ଼ିଶା ଏ କ୍ଷେତ୍ରରେ ଦେଶବ୍ୟାପୀ ସର୍ବାଗ୍ରେ ରହିଥିଲା । ଉପରୋକ୍ତ ୩ ବର୍ଷରେ ହାତୀ-ମଣିଷ ଲଢ଼େଇରେ ଦେଶବ୍ୟାପୀ ୧୫୭୯ ଜଣ ଲୋକଙ୍କର ଜୀବନ ଯାଇଥିବା ବେଳେ ସେଥିରୁ ଓଡ଼ିଶାର ସର୍ବାଧିକ ୩୨୨ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏହା ପଛକୁ ଝାଡ଼ଖଣ୍ଡରେ ୨୯୧, ପଶ୍ଚିମ ବଙ୍ଗରେ ୨୪୦, ଆସାମରେ ୨୨୯, ଛତିଶଗଡ଼ରେ ୧୮୩ ଓ ତାମିଲନାଡୁରେ ୧୫୨ ଜଣ ସାଧାରଣ ଲୋକଙ୍କର ଜୀବନଦୀପ ହାତୀ-ମଣିଷ ଲଢ଼େଇରେ ଲିଭି ଯାଇଥିଲା । ସେହିପରି ଅନ୍ୟ ଏକ ପରିସଂଖ୍ୟାନ ଅନୁଯାୟୀ ଗତ ୩ ବର୍ଷରେ ପ୍ରତି ୧୦୦ ହାତୀରେ ଓଡ଼ିଶାରେ ୧୮ ଜଣ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ ଆସାମରେ ଏହି ସଂଖ୍ୟା ମାତ୍ର ୪ ଜଣରେ ସୀମିତ ରହିଛି । ଚଳିତ ବର୍ଷ ହାତୀ-ମଣିଷ ଲଢ଼େଇରେ ଢେଙ୍କାନାଳରେ ସର୍ବାଧିକ ୩୧ ଜଣଙ୍କର ଜୀବନ ଯାଇଥିବା ବେଳେ ଅନୁଗୋଳରେ ୨୪, ସୁନ୍ଦରଗଡ଼ରେ ୨୨, କେନ୍ଦୁଝରରେ ୧୮, ମୟୂରଭଞ୍ଜରେ ୧୦, ସମ୍ବଲପୁରରେ ୮ ଓ ଖୋର୍ଦ୍ଧାରେ ୭ ଜଣଙ୍କ ଜୀବନ ଯାଇଛି ।

ସେହିପରି ବିଗତ ୫ ବର୍ଷ ଅର୍ଥାତ୍ ୨୦୧୯-୨୦ରୁ ୨୦୨୩-୨୪ ଆର୍ଥିକ ବର୍ଷର ମାର୍ଚ୍ଚ ୮ ତାରିଖ ମଧ୍ୟରେ ମୋଟ ୩୯୨ଟି ହାତୀଙ୍କର ଜୀବନ ଯାଇଛି । ତନ୍ମଧ୍ୟରୁ ୧୩୭ଟି ହାତୀଙ୍କର ଅପ୍ରାକୃତିକ ମୃତ୍ୟୁ ହୋଇଥିବା ବେଳେ ୯୪ଟି ହାତୀଙ୍କର ମୃତ୍ୟୁର କାରଣ ଜଣାପଡ଼ି ନଥିବା ନେଇ ଜଙ୍ଗଲ ବିଭାଗ ତଥ୍ୟରୁ ଜଣାପଡ଼ିଛି ।

ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ସମ୍ପାଦକ ଡ. ବିଶ୍ୱଜିତ୍ ମହାନ୍ତି ହାତୀ-ମଣିଷ ଲଢ଼େଇ ଏବଂ ଏଥିରେ ଓଡ଼ିଶାରେ ଘଟୁଥିବା ସର୍ବାଧିକ ମୃତାହାତ ସଂଖ୍ୟାକୁ ନେଇ ବିଭିନ୍ନ କାରଣ ଦର୍ଶାଇଛନ୍ତି । ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ହାତୀଙ୍କ ନିତିଦିନିଆ ଚଲାପଥରେ ରେଙ୍ଗାଲୀ କେନାଲ ନେଟୱାର୍କ ବାଧା ସୃଷ୍ଟି କରିବା, ହାତୀଙ୍କ ଚଲାପଥ କ୍ରମଶଃ ସଙ୍କୁଚିତ ହୋଇପଡ଼ିବା, ଢେଙ୍କାନାଳ ଜିଲ୍ଲାରେ ଶିଳ୍ପାୟନ ୨୦୧୧ରୁ ୨୦୨୧ ମଧ୍ୟରେ ୧୦ ଗୁଣ ବୃଦ୍ଧି ପାଇବା ହାତୀଙ୍କ ଜୀବନଶୈଳୀକୁ ଗୁରୁତର ଭାବେ ପ୍ରଭାବିତ କରୁଛି ବୋଲି ସେ କହିଛନ୍ତି । ସେହିପରି ହାତୀମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ନମିଳିବା ମଧ୍ୟ ଏହାର ଏକ ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ ଦର୍ଶାଇଛନ୍ତି । ସେହିପରି ଜଙ୍ଗଲ ବିଭାଗର ଉଦାସୀନତାକୁ ମଧ୍ୟ ଏ କ୍ଷେତ୍ରରେ ପରିବେଶବିତ୍‌ମାନେ ଦାୟୀ କରିଛନ୍ତି । ବନ୍ୟପ୍ରାଣୀ ସଂଘର୍ଷ ରୋକିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ୮ବର୍ଷ ତଳେ ବିଭାଗ ଏକ ଘରୋଇ ପରାମର୍ଶଦାତାକୁ ନିଯୁକ୍ତ କରିଥିଲା । ମୋଟ ୩.୬୭ କୋଟି ଟଙ୍କା ବ୍ୟୟରେ ଏହି ସଂସ୍ଥାକୁ ନିଯୁକ୍ତ କରାଯାଇଥିଲା । ଏହା ସତ୍ତ୍ୱେ ଜଙ୍ଗଲ ବିଭାଗ ଏପରି ଘଟଣାକୁ ରୋକିବାରେ ଆପାତତଃ ବିଫଳ ହୋଇଛି ବୋଲି ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି ।

## ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

**କୋଇଡ଼ା, ୯ ।୩(ସମିସ):** ପରିବାରଲୋକଙ୍କ ସାମ୍ନାରେ ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତାହାତୀ । ସୁନ୍ଦରଗଡ଼ ଜିଲ୍ଲା କୋଇଡା ରେଞ୍ଜ କୁସୁମୁଣ୍ଡି ଗ୍ରାମରେ ଏହି ଅଘଟଣ ଘଟିଛି । ମୃତ ମହିଳାଜଣଙ୍କ ହେଲେ, ପୁଣ୍ଡୁପୋଖରୀ ସାହିର ଇତୱାରୀ ଭଦ୍ରା । ସୂଚନାନୁଯାୟୀ, ଶୁକ୍ରବାର ରାତ୍ରି ପ୍ରାୟ ୩ଟାରେ ଏକ ଦନ୍ତା ହାତୀ ଖାଦ୍ୟ ଅନ୍ୱେଷଣରେ ପୁଣ୍ଡୁପୋଖରୀ ସାହି ଭିତରକୁ ପଶି ଆସିଥିଲା । ଗ୍ରାମବାସୀ ତାକୁ ଘଉଡ଼ାଇଥିଲେ । ସେତିକିବେଳେ ଲୋକଙ୍କ ପାଟି ଶୁଣି ଇତୱାରୀ ଜୀବନ ବିକଳରେ ଘର ବାହାରକୁ ଦୌଡ଼ି ଆସିଥିଲେ । ଦୁର୍ଭାଗ୍ୟବଶତଃ ସେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ଦନ୍ତାଟି ତାଙ୍କୁ ଟାଣିନେଇ ପରିବାର ଲୋକଙ୍କ ସାମ୍ନାରେ କଚାଡ଼ି ଦେଇଥିଲା । ଘଟଣାସ୍ଥଳରେ ବନ ବିଭାଗର ଏକ ଦଳ ପହଞ୍ଚି ଇତୱାରୀଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୋଇଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ।

■ ମାଓବାଦୀ-ସୁରକ୍ଷାକର୍ମୀ ଗୁଳି ବିନିମୟ

## ଅସ୍ତ୍ରଶସ୍ତ୍ର ସହ ମାଓ ସାମଗ୍ରୀ ଜବତ

**ଫୁଲବାଣୀ, ୯ ।୩ (ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅନ୍ତର୍ଗତ ବଣ୍ଡାପିପିଲି ଅଞ୍ଚଳରେ ଶନିବାର ସଂଧ୍ୟାରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି । ଯବାନମାନେ କମ୍ବିଂ ଅପରେସନ୍ ଚଳାଇଥିବା ବେଳେ ସେଠାରେ କ୍ୟାମ୍ପ କରିଥିବା ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ । ସୁରକ୍ଷା କର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ପାଲଟା ଜବାବ ଦିଆଯାଇଥିଲା । ଦୀର୍ଘ ସମୟ ଧରି ଗୁଳି ଚାଳନା ପରେ ଯବାନଙ୍କ ମୁକାବିଲା କରି ନପାରି ମାଓବାଦୀମାନେ କିଛି କ୍ଷଣ ମଧ୍ୟରେ ଛତ୍ରଭଙ୍ଗ ଦେଇଥିଲେ । ସେମାନଙ୍କ କ୍ୟାମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ ହୋଇଛି । ଏଥିରେ କେହି ମୃତାହତ ହୋଇ ନଥିବା ଜଣାପଡ଼ିଛି । ଘଟଣାସ୍ଥଳରୁ ହ୍ୟାଣ୍ଡ ଗ୍ରେନେଡ୍, ଜିଲୋଟିନ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଓ ବିପୁଳ ମାଓ ସାମଗ୍ରୀ ଜବତ ହୋଇଥିବା କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଆହୁରି ଜୋରଦାର କରାଯାଇଛି ।

**ଛତ୍ରଭଙ୍ଗ ଦେଲେ ମାଓବାଦୀ**





- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-255 •BHUBANESWAR •SUNDAY •10 MARCH 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୫ •ଭୁବନେଶ୍ୱର •ରବିବାର •୧୦ ମାର୍ଚ୍ଚ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦ (ସିନ୍ଦୂରା ସହ)







### ▶▶ ଓଡ଼ିଶା କ୍ରୀଡ଼ା ମାନଚିତ୍ରରେ ଯୋଡ଼ିହେଲା ନୂଆ ଫର୍ଦ୍ଦ

# ଦକ୍ଷିଣ ଏସିଆର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଉଦ୍‌ଘାଟିତ

- ୧୨୦ କୋଟି ବ୍ୟୟରେ ନିର୍ମାଣ ହୋଇଛି ଆଥ୍‌ଲେଟିକ୍ସ ସେଣ୍ଟର
- ପାଣିପାଗ ସାଜିବନି ବାଧକ; ବର୍ଷସାରା ତାଲିମ ସୁବିଧା
- ୧୦୦ ଓ ୨୦୦ ମିଟର ଟ୍ରାକ୍ ଉପଲବ୍ଧ
- ୧୨୦ କ୍ରୀଡ଼ାବିତ୍ ରହି ନେଇପାରିବେ ପୂର୍ଣ୍ଣକାଳୀନ ପ୍ରଶିକ୍ଷଣ
- ଇନ୍‌ଡୋର ଜଳକ୍ରୀଡ଼ା କେନ୍ଦ୍ର ଉଦ୍‌ଘାଟିତ
- ଇନ୍‌ଡୋର ଡାଇଭିଂ ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ



### ପ୍ରତିକୂଳ ପାଗରେ ବି ବର୍ଷସାରା ଅଭ୍ୟାସ କରିପାରିବେ କ୍ରୀଡ଼ାବିତ୍: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୯ ।୩ (ସମିସ):** ଓଡ଼ିଶା କ୍ରୀଡ଼ା ମାନଚିତ୍ରରେ ଶନିବାର ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି । ଦକ୍ଷିଣ ଏସିଆ ତଥା ଦେଶର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଏହି ବିଶ୍ୱସ୍ତରୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି । ପୂର୍ବରୁ କଳିଙ୍ଗ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ମାଧ୍ୟମରେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା ଓଡ଼ିଶା । ଏବେ ଏହି ତାଲିକାରେ ଇଣ୍ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଯୋଡ଼ି ହୋଇଯାଇଛି । ଏହାବାଦ୍ ଶନିବାର ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମ ପରିସରରେ ନବନିର୍ମିତ ଇନ୍‌ଡୋର୍ ଜଳକ୍ରୀଡ଼ା କେନ୍ଦ୍ର (ଆକ୍ୱାଟିକ ସେଣ୍ଟର)କୁ ଉଦ୍‌ଘାଟିତ କରିବା ସହ ଇନଡୋର୍ ଡାଇଭିଂ ସେଣ୍ଟର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଏହି ଇନ୍‌ଡୋର ଆଥ୍‌ଲେଟିକ ସେଣ୍ଟର ଉଦ୍‌ଘାଟିତ ହେବା ସହ ସମଗ୍ର ରାଜ୍ୟ ତଥା ଦେଶର କ୍ରୀଡ଼ାବିତ୍‌ଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଛି । ଉଦୀୟମାନ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସରେ ପାଗ ଏବେ ଆଉ ପ୍ରତିବନ୍ଧକ ସାଜିପାରିବ ନାହିଁ । ଏବେ ସେମାନେ ଖରା, ବର୍ଷା, ଶୀତ ବର୍ଷସାରା ଯେକୌଣସି ସମୟରେ ଏଠାରେ ଅଭ୍ୟାସ କରି ନିଜକୁ ବିଭିନ୍ନ ପ୍ରତିଯୋଗିତା ଲାଗି ପ୍ରସ୍ତୁତ କରିପାରିବେ । ଏହାକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହି ନବନିର୍ମିତ ଇନଡୋର୍ ସେଣ୍ଟର ଆମର କ୍ରୀଡ଼ାବିତ୍‌ଙ୍କୁ କୌଣସି ପ୍ରତିକୂଳ ପାଗରେ ମଧ୍ୟ ବର୍ଷସାରା ଅଭ୍ୟାସ ଓ ପ୍ରଶିକ୍ଷଣର ସୁବିଧା ଯୋଗାଇବ । ଉଭୟ ଇନଡୋର୍ ଆଥ୍‌ଲେଟିକ୍ସ ଓ ଜଳକ୍ରୀଡ଼ା କେନ୍ଦ୍ର ଜାତୀୟ ଓ ଅନ୍ତର୍ଜାତୀୟସ୍ତରର କ୍ରୀଡ଼ା କ୍ଷେତ୍ରରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିବ । ଓଡ଼ିଶାର କ୍ରୀଡ଼ାକୁ ମଜଭୁତ କରିବା ଲାଗି ସହାୟତାର ହାତ ବଢ଼ାଇଥିବା ରିଲାଏନ୍ସ ଫାଉଣ୍ଡେସନ, ଜେଏସ୍‌ଡବ୍ଲ୍ୟୁ ଓ ଇନସ୍ପାୟାର ଇନଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଆଥ୍‌ଲେଟ ଓ ସନ୍ତରଣକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ପ୍ରସ୍ତୁତି ଓ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ ।

**୧୦୦, ୨୦୦ ମିଟର ଟ୍ରାକ୍ ସହ ଏକାଧିକ ସୁବିଧା:** ଦକ୍ଷିଣ ଏସିଆର ଏହି ପ୍ରଥମ ଇନଡୋର୍ ଆଥ୍‌ଲେଟିକ୍ସ ସେଣ୍ଟରକୁ ବିଶ୍ୱ ଆଥ୍‌ଲେଟିକ୍ସ ପକ୍ଷରୁ କାଟେଗୋରୀ-୧ ମାନ୍ୟତା ମିଳିଛି । ଏହି ଷ୍ଟାଡିୟମ ୧୨୦ ଗୁଣା ୬୦ ମିଟର ପରିମିତ କ୍ଷେତ୍ରରେ ନିର୍ମିତ ହୋଇଛି । ଏହାର ନିର୍ମାଣ ଲାଗି ୧୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା ।

▶ପୃଷ୍ଠା-୧୦

# ୧୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

**ଭୁବନେଶ୍ୱର, ୯ ।୩(ସମିସ):** ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ୟୁନିଟି ମଲ ପ୍ରକଳ୍ପ ନିର୍ମାଣ ହେବ । ପୁଞ୍ଜି ନିବେଶ ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପ୍ରଦାନ କରୁଥିବା ସ୍ୱତନ୍ତ୍ର ସହାୟତା ଅଧିନରେ ଏହି ପ୍ରକଳ୍ପ ନିର୍ମାଣ ହେବାକୁ ଥିବାବେଳେ ଏଥିପାଇଁ ମୋଟ ୧୮୭.୧୨ କୋଟି ଟଙ୍କା ଖର୍ଚ୍ଚ ହେବ । ପ୍ରକଳ୍ପ ପାଇଁ ବିଡ୍ ଡାକିଥିବା ମେସର୍ସ ଇଶ୍ୱର ସିଂ ଆଣ୍ଡ ଆସୋସିଏଟ କନଷ୍ଟ୍ରକସନ୍ ପ୍ରା.ଲି ଡାକିଥିବା ଟେଣ୍ଡରକୁ ଆଜି ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି । ଏହାବ୍ୟତୀତ ବିଭିନ୍ନ ବିଭାଗର ମୋଟ ୧୭ଟି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି ।

- ଗଣ୍ଡମୁଣ୍ଡାରେ ନିର୍ମାଣ ହେବ ୟୁନିଟି ମଲ୍ ପ୍ରକଳ୍ପ
- ଓଡ଼ିଶା(ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଅନୁଦାନ ନିୟମ, ୨୦୧୪ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ
- ୧୨୬୩ ଜଣ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ହେବେ ଉପକୃତ
- ଓଡ଼ିଶା ହସ୍ତଶିଳ୍ପ ସେବା(ଓଏଚ୍‌ଏସ) କ୍ୟାଡର ଏବଂ ଓଡ଼ିଶା ଅଧସ୍ତନ ହସ୍ତଶିଳ୍ପ ସେବା(ଓଏସଏଚଏସ) କ୍ୟାଡରର ପୁନର୍ବିନ୍ୟାସ ପ୍ରସ୍ତାବ



ଅନ୍ୟ ନିଷ୍ପତ୍ତି ମଧ୍ୟରେ ଓଡ଼ିଶା(ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଅନୁଦାନ ନିୟମ, ୨୦୧୪ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହି ନିଷ୍ପତ୍ତି ଦ୍ୱାରା ପ୍ରାୟ ୧୨୬୩ ଜଣ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ଉପକୃତ ହେବେ । ଏଥିପାଇଁ ସରକାର ଅତିରିକ୍ତ ୫୨.୩୫ କୋଟି ଟଙ୍କାର ଆର୍ଥିକ ବ୍ୟୟ ବହନ କରିବେ । ସେହିପରି ଅନ୍ୟ ନିଷ୍ପତ୍ତି ଗୁଡ଼ିକ ମଧ୍ୟରେ ଓଡ଼ିଶା ବନ ସେବା ଶ୍ରେଣୀ-କ(କନିଷ୍ଠ ବିଭାଗ) (ନିଯୁକ୍ତି ଏବଂ ସେବାସର୍ତ୍ତ) ନିୟମ, ୨୦୧୩ ଏବଂ ଓଡ଼ିଶା ବନସେବା, ଶ୍ରେଣୀ-ଖ(ନିଯୁକ୍ତି ଏବଂ ସେବାସର୍ତ୍ତ) ନିୟମ, ୨୦୧୩ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହି ସଂଶୋଧନ ପରେ ଓଡ଼ିଶା ବନ ସେବା ଶ୍ରେଣୀ-କ(କନିଷ୍ଠ ବିଭାଗ) (ନିଯୁକ୍ତି ଏବଂ ସେବାସର୍ତ୍ତ) ନିୟମ, ୧୩(୨) ପ୍ରତିସ୍ଥାପନ କରାଯିବ ଏବଂ ପ୍ରଶିକ୍ଷଣ ସମୟଠାରୁ ତାଲିମ ପାଉଥିବା ଅଧିକାରୀମାନେ ବେତନ ଏବଂ ଅନ୍ୟାନ୍ୟ ଭତ୍ତା ସରକାରଙ୍କ ଦ୍ୱାରା

▶ପୃଷ୍ଠା-୧୦

### ■ ତ୍ୱରାନ୍ୱିତ ହେବ 'ଆମ ବସ୍‌ଷ୍ଟାଣ୍ଡ' ନିର୍ମାଣ

# ୬ ବର୍ଷ ପାଇଁ ୬୧୬୪ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର, ୯ ।୩ (ସମିସ):** ରାଜ୍ୟର ସାଧାରଣ ପରିବହନ ସେବା କ୍ଷେତ୍ରରେ ରୂପାନ୍ତରଣ ଆଣିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ଆମ ବସ୍‌ଷ୍ଟାଣ୍ଡ' ପରିବର୍ତ୍ତନମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ କ୍ୟାବିନେଟ୍ ଆଗାମୀ ୬ ବର୍ଷ ନିମନ୍ତେ ୬୧୬୪.୮୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ୨୦୨୩-୨୪ରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମଞ୍ଜୁର ହୋଇଥିବା ଏହି ପାଣ୍ଠି ଆମ ବସ୍‌ଷ୍ଟାଣ୍ଡ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦରେ ବ୍ୟୟ କରାଯିବ ।

ଓଡ଼ିଶାରେ ଉନ୍ନତ ସାର୍ବଜନୀନ ପରିବହନ ଭିତ୍ତିଭୂମି ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସାରା ରାଜ୍ୟରେ ବସ୍‌ଷ୍ଟାଣ୍ଡଗୁଡ଼ିକର ନିର୍ମାଣ ତଥା ନବୀକରଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାର ଶୁଭାରମ୍ଭ କରିଛନ୍ତି । ଯୋଜନା ଅନୁସାରେ, ରାଜ୍ୟର ସମସ୍ତ ବ୍ଲକ୍, ଉପଖଣ୍ଡ ଓ ସହରାଞ୍ଚଳରେ ଆମ ବସ୍‌ଷ୍ଟାଣ୍ଡର ବିକାଶ କରି ଯୋଗାଯୋଗ, ଅଭିବୃଦ୍ଧି, ସାମାଜିକ ଏକତା, ଅର୍ଥନୈତିକ ବିକାଶ ଓ ପରିବେଶ ଅନୁକୂଳତାକୁ ପ୍ରୋତ୍ସାହନ ମିଳିବ । ଏହି ଯୋଜନା ଅଧୀନରେ ରାଜ୍ୟର ୩୦ଟି ଜିଲ୍ଲାରେ ତିନିଟି ପର୍ଯ୍ୟାୟରେ ସମୁଦାୟ ୩୧୮ଟି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି । ଗତବର୍ଷ ଅକ୍ଟୋବର ୧୯ ତାରିଖରେ ରାଜ୍ୟ କ୍ୟାବିନେଟ ଆମ ବସ୍‌ଷ୍ଟାଣ୍ଡ ଯୋଜନାର ପ୍ରଥମ ପର୍ଯ୍ୟାୟକୁ ଅନୁମୋଦନ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୫୫ଟି ନୂଆ ବସ୍‌ଷ୍ଟାଣ୍ଡର ବିକାଶ କରାଯାଇଛି । ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ୧୩୩ଟି ନୂତନ ବସ୍‌ଷ୍ଟାଣ୍ଡର ନିର୍ମାଣ କରାଯାଉଛି । ଏଥିସହ କିଛି ପୁରୁଣା ବସ୍‌ଷ୍ଟାଣ୍ଡକୁ ଏହି ଯୋଜନାରେ ସାମିଲ କରାଯାଇଛି । ବସ୍‌ଷ୍ଟାଣ୍ଡଗୁଡ଼ିକ ସ୍ଥାନୀୟ ଅର୍ଥନୀତିକୁ ଗତିଶୀଳ କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । ଏଥିରେ ଦୋକାନ, କାଫେ, ରେଷ୍ଟୁରାଣ୍ଟ ଏବଂ ପରିବହନ ସମ୍ପର୍କିତ ବିଭିନ୍ନ ସେବା ଅନ୍ତର୍ଭୁକ୍ତ । ରାଜ୍ୟର କୋଣ ଅନୁକୋଣରେ ବସ୍‌ଷ୍ଟାଣ୍ଡ ରହିବା ଦ୍ୱାରା ଏକ ବୃହତ୍ ନେଟ୍‌ୱାର୍କ ସୃଷ୍ଟି ହେବ, ଯାହା ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର କରାଯାଇପାରିବ । ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସ୍ଥାନାନ୍ତର, ଜରୁରୀକାଳୀନ ଚିକିତ୍ସା ପରିବହନ, ରିଲିଫ୍ ବଣ୍ଟନ ଆଦି କାମ ହୋଇପାରିବ ।

### ଦିନକରେ ନିଯୁକ୍ତି ପାଇଲେ ୧୨୯୪

# ଜନତାଙ୍କ ଇଚ୍ଛା ହିଁ ସର୍ବମାନ୍ୟ: ମୁଖ୍ୟମନ୍ତ୍ରୀ

- ମର୍ଯ୍ୟାଦାର ସହ ମୋର ସାଢ଼େ ଚାରି କୋଟି ପରିବାର ସଦସ୍ୟଙ୍କ ସେବା କର
- ଓଡ଼ିଶାବାସୀଙ୍କ ଜୀବନରେ ରୂପାନ୍ତରଣ ଆଣିବା ପାଇଁ ଆମେ କଠିନ ପରିଶ୍ରମ କରୁଛୁ
- ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି
- ୫ ବିଭାଗରେ ନିଯୁକ୍ତି ପାଇଲେ ୧୬୦ ପ୍ରତିଭାବାନ୍ କ୍ରୀଡ଼ାବିତ୍



**ଭୁବନେଶ୍ୱର, ୯ ।୩ (ସମିସ):** ଆମର ଶାସନ ବ୍ୟବସ୍ଥାରେ ଜନତାଙ୍କ ଇଚ୍ଛା ହେଉଛି ସର୍ବମାନ୍ୟ । ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ମୁଁ ମୋ ପରିବାର ସଦସ୍ୟ ବୋଲି ବିବେଚନା କରେ । ଓଡ଼ିଶାବାସୀଙ୍କ ଜୀବନରେ ରୂପାନ୍ତରଣ ଆଣିବା ଲାଗି ରାଜ୍ୟ ସରକାର କଠିନ ପରିଶ୍ରମ କରୁଛନ୍ତି । ତେଣୁ ପୂର୍ଣ୍ଣ ମର୍ଯ୍ୟାଦାର ସହ ଆମେ ସେମାନଙ୍କର ସେବା କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଶନିବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ନିଯୁକ୍ତି ପର୍ବରେ ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର '୫-ଟି' ଉପକ୍ରମ ରାଜ୍ୟର ପ୍ରତ୍ୟେକ କ୍ଷେତ୍ର ଏବଂ ପ୍ରତ୍ୟେକ ଅଞ୍ଚଳରେ ଆଖିଦୃଶିଆ ରୂପାନ୍ତରଣ ସୁନିଶ୍ଚିତ କରିବାରେ ବେଶ୍ ସଫଳ ହୋଇଛି । ବହୁ କ୍ଷେତ୍ରରେ ଓଡ଼ିଶା ଏବେ ଅନ୍ୟମାନଙ୍କ ପାଇଁ ଏକ ମଡେଲ୍ ରାଜ୍ୟରେ ପରିଣତ ହୋଇଛି । ତେଣୁ ଆପଣମାନେ '୫-ଟି' ଉପକ୍ରମର ଅନୁସରଣ କରି ସରକାରୀ ଦାୟିତ୍ୱ ସମ୍ପାଦନରେ ଉତ୍କର୍ଷ ସାଧନ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବଡ଼ ସଫଳତା ସ୍ୱରୂପ ସରକାରୀ ବିଭାଗରେ ଖାଲି ପଦବୀ ପୂରଣ ଲକ୍ଷ୍ୟରେ ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ଗତ କିଛି ବର୍ଷ ହେଲା ଓଡ଼ିଶାରେ ନିୟମିତ ଭାବେ ନିଯୁକ୍ତି ପର୍ବ ଚାଲିଛି । ଲୋକଙ୍କ ସେବା କରିବା ଲାଗି ଏହା ଆମର ଦକ୍ଷତାକୁ ଆହୁରି ସୁଦୃଢ଼ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିଥିବାରୁ ସେ ସମସ୍ତ ସରକାରୀ ବିଭାଗକୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜି ବହୁସଂଖ୍ୟକ କ୍ରୀଡ଼ାବିତ୍ ସରକାରୀ ସେବାରେ ନିୟୋଜିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ଏହା ଆମର କ୍ରୀଡ଼ା ପ୍ରତିଭାମାନଙ୍କୁ ଉତ୍ସାହିତ କରିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେକୌଣସି କାମ ବଡ଼

▶ପୃଷ୍ଠା-୧୦

## ଲୋକକଥା



ମା'ଙ୍କ ଉନ୍ନତି, ରାଜ୍ୟର ଉନ୍ନତି
ବୁଝିଛନ୍ତି ଶଙ୍ଖପତି,
ଏଥର ଭୋଟ୍‌ରେ ୩୩ ଶତକଡ଼ା
ମହିଳା ହୋଇବେ ପ୍ରାର୍ଥୀ ।
ବଦଳିବ ପରିସ୍ଥିତି,
ମହିଳା ସଶକ୍ତ ହୋଇଲେ ରାଜ୍ୟରେ
ବଢ଼ିବ ପ୍ରଗତି ଗତି ॥

### ସମ୍ବଲପୁର ଓ ବ୍ରହ୍ମପୁରରେ ଗଡ଼ିଲା 'ମୋ ବସ୍'

# ସେବା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୯ ।୩(ସମିସ):** ଉତ୍ତମ ଯୋଗାଯୋଗ ସମୃଦ୍ଧ ଭବିଷ୍ୟତର ଆଧାର । ମୋ ବସ୍ ଠାରୁ ଆରମ୍ଭ କରି ଲକ୍ଷ୍ମୀ ଯୋଜନା ଓ ମେଟ୍ରୋ ରେଳ ଯୋଜନା 'ନୂଆ ଓଡିଶା' ଗଠନ ଦିଗରେ ଆମର ଉଦ୍ୟମକୁ ଶକ୍ତିଶାଳୀ କରୁଛି । '୫-ଟି' ଉପକ୍ରମରେ ସାରା ରାଜ୍ୟରେ ଗାଁରୁ ସହର ସବୁଆଡେ ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆସିଛି ବୋଲି ଶନିବାର ସମ୍ବଲପୁର ଓ ବ୍ରହ୍ମପୁର ସହରରେ 'ମୋ ବସ୍' ସେବାର ଶୁଭାରମ୍ଭ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

'ମୋ ବସ୍' ସେବାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ଆପଣଙ୍କ ସହରରେ ମୋ ବସ୍ ସେବା ଆରମ୍ଭ ହେଲା । ଏହାଦ୍ୱାରା ଆପଣମାନେ ସହର ଭିତରେ ଏବଂ ଆଖପାଖ ଅଞ୍ଚଳକୁ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଯିବାଆସିବା କରି ପାରିବେ । ମୋ ବସ୍ ପାଇଁ ଉଭୟ କ୍ୟାସ୍ ଓ ଡିଜିଟାଲ ମୋଡ୍‌ରେ ପେମେଣ୍ଟ ବ୍ୟବସ୍ଥା ସହିତ 'ମୋ ବସ୍ କାର୍ଡ-ଟ୍ୟାପ ଆଣ୍ଡ ପେ' ସୁବିଧା ଏବଂ ଯାତ୍ରୀମାନଙ୍କର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସମ୍ବଲପୁର ମୋ ବସ୍ ଗୁଡିକରେ ୯୦ ପ୍ରତିଶତ କଣ୍ଡକ୍ଟର ଭାବେ ମା'ମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ କମ୍ ଖର୍ଚ୍ଚରେ ନିରାପଦ ଯାତ୍ରା ଯୋଗାଇଦେବା 'ମୋ ବସ' ସେବାର ଲକ୍ଷ୍ୟ ବୋଲି ସେ କହିଥିଲେ । ଆଗକୁ ରାଜ୍ୟର

▶ପୃଷ୍ଠା-୧୦



**ଉତ୍ତମ ଯୋଗାଯୋଗ ସମୃଦ୍ଧ ଭବିଷ୍ୟତର ଆଧାର: ମୁଖ୍ୟମନ୍ତ୍ରୀ**

# କନ୍ଧମାଳରେ ଡବଲ୍ ମର୍ଡର୍

- ଗୁଣିଗାରେଡ଼ି ସନ୍ଦେହରେ ପୂର୍ବତନ ୱାର୍ଡସଭ୍ୟ ଦମ୍ପତିଙ୍କୁ ହତ୍ୟା!
- ଘଟଣାରେ ମାଓ ସମ୍ପୃକ୍ତି ନାହିଁ: ଏସ୍‌ପି

**ଫୁଲବାଣୀ/ଫିରିଙ୍ଗିଆ, ୯ ।୩ (ସମିସ):** କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ପୂର୍ବତନ ୱାର୍ଡସଭ୍ୟ ଦମ୍ପତିଙ୍କୁ ହତ୍ୟା କରାଯାଇଛି । ମୃତକଦ୍ୱୟ ହେଲେ, ଲୁଇସିଂ ପଞ୍ଚାୟତ ଗୁମାନଦଣି ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ଡାହିରା କହଁର ଓ ତାଙ୍କ ସ୍ତ୍ରୀ ବତାସୀ କହଁର । ସେମାନଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ରହିଛି । ମୃତଦେହ ନିକଟରୁ ଏକ ହାତୁଡ଼ି ମିଳିଥିବାରୁ ସେଥିରେ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି । ଡାହିରାଙ୍କ ମୃତଦେହ ଗାଡ଼ିପଦର ବାଘ ନଦୀ କୂଳରୁ ମିଳିଥିବା ବେଳେ ବତାସୀଙ୍କ ମୃତଦେହ ସେଠାରୁ ପ୍ରାୟ ୫ଶହ ମିଟର ଦୂର କାସେରୁ ପାହାଡ଼ ଉପରୁ ଉଦ୍ଧାର କରାଯାଇଛି । ଦୁର୍ଗମ ତଥା ମାଓ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପାରିନଥିଲା । ଗ୍ରାମବାସୀ ଦୁଇଟି ଖଟିଆରେ ଉଭୟଙ୍କ ମୃତଦେହକୁ ପ୍ରାୟ ୫ କିମି ବୋହି ବାଘନଦୀ ପାର୍ ହୋଇ ଦିଗାପଦରରେ ପହଞ୍ଚିବା ପରେ ସେଠାରୁ ସ୍ଥାନୀୟ ପୁଲିସ, ଏସଓଜି ଏବଂ ଡିଭିଏଫ ଯବାନଙ୍କ ସହାୟତାରେ ମୃତଦେହକୁ ଗୋଚ୍ଛାପଡ଼ା ଥାନାକୁ ଅଣାଯାଇଥିଲା ।

ସୂଚନାନୁସାରେ, ସଲାଗୁଡ଼ା ପଞ୍ଚାୟତର କାଳିବିହେରୀଗାଟା ଗ୍ରାମରେ ରହୁଥିବା ଏହି କହଁର ଦମ୍ପତି ଗୁରୁବାର ନିଜ ଗ୍ରାମକୁ ଆସି ମନ୍ଦିରରେ ଦିନସାରା ପୂଜାବିଧି କରି ସନ୍ଧ୍ୟାରେ ଫେରି ଯାଇଥିଲେ । ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ କିଛି ଲୋକ ତାଙ୍କ ପୁଅ ଅଙ୍ଗଦଙ୍କୁ ଫୋନ୍ କରି ଗାଡ଼ିପଦର ନିକଟସ୍ଥ କାସେରୁ ଜଙ୍ଗଲ ଭିତରେ ତାଙ୍କ ବାପା-ମା'ଙ୍କ ଶବ ପଡ଼ିଥିବା ନେଇ ସୂଚନା ଦେଇଥିଲେ । ଅଙ୍ଗଦ ଲୁଇସିଂ ସରପଞ୍ଚ

▶ପୃଷ୍ଠା-୧୦

### ବିଶ୍ୱର ଦୀର୍ଘତମ ଟୁଇନଲେନ୍ ଟନେଲ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

# ଚୀନ୍ ସୀମାରେ ସହଜରେ ପହଞ୍ଚିବ ସେନା

ଇଟାନଗର, ୯ ।୩(ଏଜେନ୍ସି)




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଶ୍ୱର ଦୀର୍ଘତମ ଟୁଇନ-ଲେନ୍ ଟନେଲକୁ ଉଦଘାଟନ କରିଛନ୍ତି। ସମୁଦ୍ର ପତ୍ତନଠାରୁ ୧୩ହଜାର ଫୁଟ ଉଚ୍ଚତାରେ ଥିବା ଏହି ଟନେଲକୁ ସୀମା ସଡ଼କ ସଂଗଠନ(ବିଆରଓ) ନିର୍ମାଣ କରିଛି । ଏହି ଟନେଲ ସିଲା ଗିରିପଥ(ପାସ୍) ନିକଟସ୍ଥ ବାଲିପାରା-ଚାରିଦ୍ୱାର ସଡ଼କକୁ ଚୀନ ସୀମା ନିକଟବର୍ତ୍ତୀ ତାୱାଙ୍ଗ ସହରକୁ ଯୋଡୁଛି। 'ବିକଶିତ ଭାରତ ବିକଶିତ ଉତ୍ତର-ପୂର୍ବ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଅରୁଣାଚଳ ପ୍ରଦେଶ ରାଜ୍ୟ ପରିବହନ ବିଭାଗର ଏକ ବସକୁ ସବୁଜ ପତାକା ଦେଖାଇ ଟନେଲ ପ୍ରବେଶର ଶୁଭାରମ୍ଭ କରିଥିଲେ। ସିଲା ଟୁଇନ-ଲେନ୍ ଟନେଲର ଟନେଲ ନଂ୧ର ଲମ୍ବ ହେଉଛି ୧୦୦୩ ମିଟର ଓ ଟନେଲ ନଂ୨ ଲମ୍ବ ହେଉଛି ୧୫୯୫ ମିଟର। ଏହି ଟୁଇନ-ଟ୍ୟୁବ୍ ଟନେଲ ୮୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଦୈନିକ ୩୦୦୦ କାର୍ ଓ ୨୦୦୦ ଟ୍ରକ ଏହି ଟନେଲ ବ୍ୟବହାର କରିପାରିବେ। ଏବେ ସଡ଼କପଥରେ ବାଲିପାରାରୁ ତାୱାଙ୍ଗ ପହଞ୍ଚିବାକୁ ୧ଘଣ୍ଟା କମ୍ ସମୟ ଲାଗିବ। ସିଲା ଗିରିପଥ ଦେଇ ଯାଇଥିବା ବାଲିପାରା-ଚାରିଦ୍ୱାର-ତାୱାଙ୍ଗ ସଡ଼କ ବର୍ଷାଦିନେ ପ୍ରବଳ ବର୍ଷାରେ ଅନେକ ସ୍ଥାନରେ ବଡ଼ ଧରଣର ଭୂ-ସ୍ଖଳନ ଓ ଶୀତ ଋତୁରେ ପ୍ରବଳ ତୁଷାରପାତ କାରଣରୁ ସଡ଼କ ବରଫର ବହଳ ପରସ୍ତରେ ପୋତି ହୋଇ ପ୍ରତିବର୍ଷ ବହୁଦିନ ପାଇଁ ବ୍ୟବହାରଯୋଗ୍ୟ ହେଉନଥିଲା। ଟନେଲ ଖୋଲିବା ପରେ ଏବେ ଉକ୍ତ ସଡ଼କ ସବୁଦିନିଆ ଗମନାଗମନର ମାଧ୍ୟମ ହୋଇପାରିଛି।

ଫଳରେ ବର୍ଷତମାମ ସୀମାବର୍ତ୍ତୀ ଅଞ୍ଚଳକୁ କମ୍ ସମୟ ମଧ୍ୟରେ ସୈନ୍ୟ, ସରଞ୍ଜାମ, ଗୋଳାବାରୁଦ, ଟ୍ୟାଙ୍କ ଓ ଅନ୍ୟ ବିଭିନ୍ନ ଭାରି ଯାନ ପ୍ରେରଣ ସମ୍ଭବ ହେବ। ତା'ଛଡ଼ା ସବୁଦିନିଆ ଯାତାୟାତର ସୁବିଧା ଦେଉଥିବା ଏହି ଟନେଲ ଖୋଲିବା ଦ୍ୱାରା ଉକ୍ତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ମଧ୍ୟ କ୍ଷିପ୍ରତର ହେବ। ଅନ୍ୟପକ୍ଷରେ ମୋଦୀ ଅରୁଣାଚଳ ପାଇଁ ୧୦ ହଜାର କୋଟି ଟଙ୍କାର ଉନ୍ନତି ସ୍କିମ୍‌ର ଶୁଭାରମ୍ଭ କରିଛନ୍ତି। ସେହିଭଳି ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ମୋଟ ୫୫ ହଜାର କୋଟି ଟଙ୍କାର ବିଭିନ୍ନ ପୂର୍ଣ୍ଣାଙ୍ଗ ପ୍ରକଳ୍ପ ଘୋଷଣା କରିଛନ୍ତି।

## ଡିଏମ୍‌କେ ସହ କମଲ ହାସନଙ୍କ ମେଣ୍ଟ

ଚେନ୍ନଇ, ୯।୩ (ଏଜେନ୍ସି): ଅଭିନେତା କମଲ ହାସନଙ୍କ ନେତୃତ୍ୱାଧୀନ ମକ୍କଲ ନିଧି ମଧ୍ୟମ (ଏମଏନଏମ) ଶନିବାର ତାମିଲନାଡୁର କ୍ଷମତାସୀନ ଦଳ ଡିଏମକେ ମେଣ୍ଟରେ ସାମିଲ ହୋଇଛି। ଲୋକସଭା ନିର୍ବାଚନ ପାଇଁ ଏହି ଦଳ ଡିଏମ୍‌କେକୁ ସମ୍ପୂର୍ଣ୍ଣ ସମର୍ଥନ ଦେଇଛି। ଦେଶ ପାଇଁ ଏହି ପଦକ୍ଷେପ ନେଇଛନ୍ତି ବୋଲି କମଲ ହାସନ କହିଛନ୍ତି। କମଲ ହାସନ ଏବଂ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ମଧ୍ୟରେ ଡିଏମକେ ମୁଖ୍ୟାଳୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଏମଏନଏମ ତାମିଲନାଡୁର ୩୯ ଲୋକସଭା ଏବଂ ପୁଡୁଚେରୀର ଗୋଟିଏ ଆସନରେ ନିର୍ବାଚନ ପ୍ରଚାରରେ ସହଯୋଗ କରିବ। ଏହା ବଦଳରେ ୨୦୨୫ରେ ଗୋଟିଏ ରାଜ୍ୟସଭା ଆସନ ଏମଏନଏମକୁ ମିଳିବ।

## ଆନ୍ଧ୍ରରେ ବିଜେପି-ଜନସେନା-ଟିଡିପି ମେଣ୍ଟ

ନୂଆଦିଲ୍ଲୀ, ୯।୩ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ପୁଣି ବିଜେପି ଏବଂ ତେଲୁଗ ଦେଶମ ପାର୍ଟି (ଟିଡିପି) ମଧ୍ୟରେ ମେଣ୍ଟ ହୋଇଛି। ଏହି ଦୁଇ ଦଳ ସହିତ ଜନସେନା ଆଗାମୀ ଲୋକସଭା ନିର୍ବାଚନରେ ଏକାଠି ଲଢ଼ିବେ। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଶନିବାର ସନ୍ଧ୍ୟାରେ ଏହି ଘୋଷଣା କରିଛନ୍ତି। ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ଆନ୍ଧ୍ର ସମ୍ପୂର୍ଣ୍ଣ ବରବାଦ ହୋଇଗଲାଣି। ଏହି ମେଣ୍ଟ ଦ୍ୱାରା ରାଜ୍ୟ ଏବଂ ଦେଶର ମଙ୍ଗଳ ହେବ। ତେବେ ରାଜନୈତିକ କାରଣରୁ ୨୦୧୮ ରେ ମେଣ୍ଟ ଭାଙ୍ଗି ଥିଲା ବୋଲି ସେ କହିଥିଲେ। ସେହିପରି ନଡ୍ଡା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଏବଂ ରାଜ୍ୟର ନିଶ୍ଚିତ ବିକାଶ ହେବ। ଦିନେ ଦୁଇ ଦିନ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହେବ। ଏହା ପୂର୍ବରୁ ମେଣ୍ଟକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବାସଭବନରେ ବୈଠକ ହୋଇଥିଲା। ଏଥିରେ ଚନ୍ଦ୍ରବାବୁ ଏବଂ ଜନସେନା ପାର୍ଟିର ମୁଖ୍ୟ ତଥା ଅଭିନେତା ପବନ କଲ୍ୟାଣ ସାମିଲ ହୋଇଥିଲେ।

## ବିଜେପିରେ କଂଗ୍ରେସର ୫ ନେତା

ଭୋପାଳ, ୯ ।୩(ଏଜେନ୍ସି): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁରେଶ ପଚୌରୀ, ପୂର୍ବତନ ସାଂସଦ ଗଜେନ୍ଦ୍ର ସିଂହ ରାଜୁଖେଡ଼ିଙ୍କ ସମେତ କଂଗ୍ରେସର ୫ ନେତା ଆଜି ବିଜେପିରେ ଯୋଗ ଦେଇଛନ୍ତି। ବିଜେପି ମୁଖ୍ୟାଳୟରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ରାଜ୍ୟ ବିଜେପି ସଭାପତି ଭିଡି ଶର୍ମା, ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଉପସ୍ଥିତିରେ ପଚୌରୀ, ରାଜୁଖେଡ଼ି ଓ କଂଗ୍ରେସର ଅନ୍ୟ ୩ଜଣ ପୂର୍ବତନ ବିଧାୟକ ଶାସକ ଦଳ ବିଜେପିରେ ମିଶିଛନ୍ତି। କଂଗ୍ରେସ ଦଳ ପଚୌରୀଙ୍କୁ ଚାରି ଥର ରାଜ୍ୟସଭାକୁ ପଠାଇଥିଲା। ଏକଦା ସେ ମଧ୍ୟପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ। ତା'ପୂର୍ବରୁ ସେ ରାଜ୍ୟ ଯୁବକଂଗ୍ରେସର ସଭାପତି ଥିଲେ।

## ସ୍ୱଦେଶ ଫେରିଲେ ମ୍ୟାଁମାର ନାଗରିକ

ଇମ୍ଫାଲ, ୯।୩ (ଏଜେନ୍ସି): ବେଆଇନ ଭାବେ ଭାରତ ପଳାଇ ଆସିଥିବା କିଛି ମ୍ୟାଁମାର ନାଗରିକଙ୍କୁ ପ୍ରଥମ ପର୍ଯ୍ୟାୟରେ ସ୍ୱଦେଶ ପଠା ଯାଇଛି। ମଣିପୁର ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ଶନିବାର ଏହି ସୂଚନା ଦେଇଛନ୍ତି। ସେ ଏକ ଭିଡିଓ ସେୟାର କରି କହିଛନ୍ତି ଯେ ୧୯୫୧ର ଶରଣାର୍ଥୀ ଚୁକ୍ତିରେ ଭାରତ ସ୍ୱାକ୍ଷର କରିନାହିଁ। ଏହା ସତ୍ତ୍ୱେ ମାନବିକତା ଦୃଷ୍ଟିରୁ ମ୍ୟାଁମାରରୁ ପଳାଇ ଆସିଥିବା ଲୋକଙ୍କୁ ଆଶ୍ରୟ ଏବଂ ସହାୟତା ଦିଆଯାଇଥିଲା। ଅଧିକ ସଂଖ୍ୟକ ଥିବାରୁ ସମସ୍ତଙ୍କୁ ଏକାଥରକେ ପରିବର୍ତ୍ତେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ନିଜ ଦେଶକୁ ପଠାଯିବ। ସେହିପରି ରାଜ୍ୟରେ ଏନ୍‌ଆରସି ଉପରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ମ୍ୟାଁମାର ସୀମାରେ ଥିବା ଜିଲ୍ଲାର ଭୌଗୋଳିକ ସ୍ଥିତି ବଦଳିଲା

## ମଣିପୁରର ୧୩ ଜିଲ୍ଲାରେ ୧୮୫୩ ବେଆଇନ ଗାଁ

■ ରହୁଛନ୍ତି ୧୫ ହଜାରରୁ ଅଧିକ ଲୋକ

ଇମ୍ଫାଲ, ୯।୩ (ଏଜେନ୍ସି): ମ୍ୟାମାଁର ସୀମା ନିକଟରେ ଥିବା ମଣିପୁରର ପାହାଡ଼ି ଜିଲ୍ଲାଗୁଡ଼ିକର ଭୌଗଳିକ ସ୍ଥିତି ବଦଳି ଯାଇଛି। ୫ ଜିଲ୍ଲାରେ ବେଆଇନ ଗାଁର ବନ୍ୟା ସୃଷ୍ଟି ହୋଇଛି। ଏହା ମଣିପୁରର ଭୌଗିଳକ ସ୍ଥିତିକୁ ବିଗାଡ଼ି ଦେଇଛି। ୫ ଦିନ ତଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ ଏହି ସୂଚନା ଦେଇଥିଲେ। ତେବେ ସେ କେତେ ଗାଁ ରହିଛି ତାହାର କୌଣସି ସୂଚନା ଦେଇ ନ ଥିଲେ। ତେବେ ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ୨୦୦୬ରୁ ଏ ପର୍ଯ୍ୟନ୍ତ ମଣିପୁରର ୫ ପାହାଡ଼ି ଜିଲ୍ଲାରେ ୧୮୫୩ ବେଆଇନ ଗାଁ ନିର୍ମାଣ ହୋଇଛି। ଅଧିକାଁଶ ଗାଁ ମୁଖ୍ୟ ରାସ୍ତାଠାରୁ ୫-୬ କିମି ଭିତର ଘନ ଜଙ୍ଗଲରେ ରହିଛି। ଏଠାରେ ୧୫ ହଜାରରୁ ଅଧିକ ଲୋକ ରହୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଭୋଟର ପାଲଟି ଗଲେଣି। ଗତ ବର୍ଷ ମଇ ମାସରୁ ରାଜ୍ୟରେ ଚାଲିଥିବା ହିଂସାରେ ଏହି ଗାଁ ଗୁଡ଼ିକର ବଳିଷ୍ଠ ଭୂମିକା ରହିଛି। ଚୁରାଚାନ୍ଦପୁର, କାଙ୍ଗପୋକପି, ଉଖରୁଲ, ଚାନ୍ଦେଲ, ଟେଙ୍ଗନାଉପୋଲରେ ଏହି ସବୁ ଗାଁ ରହିଛି। ଏଠାରେ ଚିନ୍-କୁକି ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଉଛି। କାଙ୍ଗପୋକପି ଏବଂ ଟେଙ୍ଗନାଉପୋଲରେ ଦ୍ରୁତଗତିରେ ଗାଁ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଏହି ସବୁ ଗାଁରେ ଥିବା ଲୋକଙ୍କ ପଞ୍ଜିକରଣ ବାଧ୍ୟତାମୂଳକ କରିବାକୁ ଦାବି ହେଉଛି।

କିଛି ଦିନ ତଳେ ସରକାରଙ୍କ ନିଦ ଭାଙ୍ଗି ଥିଲା। ମ୍ୟାଁମାର ସହ ଥିବା ମୁକ୍ତ ବିଚରଣ ଚୁକ୍ତିକୁ ସରକାର ବାତିଲ କରି ସୀମାରେ ତାର ବାଡ଼ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସୁଦ୍ଧା ୧୦ କିମି ଅଞ୍ଚଳରେ ତାରବାଡ଼ ଲାଗିଲାଣି।

## ମଧ୍ୟପ୍ରଦେଶ ସଚିବାଳୟରେ ନିଆଁ



ଭୋପାଳ, ୯।୩ (ଏଜେନ୍ସି): ମଧ୍ୟପ୍ରଦେଶ ଭୋପାଳ ସ୍ଥିତ ବଲ୍ଲଭ ଭବନ ଷ୍ଟେଟ ସେକ୍ରେଟାରିଏଟ (ଭିବିଏସଏସ)ର ତୃତୀୟ ମହଲାରେ ଶନିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଜୋରରେ ପବନ ବହୁଥିବା ଯୋଗୁଁ ଏହି ନିଆଁ ଦେଖୁ ଦେଖୁ ଷଷ୍ଠ ମହଲା ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ତେବେ ଏଥିରେ କହି ମୃତାହତ ହୋଇନାହାନ୍ତି। ମାତ୍ର ଅନେକ ଜରୁରୀ ଫାଇଲ ପୋଡ଼ି ଯାଇଛି। ନିଆଁ ଲାଗିବା ପରେ କୋଠାରୁ ୫-୬ ଜଣ ଲୋକ ସୁରକ୍ଷିତ ଭାବେ ବାହାରି ଆସିଥିଲେ। ଏବେ ନିଆଁ ନିୟନ୍ତ୍ରଣାଧୀନ। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣା ପଡ଼ିନାହିଁ। ୩୮ ଘଣ୍ଟା ହେଲା କାର୍ଯ୍ୟାଳୟ ବନ୍ଦ ଥିବାବେଳେ ନିଆଁ କେମିତି ଲାଗିଲା ତାହାକୁ ନେଇ ନାନା କଳ୍ପନାଜଳ୍ପନା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ରାଜ୍ୟ ସରକାର ଦୁର୍ନୀତି ଫାଇଲ ସବୁ ଜାଳିବାରେ ବ୍ୟସ୍ତ ଅଛନ୍ତି ବୋଲି ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

## ଅରୁଣାଚଳ କଂଗ୍ରେସ ମୁଖ୍ୟଙ୍କ ଇସ୍ତଫା

ଇଟାନଗର, ୯।୩ (ଏଜେନ୍ସି): ଅରୁଣାଚଳ ପ୍ରଦେଶର କଂଗ୍ରେସ ଅଧ୍ୟକ୍ଷ ନବାମ ତୁକି ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଏଆଇସିସିକୁ ନିଜ ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। କଂଗ୍ରେସର ତିନି ବିଧାୟକଙ୍କୁ ବିଜେପିରେ ସାମିଲ ହେବାକୁ ସେ ଅଟକାଇ ପାରି ନ ଥିଲେ। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତୁକି ନୈତିକତା ଆଧାରରେ ଇସ୍ତଫା ଦେଲେ ବୋଲି କଂଗ୍ରେସ ସଚିବ ଗ୍ୟାମାର ତାନା କହିଛନ୍ତି।

## ରିଲିଫ ବାକ୍ସ ତଳେ ଚାପି ହୋଇ ୫ ମୃତ



ଡେଲ ଆଭିଭି, ୯।୩ (ଏଜେନ୍ସି): ରିଲିଫ ସାମଗ୍ରୀ ଉପରେ ପଡ଼ିଯିବାରୁ ଗାଜାରେ ୫ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ୧୦ ଜଣ ଲୋକ ମଧ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଗତ ୮ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା। ଏହି ସମୟରେ ଅନେକ ଲୋକ ରିଲିଫ ପାଇଁ ଏକାଠି ହୋଇଥିଲେ। ବିମାନରୁ ପାରାଚ୍ୟୁଟ ମାଧ୍ୟମରେ ଗାଜା ଷ୍ଟ୍ରିପ୍‌ରେ ରିଲିଫ ବାକ୍ସ ପକା ଯାଉଥିଲା। ତେବେ କିଛି ବାକ୍ସର ପାରାଚ୍ୟୁଟ ଖୋଲି ନ ଥିଲା। ତେଣୁ ଏହା ଦ୍ରୁତ ବେଗରେ ଆସି ଲୋକଙ୍କ ଉପରେ ପଡ଼ିଥିଲା। ସୂଚନାଯୋଗ୍ୟ ଯେ ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁଁ ଅନେକ ଲୋକ ଖାଇବାକୁ ନ ପାଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି। ଏ ପର୍ଯ୍ୟନ୍ତ ଏହି ଯୁଦ୍ଧରେ ୩୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି।

### ଇମ୍ରାନଙ୍କ ଦଳର ପ୍ରାର୍ଥୀଙ୍କୁ ୨୩୦ ଭୋଟରେ ହରାଇଲେ

## ଜରଦାରୀ ପୁଣି ପାକିସ୍ତାନ ରାଷ୍ଟ୍ରପତି

ଇସଲାମାବାଦ, ୯।୩ (ଏଜେନ୍ସି)



ଆସିଫ ଅଲି ଜରଦାରୀ ପୁଣି ପାକିସ୍ତାନ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ଦେଶର ୧୪ ତମ ରାଷ୍ଟ୍ରପିତ ହୋଇଛନ୍ତି। ରବିବାର ସକାଳେ ସେ ଶପଥ ଗ୍ରହଣ କରିବେ। ଏହା ପୂର୍ବରୁ ରାଷ୍ଟ୍ରପତି ଚୟନ କରିବା ପାଇଁ ପାକିସ୍ତାନ ନ୍ୟାସନାଲ ଆସେମ୍ବ୍ଲିରେ ମତଦାନ ହୋଇଥିଲା। ଏଥିରେ ଇମ୍ରାନଙ୍କ ଦଳର ପ୍ରାର୍ଥୀ ମହମ୍ମଦ ଖାନ ଅଚକଜାଇଙ୍କୁ ଜରଦାରୀ ୨୩୦ ଭୋଟରେ ହରାଇ ଥିଲେ। ଜରଦାରୀଙ୍କୁ ୪୧୧ ଏବଂ ଅଚକଜଇଙ୍କୁ ମାତ୍ର ୧୧୮ ଭୋଟ ମିଳିଥିଲା। ନୱାଜଙ୍କ ଦଳ ପିଏମଏଲ-ଏନ ଏବଂ ବିଲାୱଲ ଭୁଟ୍ଟୋଙ୍କ ଦଳ ପିପିପି ମିଳିତ ଭାବେ ଜରଦାରୀଙ୍କୁ ପ୍ରାର୍ଥୀ କରିଥିଲା। ଏହା ପୂର୍ବରୁ ସେ ୨୦୦୮ରେ ରାଷ୍ଟ୍ରପତି ହୋଇଥିଲେ। ଜରଦାରିଙ୍କ ଉପରେ ଅନେକ ଦୁର୍ନୀତି, ହତ୍ୟା ଏବଂ ଠକେଇ ମାମଲା ରହିଛି। କିଛି ମାମଲା ପାଇଁ ୮ ବର୍ଷ ଜେଲ୍ ଦଣ୍ଡ ମଧ୍ୟ ଭୋଗ କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଜରଦାରୀଙ୍କୁ ୫ ଦଳ ସମର୍ଥନ କରିଥିଲେ। ସେହିପରି ନିର୍ବାଚନରେ ଜାଲିଆତି ଅଭିଯୋଗ କରି ମୌଲାନା ଫଜଲ-ଉର-ରହମାନଙ୍କ ଦଳ ଜେୟୁଆଇ-ଏଫ୍ ସବୁ ନିର୍ବାଚନକୁ ବୟକଟ କରୁଛି। ସୂଚନାଯୋଗ୍ୟ ଯେ ପାକିସ୍ତାନରେ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ମୁସ୍‌ଲିମ ହେବା ଜରୁରୀ।

### ୨ ହଜାର କୋଟିର ଡ୍ରଗ୍ସ କାରବାର

## ଚଳଚ୍ଚିତ୍ର ନିର୍ମାତା ଜଫର ସାଦିକ ଗିରଫ

ଚେନ୍ନଇ, ୯।୩ (ଏଜେନ୍ସି)



'ତାମିଲନାଡୁ ଦେଶର ଡ୍ରଗ୍ ରାଜଧାନୀ'

ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ଜଫର ସାଦିକଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଶନିବାର ଗିରଫ କରାଯାଇଛି। ୪ ମାସ ହେଲା ଫେରାର ଥିବା ସାଦିକ ତାମିଲନାଡୁର କ୍ଷମତାସୀନ ଦଳ ଡିଏମ୍‌କେର ପୂର୍ବତନ କର୍ମୀ ଥିଲେ। ୨ ହଜାର କୋଟିର ଡ୍ରଗ୍ସ କାରବାର ମାମଲାରେ ସେ ଅଭିଯୁକ୍ତ ଅଛନ୍ତି। ମଦୁରାଇରେ ୨ ରେଳ ଯାତ୍ରୀ ଏବଂ ଚେନ୍ନଇର ଏକ ଡମ୍ପ ୟାର୍ଡରୁ ୧୮୦ କୋଟି ଟଙ୍କାର ମେଥାଫେଟାମାଇନ ଜବତ ହେବାର ସପ୍ତାହ ପରେ ସାଦିକଙ୍କୁ ଗିରଫ କରାଯାଇଛି। ସେ ଶ୍ରୀଲଙ୍କାରୁ ଏହି ଡ୍ରଗ୍ସ ଆଣିଥିଲେ ବୋଲି କୁହାଯାଉଛି। ଏନ୍‌ସିବିର ସୂଚନା ଅନୁଯାୟୀ ଜଫର ଭାରତ-ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ଡ୍ରଗ୍ସ ଟ୍ରାଫିକିଂ ନେଟୱର୍କର ମୁଖ୍ୟ। ସେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରୁ ୨ ହଜାର କୋଟି ଟଙ୍କାର ଡ୍ରଗ୍ସ ଚୋରା ଚାଲାଣ କରିଛି। ସେ ବିଦେଶରେ ୪୫ ଥରରେ ୩,୫୦୦ କେଜି ଡ୍ରଗ୍ସ ବିକ୍ରି କରିଥିଲା। ଏ ପ୍ରସଙ୍ଗରେ ରାଜ୍ୟ ବିଜେପି ମୁଖ୍ୟ ଅନ୍ନମଲାଇ କହିଛନ୍ତି ଯେ ତାମିଲନାଡୁ ଦେଶର ଡ୍ରଗ୍ ରାଜଧାନୀ ପାଲଟି ଯାଇଛି। ଅନ୍ତର୍ଜାତୀୟ ଡ୍ରଗ୍ ମାଫିଆ ତଥା ଡିଏମକେ କର୍ମୀ ସାଦିକ ଏକ ପଳାତକ। ଏନସିବି ଡିଏମକେ କର୍ମୀଙ୍କ ଠିକଣାରେ ଚଢ଼ଉ କରୁଛି। ଆମେରିକାର ଏଫ୍‌ବିଆଇ ମଧ୍ୟ ଏହି ମାମଲାରେ ସହଯୋଗ କରୁଛି।

## ପାଣିରେ କାର୍ ଧୋଇଲେ ୫ ହଜାର ଜରିମାନା


ବେଙ୍ଗାଲୁରୁ, ୯।୩ (ଏଜେନ୍ସି): କର୍ଣ୍ଣାଟକରେ ଗୁରୁତର ଜଳ ସଙ୍କଟ ସୃଷ୍ଟି ହୋଇଛି। ବେଙ୍ଗାଲୁରୁ ସର୍ବାଧିକ ପ୍ରଭାବିତ ହୋଇଛି। ନଦୀ, କୂଅ ସବୁ ଶୁଖିଲା ପଡ଼ି ଯାଇଛି। ସ୍ଥିତି ଏପରି ହୋଇଛି ପାଣି ମୂଲ୍ୟ ୪ ଗୁଣ ବୃଦ୍ଧି ପାଇଛି। ଏହାକୁ ଦେଖି ସରକାର କଡ଼ା ନିୟମ ଆଣିଛନ୍ତି। ଜଳ ସଞ୍ଚୟ ପାଇଁ କଡ଼ା ପଦକ୍ଷେପ ନେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ରାଜ୍ୟରେ ପାଣିରେ କାର୍ ଧୋଇବା ଉପରେ କଟକଣା ଲଗାଇ ଦିଆଯାଇଛି। ଏହି ନିୟମ ଉଲ୍ଲଙ୍ଘନ କଲେ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଜଳ ଏବଂ ସ୍ୱରେଜ ବୋର୍ଡ କାର୍ ଧୋଇବା, ବଗିଚାରେ ପାଣି, ନିର୍ମାଣ, ଫାଉଣ୍ଟେନ, ସଡ଼କ ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ପାନୀୟ ଜଳର ବ୍ୟବହାର ଉପରେ କଟକଣା ଲଗାଇ ଦେଇଛି। ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ବେଙ୍ଗାଲୁରୁ ଜିଲ୍ଲା ଏବଂ ସହରକୁ ମରୁଡ଼ି ପ୍ରଭାବିତ ଘୋଷଣା କରାଯାଇଛି।

## ପ୍ରଥମ ଥର ହେବ ୨ଟି ରକେଟ ଉତ୍କ୍ଷେପଣ

### ଚନ୍ଦ୍ରରୁ ମାଟି ଓ ପଥର ଆଣିବ ଚନ୍ଦ୍ରଯାନ-୪

ନୂଆଦିଲ୍ଲୀ, ୯ ।୩(ଏଜେନ୍ସି)

ଭାରତର ଚତୁର୍ଥ ଚନ୍ଦ୍ର ଅଭିଯାନ 'ଚନ୍ଦ୍ରଯାନ-୪' ପାଇଁ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ପ୍ରଥମ ଥର ନିମନ୍ତେ ଦୁଇଟି ରକେଟ ବ୍ୟବହାର କରିବ। ଏହି ଅଭିଯାନରେ ଚନ୍ଦ୍ର ପୃଷ୍ଠରୁ ପଥର ଓ ମାଟି ସଂଗ୍ରହ କରି ଅଣାଯିବ। ଏହା ସଫଳ ହେଲେ ଭାରତ ବିଶ୍ୱର ଚତୁର୍ଥ ଦେଶ ହେବ। ଏଲଭିଏମ-୩ ଓ ପିଏସଏଲଭି ଏହି ଦୁଇ ରକେଟ ଚନ୍ଦ୍ରଯାନ-୪ ମିଶନ ପାଇଁ ଭିନ୍ନ ଭିନ୍ନ ପେଲୋଡ ଭିନ୍ନ ଭିନ୍ନ ଦିନରେ ମହାକାଶକୁ ନେବେ। ଚନ୍ଦ୍ରଯାନ-୪ରେ ୫ଟି ସ୍ପେସକ୍ରାଫ୍ଟ ମଡ୍ୟୁଲ ରହିବ। ଏଥିରେ ୪ଟନ୍ ପେଲୋଡ୍ ବହନକ୍ଷମ ଏଲଭିଏମ-୩ ରକେଟ ପ୍ରପଲସନ୍ ଡିସେଣ୍ଡର ଓ ଆସେଣ୍ଡର ଏହି



ତିନି ମଡ୍ୟୁଲ ମହାକାଶକୁ ପ୍ରେରଣ କରିବ। ସେହିଭଳି ପିଏସଏଲଭି ରକେଟ ଟ୍ରାନ୍ସଫର ଓ ରି-ଏଣ୍ଟ୍ରି ମଡ୍ୟୁଲ ବହନ କରି ମହାକାଶକୁ ଯିବ। ପ୍ରଥମ ଥର ପାଇଁ ଚନ୍ଦ୍ରଯାନ-୪ ମିଶନରେ ଗୋଟିଏ ରକେଟ ମହାକାଶକୁ ଛଡ଼ାଯିବାର କିଛି ଦିନ ବ୍ୟବଧାନରେ ଦ୍ୱିତୀୟ ରକେଟ ଛଡ଼ାଯିବ। ତେବେ ଚନ୍ଦ୍ରଯାନ-୪ ମିଶନ ୨୦୨୮ ପୂର୍ବରୁ ଲଞ୍ଚ କରାଯିବା ଯୋଜନା ନାହିଁ।

## ୩୫ ଭାରତୀୟଙ୍କୁ ରୁଷ ପଠାଇଛି ୟୁଟ୍ୟୁବର୍ ଫୈସଲ ଖାନ୍

ନୂଆଦିଲ୍ଲୀ, ୯ ।୩(ଏଜେନ୍ସି)



ମୁମ୍ବାଇର ଫୈସଲ ଅବଦୁଲ ମୁତାଲିବ ଖାନ୍ ନାମକ ୟୁଟ୍ୟୁବର୍ ଭଲ ଦରମାର ଲୋଭ ଦେଖାଇ ରୁଷ ସେନାରେ ଅଣ-ସାମରିକ କାର୍ଯ୍ୟରେ ନିଯୁକ୍ତ ହେବା ନିମନ୍ତେ ୩୫ ଜଣ ଭାରତୀୟଙ୍କୁ ରୁଷ ପଠାଇଛି। ରୁଷ-ୟୁକ୍ରେନ୍ ଯୁଦ୍ଧକ୍ଷେତ୍ରରେ ୨ଜଣ ଭାରତୀୟ ନିହତ ହେବା ପରେ କରାଯାଇଥିବା ଖୋଳତାଡ଼ ଓ ଦଲିଲ ଯାଞ୍ଚରୁ ଏହା ଜଣାପଡ଼ିଛି। ମୁମ୍ବାଇରେ ଫୈସଲର ଏକ ମ୍ୟାନପାୱାର କନସଲଟାନ୍ସି ଫାର୍ମ ରହିଛି। ୟୁଟ୍ୟୁବରେ ସେ ବାବାଭ୍ଲୋଗ୍ସ ନାମ ବା ବ୍ୟାନରରେ ବିଦେଶ ଯାତ୍ରା, ବିଦେଶରେ ଚାକିରି ଓ ପାଠପଢ଼ା, ଚିକିତ୍ସା, ଭିସା ଆବେଦନ ପ୍ରକ୍ରିୟା, ଭିସା ସଂଗ୍ରହର ନିୟମ ଓ ସେଥିପାଇଁ ଖର୍ଚ୍ଚ ଆଦି ବିଷୟକ ଭିଡିଓ କଣ୍ଟେଣ୍ଟ ଅପଲୋଡ୍ କରିଥାଏ। ଦେଶ ବାହାରେ ନିଯୁକ୍ତି ଖୋଜୁଥିବା ଭାରତୀୟଙ୍କ ପାଇଁ ଏହି ଫାର୍ମ ବିଦେଶରେ ଚାକିରି ଯୋଗାଡ଼ କରିଥାଏ । ୨୦୨୩ ଜୁଲାଇ ପରେ ଭାରତୀୟ ଯୁବକଙ୍କୁ ରୁଷ ସେନାରେ ନିଯୁକ୍ତି ପାଇଁ ପଠାଇବା ବେଳେ ଫୈସଲ ସେମାନଙ୍କୁ କହିଥିଲା ଯେ ଯୁଦ୍ଧଧ୍ୱସ୍ତ ଅଞ୍ଚଳରେ ଭଗ୍ନ, ଅର୍ଦ୍ଧଭଗ୍ନ କୋଠାବାଡ଼ିର ଅଳିଆଆବର୍ଜନା ହଟାଇବା, ଦପ୍ତର ତଥା ଦପ୍ତର ପରିସର ସଫା କରିବା, ବଗିଚା କାମ କରିବା, ସୈନ୍ୟଙ୍କ ୟୁନିଫର୍ମ ସଫା କରିବା, ଆଇରନ୍ କରିବା, ରୋଷେଇ ସହାୟକ ଭାବେ କାର୍ଯ୍ୟ କରିବା, ଖାଦ୍ୟ ପରଷିବା, ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଭଣ୍ଡାର ଜଗିବା ଆଦି ଅଣସାମରିକ କାର୍ଯ୍ୟରେ ସେମାନେ ନିୟୋଜିତ ହେବେ। ୩ମାସର ତାଲିମ ନେବା ପରେ ମାସକୁ ୪୦ହଜାରରୁ ୧ଲକ୍ଷ ଟଙ୍କା ଯାଏଁ ଦରମା ମିଳିବ। ରୁଷସେନାରେ ସେମାନେ ସହାୟକ ଭାବେ ନିଯୁକ୍ତ ହେଲେ ରୁଷ ସରକାର ସେମାନଙ୍କୁ ଏକ କାର୍ଡ ଦେବେ ଯାହା ବଳରେ ସେମାନେ ଚାହିଁଲେ ରୁଷରେ ସ୍ଥାୟୀ ବସବାସର ସୁଯୋଗ ପାଇପାରିବେ। ତେବେ ଏହି ସର୍ତ୍ତରେ ରୁଷ ସେନାରେ ନିଯୁକ୍ତି ପାଇଥିବା ଭାରତୀୟମାନଙ୍କୁ ଫ୍ରଣ୍ଟ ଲାଇନକୁ ପଠାଯାଇଛି ଓ ୟୁକ୍ରେନ୍ ସୈନ୍ୟଙ୍କ ସହ ଯୁଦ୍ଧ କରିବାକୁ ବାଧ୍ୟ କରାଯାଉଛି। ଏଭଳି ସ୍ଥିତିରେ ହାଇଦ୍ରାବାଦର ମହମ୍ମଦ ଅଫସାନ ନାମକ ୩୦ବର୍ଷ ବୟସର ଭାରତୀୟ ଯୁବକ ୟୁକ୍ରେନ୍ ଯୁଦ୍ଧକ୍ଷେତ୍ରରେ ନିହତ ହୋଇଛନ୍ତି। ଏହା ପୂର୍ବରୁ ରୁଷ ସେନାରେ ସିକ୍ୟୁରିଟି ଗାର୍ଡ ଭାବେ ନିଯୁକ୍ତି ପାଇଥିବା ସୁରାଟର ଯୁବକ ହିମାଲ ଅଶ୍ୱିନୀଭାଇ ମଙ୍ଗୁକିଆ ୟୁକ୍ରେନର ଏୟାରଷ୍ଟ୍ରାଇକରେ ନିହତ ହୋଇଥିଲେ।

# ବୌଦ୍ଧ ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରରେ ଅଗ୍ନିକାଣ୍ଡ

**ବୌଦ୍ଧ, ୯ ।୩ (ସମିସ):** ବୌଦ୍ଧ ଜିଲ୍ଲା ପବ୍ଲିକ ହେଲ୍ଥ ଲାବୋରେଟୋରୀରେ ମଧ୍ୟରାତିରେ ଅଗ୍ନିକାଣ୍ଡ ଘଟିଛି। ବାହାରକୁ ଧୂଆଁ ବାହାରୁଥିବା ଦେଖି କିଛି ଲୋକ ହସ୍ପିଟାଲ ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀଙ୍କୁ ସୂଚନା ଦେଇଥିଲେ। ସୁରକ୍ଷା କର୍ମୀମାନେ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ସେବା ବାହିନୀ ତତ୍କାଳ ପହଞ୍ଚି ନିଆଁ ଲିଭାଇଥିଲେ। ଏହା ଫଳରେ ଏକ ବଡଧରଣର ଅଘଟଣ ଓ କ୍ଷୟକ୍ଷତିକୁ ରୋକାଯାଇଛି। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡ଼ିନି। ଲାବୋରାଟୋରୀର ଗୋଟିଏ ୟୁପିଏସ୍ ପୋଡି ଯାଇଛି।

# ଆଦର୍ଶ ଶିକ୍ଷକ ଲଳିତ ମିଶ୍ରଙ୍କ ପରଲୋକ

**ତରଭା, ୯ ।୩ (ସମିସ):** ତରଭା ବାଳକ ହାଇସ୍କୁଲର ପୂର୍ବତନ ବିଜ୍ଞାନ ଶିକ୍ଷକ ଲଳିତ ମିଶ୍ର(୮୪)ଆଉ ନାହାନ୍ତି। ସମ୍ବଲପୁରରେ ତାଙ୍କର ପରଲୋକ ହୋଇଯାଇଛି। ସମ୍ବଲପୁର ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଶିଶିର ମୁଖାଗ୍ନି ଦେଇଥିଲେ।



ସୂଚନାଯୋଗ୍ୟ, ତରଭା ବ୍ଲକ ସରଗଜ ପଞ୍ଚାୟତ ନକଟିକନା ଗ୍ରାମର ମୂଳ ନିବାସୀ ଶ୍ରୀ ମିଶ୍ର ତରଭା ସରକାରୀ ବାଳକ ହାଇସ୍କୁଲରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ୧୯୭୫ ପର୍ଯ୍ୟନ୍ତ ଏଠାରେ ସେ ବିଜ୍ଞାନ ଶିକ୍ଷକ ଥିଲେ। ପରେ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ପାଟଣାଗଡ଼ ରମେଇ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ୧୯୯୮ ରେ ଅବସର ଗ୍ରହଣ କରିଥିଲେ।

# ମଦ ବିକ୍ରି ବନ୍ଦ କରିବାକୁ ମହିଳା ଗୋଷ୍ଠୀ ଥାନାର ଦ୍ୱାରସ୍ଥ

**ଡୁଙ୍ଗୁରିପାଲି, ୯ ।୩(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ବଡନୂଆଁପାଲି ଗ୍ରାମରେ ଅବାଧ ମଦ ବିକ୍ରିକୁ ବିରୋଧ କରି ଶତାଧିକ ମହିଳା ଥାନା ଆଗରେ ପ୍ରତିବାଦ କରିଛନ୍ତି। ଏକ ମୋଟରସାଇକେଲ (ଓଆର ୧୫ ଏସ ୬୦୮୨) ଯୋଗେ ଛଞ୍ଚାଣୀ ଗ୍ରାମରୁ ଦେଶୀ ଚୋରା ମଦ ନେଇ ଆସୁଥିବା ବେଳେ ବଡନୂଆଁପାଲି ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜଣକୁ ଧରିଥିଲେ; ହେଲେ ମଦ ଆଣୁଥିବା ବ୍ୟକ୍ତି ଫେରାର ମାରିଥିଲା। ସଙ୍ଗେ ସଙ୍ଗେ ମହିଳାମାନେ ଡୁଙ୍ଗୁରିପାଲି ଥାନାକୁ ଏ ନେଇ ଜଣାଇଥିଲା। ପୁଲିସ ପହଞ୍ଚି ଗାଡ଼ି ଓ ମଦ ଜବତ କରିଥିଲା।

# ଗ୍ରାମ୍ୟ ଜଳଯୋଗାଣ ଅଧିକାରୀ, ସରପଞ୍ଚଙ୍କୁ ତାଲା

**ବେହେରା, ୯।୩(ସମିସ)**

ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଉତ୍କଟ ଜଳସଙ୍କଟ ଦେଖାଦେଇଛି। ଏ ପରିପ୍ରେକ୍ଷୀରେ ପାନୀୟ ଜଳ ଦାବିରେ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ଓ ସରପଞ୍ଚଙ୍କୁ ଗ୍ରାମବାସୀ ତାଲା ପକାଇ ଅଟକ ରଖିବା ଭଳି ଅଭାବନୀୟ ଘଟଣା ଘଟିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଧର୍ମଗଡ଼ ବ୍ଲକ ଛିଲିପା ଗ୍ରାମରେ। ସୂଚନା ମତେ ଗ୍ରାମରେ ବସୁଧା ଯୋଜନାରେ ଓଭର ହେଡ଼ ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଆଜକୁ ଦୀର୍ଘ ୫ ବର୍ଷ ହେବ ପାନୀୟଜଳ ସଙ୍କଟ ଦେଖା ଦେଇଛି। ତେବେ ୩ବର୍ଷ ହେବ ଉତ୍କଟ ଜଳ ସମସ୍ୟା ଗାଁରେ ଲାଗି ରହିଛି। ଏ ନେଇ ଗ୍ରାମବାସୀ ଜଳ ସଙ୍କଟର ସ୍ଥାୟୀ ସମାଧାନ ନିମନ୍ତେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟଏଥି ପ୍ରତି ଦୃଷ୍ଟି ଦେଇ ନ ଥିବା ପ୍ରକାଶ କରନ୍ତି। ତେବେ ଗତ ୫ଦିନ ହେବ



ଗ୍ରାମରେ ଜଳ ଯୋଗାଣ ସମ୍ପୂର୍ଣ ଠପ୍ ହୋଇ ପଡ଼ିଛି। ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଶନିବାର ଧର୍ମଗଡ଼ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟ ପହଞ୍ଚିବା ପରେ ଉତ୍ୟକ୍ତ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସେମାନଙ୍କୁ ଅଟକ ରଖିଥିଲେ। ଖବର ପାଇ ଧର୍ମଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ରାଜ୍ୟ କଂଗ୍ରେସ କମିଟି ସଦସ୍ୟ ଦିଗାମ୍ବର ଦୂରିଆ ଆନ୍ଦୋଳନକୁ ସମର୍ଥନ ଜଣାଇ ଯଥାଶୀଘ୍ର ପାନୀୟଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଅନ୍ତର୍ଜାତୀୟ ମହିଳା ଦିବସରେ ଭିତ୍ତିପ୍ରସ୍ତର

ତୁଷୁରା, ୯ ।୩(ସମିସ): ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ତୁଷୁରା ଏନ୍‌ଏସିର ସମଲେଶ୍ୱରୀ ମନ୍ଦିର ସାମ୍ନା ପଡ଼ିଆରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ଜିଲ୍ଲାପରିଷଦ ସଭ୍ୟ ରାମ ନିବାସ ଅଗ୍ରୱାଲ, ସ୍ନେହାଞ୍ଜଳି ମହାନ୍ତି, ଚିରାକ ସିଂଦେଓ, ମାମୀ ଦାଶଙ୍କ ସହିତ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ବିଜେଡି କର୍ମକର୍ତ୍ତା ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଟିଟିଲାଗଡ଼ ବ୍ଲକ ଜିଲ୍ଲା ପରିଷଦ ଗୀତା ବିଶି। ଅପରପକ୍ଷରେ ମନ୍ତ୍ରୀ ଟୁକୁନୀ ସାହୁ ସମଲେଶ୍ୱରୀ ମନ୍ଦିର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ପରେ ତୁଷୁରା ଡାକ୍ତରଖାନାର ଉନ୍ନତି ପାଇଁ ଭିତ୍ତିପ୍ରସ୍ତର ଏବଂ ଡାକ୍ତର ଖାନା ସମ୍ମୁଖରେ ଦୋକାନ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ଛବି ସାହୁ, ପପୁ ଜୟସ୍ୱାଲ, ପ୍ରଦୀପ ସାହୁ, ଯୁବ ବିଜେଡି ନେତା ବିକାଶ ଶର୍ମା, ରାମଶଙ୍କର ବାଗ, ରାଜା ବଗର୍ତ୍ତି, ଜ୍ୟୋତି ମହାପାତ୍ର, ଅଭିଷେକ ସାହୁଙ୍କ ସହିତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ କୋଶଲିଆ ଯୁବ ଯାଦବ ସମ୍ମିଳନୀ

**ଧର୍ମଗଡ଼, ୯।୩(ସମିସ):** ସଂଗଠିତ ହେଲେ ସାମ୍ପ୍ରଦାୟିକ କ୍ଷେତ୍ରରେ ଉନ୍ନତି ବୃଦ୍ଧି ପାଇବା ସହିତ ଅର୍ଥନୀତି ସୁଦୃଢ ହୋଇ ପାରିବ। ଆଜିର ଦିନରେ ଏକତା ଓ ସଂଗଠିତ ହେବା ଆବଶ୍ୟକତା ରହିଛି। ଏକତା ରହିଲେ ସମାଜର ଉନ୍ନତିକରଣ ହେବା ସହ ରାଜନୈତିକ କ୍ଷେତ୍ରରେ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶନିବାର ଅନୁଷ୍ଠିତ ଜିଲ୍ଲାସ୍ତରୀୟ କୋଶଲିଆ ଯୁବ ଯାଦବ ସମାଜ ସମ୍ମିଳନୀରେ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଛନ୍ତି। ଧର୍ମଗଡ଼ ବ୍ଲକ ବେହେରା ଗୋରୁ ବଜାର ପ୍ରାଙ୍ଗଣରେ ଦଣ୍ଡପାଟ କୋଶଲିଆ ଯୁବ ଯାଦବ ସମାଜ ସଂଗଠନ ସଭାପତି କିଶୋର ଚନ୍ଦ୍ର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାରଗଡ଼ କୋଶଲିଆ ସମାଜ ପ୍ରବକ୍ତା ଭୁବନେଶ୍ୱର ରାଉତ, ମୁଖ୍ୟ ବକ୍ତା ନୂଆପଡ଼ା କୋଶଲିଆ ଯାଦବ ସମାଜ ସମ୍ପାଦକ ତୁଳସୀ ରାମ ରାଉତ, ସମ୍ମାନିତ ଅତିଥି ଭାବେ ବେହେରା ଆଞ୍ଚଳିକ ସଭାପତି ତୁଳସୀ ରାମ ଗୋପାଲ, କଳାହାଣ୍ଡି କୋଶଲିଆ ଯାଦବ ସମାଜ ସମ୍ପାଦକ ହରି ପ୍ରସାଦ ବାଗ, ଧର୍ମଗଡ଼ ବ୍ଲକ ସଭାପତି ହେମନ୍ତ ନାଗ, କଳାହାଣ୍ଡି ମହିଳା ମଞ୍ଚ ସଭାପତି ପ୍ରେମା ବାଣୁଆ, ଦଣ୍ଡପାଟ ମହିଳା ସଂଗଠନ ସଭାପତି ସୁଚିତ୍ରା ଗୋପାଲ, ଡାଲେଶ୍ୱରି ସିନ୍ଦୂର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶହ ଶହ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଷୀରସିନ୍ଧୁ ବାଣୁଆ, ଦେବାନନ୍ଦ ରାଉତ ପରିଚାଳନା କରିଥିବା ବେଳେ ଦଣ୍ଡପାଟ କୋଶଲିଆ ଯାଦବ ସମାଜ କର୍ମକର୍ତ୍ତା ଗୁଣନିଧି ନାଗ, ଈଶ୍ୱର ବାଣୁଆ, ଗଙ୍ଗାଧର ନାଗ, ବିପିନ ଘଉତ, ଭିକାରୀ ଚରଣ ଗୋପାଲ, ଚମନ୍ ଗୋପାଲ, ବିବାଧର ଭଇଁଶାଳ, ଗଜେନ୍ଦ୍ର ଭଇଁଶାଳ ପ୍ରମୁଖ ସହଯୋଗ କରିଥିଲେ।

# ବିକାଶ ଆବାସିକ ବିଦ୍ୟାଳୟରେ ଟେକ୍ନୋ ସିଲାବସ ଆରମ୍ଭ

**ଭବାନୀପାଟଣା, ୯।୩(ସମିସ):** ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶିକ୍ଷା। ଏହି ପରିପ୍ରେକ୍ଷୀରେ ଶିକ୍ଷାର ସାମଗ୍ରିକ ବିକାଶ ନିମନ୍ତେ ବିକାଶ ଆବାସିକ ବିଦ୍ୟାଳୟରେ ଅଭିଭାବକମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ମେସର୍ସ ସ୍ଫୁର୍ତ୍ତି ଓ ଡିନ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟସନ୍ ଓଡ଼ିଶା ଏ ଦିଲୀପ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଏକାଡେମିକ ଇନ୍‌ଚାର୍ଜ ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, ବିବିଏ ବିସିଏ ଅଧ୍ୟକ୍ଷ ଡ଼ ସୁଦୀପ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ମେସର୍ସର୍ ସ୍ଫୁର୍ତ୍ତି ଆଧୁନିକ ଯୁଗରେ ପିଲାମାନଙ୍କ ଅନାବଶ୍ୟକ ଆବଶ୍ୟକତାକୁ ପୂରଣ କରିବା କେତେଦୂର ଯୁକ୍ତିଯୁକ୍ତ ଓ କିଭଳି ଭାବରେ ଅଭିଭାବକମାନେ ନିଜ ପିଲାଙ୍କୁ ଅଦରକାରୀ ବସ୍ତୁ ଠାରୁ ଦୂରେଇ ରଖିପାରିବେ ତତ୍ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ। ଅନ୍ୟତମ ପ୍ରଶିକ୍ଷକ ଏ. ଦିଲୀପ କୁମାର ବିଦ୍ୟାଳୟ ସ୍ତରରେ ଟେକ୍ନୋ ସିଲାବସର ଉପଯୋଗିତା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଅଭିଭାବକମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ ଅଭିଭାବକ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ। ପରିଶେଷରେ ପ୍ରିୟଙ୍କା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗ ରହିଥିଲା।



## ମାସିକ ରଚନା ସନ୍ଧ୍ୟା

# ନାରୀ ଅସୀମ ଶକ୍ତି ଓ ବିପୁଳ ସମ୍ଭାବନାର ଅଧିକାରିଣୀ

ବଲାଙ୍ଗିର, ୯ ।୩(ସମିସ): ସାମ୍ପ୍ରତିକ ସମାଜରେ ନାରୀର ସ୍ଥାନ ସ୍ୱତନ୍ତ୍ର। ସେ ଆଉ ପାରମ୍ପରିକ ଶବ୍ଦରେ ଅବଳା ଦୁର୍ବଳା ନୁହେଁ। ନାରୀ ଏବେ ଅସୀମ ଶକ୍ତିର ଅଧିକାରିଣୀ ଏବଂ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଇ ସମାଜକୁ ନୂତନ ଦିଗଦର୍ଶନ ଦେବା ସହିତ ସାମୂହିକ ବିକାଶରେ ନିଜର କୃତିତ୍ୱ ପ୍ରତିଷ୍ଠା କରିପାରିଛି। ଭବିଷ୍ୟତରେ ମଧ୍ୟ ନାରୀଶକ୍ତିର ବିପୁଳ ସମ୍ଭାବନା ରହିଛି। ବଲାଙ୍ଗିରର ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ରଚନା' ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆୟୋଜିତ ନାରୀଶକ୍ତି: ସ୍ଥିତି ଓ ସମ୍ଭାବନା ଶୀର୍ଷକ ବିଶେଷ ଆଲୋଚନା ଚକ୍ରରେ ଏଭଳି ମତ ପ୍ରକାଶ ପାଇଛି। ଏଥିରେ ମାହେଶ୍ୱରୀ ସାମାଜିକ କଲ୍ୟାଣ ସଙ୍ଗଠନ ମହିଳା ଶାଖାର ସଂଯୋଜିକା ଈଶିକା ଦାସ, ନାରୀଶକ୍ତି ସଂଗଠନର ସଭାନେତ୍ରୀ ସରିତା ଦାଶ, ସମ୍ପୂର୍ଣ୍ଣାର ସମ୍ପାଦିକା ରଶ୍ମିପାତ୍ର, ଆଦ୍ୟାଶକ୍ତି ନାରୀ ସଂଗଠନର ସଭାନେତ୍ରୀ କସ୍ତୁରୀ ରଥ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ଼ ପ୍ରିୟମ୍ବଦା ହୋତା ବକ୍ତାଭାବରେ ଯୋଗଦେଇ ଥିଲେ। କବି ଟୁମକୀ ଦାଶ ନାରୀଶକ୍ତି ସମ୍ପର୍କିତ ପ୍ରାରମ୍ଭିକ ସଙ୍ଗୀତଗାନ ଏବଂ 'ରଚନା'ର ସଦସ୍ୟା ସସ୍ମିତା ନେପାକ ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସନାତନ ଠାକୁର, ସମ୍ପାଦକ ଭାଗିରଥୀ ମିଶ୍ର ଓ ସଦସ୍ୟ ସଦସ୍ୟାଙ୍କ ସହିତ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।


# ପ୍ରେସ୍ ବିଜ୍ଞପ୍ତି
## ଜନସାଧାରଣଙ୍କ ଅବଗତି ନିମନ୍ତେ
# KISS ର ୧୦ ଏକର ଜଙ୍ଗଲ ଜମିର Forest Land Diversion

- KISSର ୧୦ ଏକର ଜଙ୍ଗଲ କିସମ ଜମିର Forest Land Diversion ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ।
- KISSର ଜଙ୍ଗଲ ଜମିର କିସମ ପରିବର୍ତ୍ତନର ସଫଳତା ପାଇଁ ସର୍ବ ପ୍ରଥମେ ମୁଁ ଓଡ଼ିଶା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।
- KISSର ଦୀର୍ଘ ଦିନର ସ୍ୱପ୍ନର ସାକାର ହୋଇଛି। KISSର ୧୦ ଏକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହୋଇପାରିଛି। ମୁଁ ଅଚ୍ୟୁତ ସାମନ୍ତ ମିଥ୍ୟା ଅପବାଦରୁ ମୁକ୍ତ ହୋଇଛି। ଆମେ ଯେତେବେଳେ ୧୯୯୪/୯୫ ମସିହାରେ ପଟିଆ ଅଞ୍ଚଳରେ କିଟ୍ ଆରମ୍ଭ କଲୁ ସେତେବେଳେ KISS ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୦ ଏକର ଜମି ପାଇଥିଲୁ। ସେତେବେଳେ ଏହି ଜମି ବିଷୟରେ କୌଣସି ଧାରଣା ନଥିଲା।
- ୨୦୦୬/୦୭ ମସିହାରେ ଆମେ ଜାଣିବାକୁ ପାଇଲୁ ଯେ ଏହା ଜଙ୍ଗଲ କିସମ ଜମି। ସେହିଦିନଠାରୁ KISSର ୧୦ ଏକର ଜଙ୍ଗଲ କିସମ ଜମିର କିସମ ପରିବର୍ତ୍ତନ କରିବା ପାଇଁ ନିରନ୍ତର ଚେଷ୍ଟା କରିଆସୁଥିଲୁ।
- ଏଥିପାଇଁ କିଛି ନକାରାତ୍ମକ ବ୍ୟକ୍ତି, କିଛି ଧନୀ ବ୍ୟକ୍ତିଙ୍କ ପଇସା ବଳରେ ମୋତେ ଅନେକ ଦୁଃଖ, କଷ୍ଟ, ଲାଞ୍ଛନା, ଗଞ୍ଜଣା କରାଯିବା ସହ ସମଗ୍ର ଭାରତ ଓ ବିଶ୍ୱରେ ମୋର ନିନ୍ଦା କରିଚାଲିଥାନ୍ତି। କିନ୍ତୁ ମୁଁ ସତ୍ ପଥରେ ଥିଲି ବୋଲି ଗତ ୧୭ ବର୍ଷ ମଧ୍ୟରେ ମୁଁ କେବେ ଭାଙ୍ଗି ପଡ଼ିନାହିଁ। ଆଜି ସେହି ୧୭ ବର୍ଷର ପରିଶ୍ରମ ସଫଳ ହୋଇପାରିଛି।
- ଏହି ଉପଲକ୍ଷେ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀ, ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତଥା ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ମୋର ହୃଦୟଭରା ଧନ୍ୟବାଦ ଓ କୃତଜ୍ଞତା।
- ମୋ ନାମରେ କୌଣସି ଜମି କିମ୍ବା ଘର ନାହିଁ, ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୋ ନାମରେ କୌଣସି ସମ୍ପତ୍ତି କେହି ପାଇବେ ନାହିଁ।
- ଏହି ମିଥ୍ୟା ଅପବାଦରୁ ନିଜକୁ ଓ କିସ୍‌କୁ ମୁକ୍ତ ହୋଇପାରିଥିବାରୁ ଆଜି ମୁଁ ଆନନ୍ଦିତ।
- ପଥରଗାଡ଼ିଆ ମୌଜାର ଜନସାଧାରଣଙ୍କୁ ପଲ୍ଲୀସଭା/ ଗ୍ରାମସଭାରେ ସେମାନଙ୍କ ଅକୁଣ୍ଠ ସମର୍ଥନ ପାଇଁ ଧନ୍ୟବାଦ।
- କିସ୍‌ର ସମସ୍ତ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, କିସ୍‌ର ଅଭିଭାବକବୃନ୍ଦ ଓ ସମଗ୍ର ଜନଜାତି ସମାଜକୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ।

ସ୍ୱା/-
(ଅଚ୍ୟୁତ ସାମନ୍ତ)
ପ୍ରତିଷ୍ଠାତା, କିଟ୍ ଓ କିସ୍

### ସମ୍ବଲପୁରରେ 'ମୋ ବସ୍' ସେବାର ଶୁଭାରମ୍ଭ

# ପରିବହନ ବ୍ୟବସ୍ଥାରେ ରୂପାନ୍ତରଣ

**ସମ୍ବଲପୁର, ୯।୩(ସମିସ)**

ସମ୍ବଲପୁର ଜିଲ୍ଲାରେ ଆଜି ଠାରୁ 'ମୋ ବସ' ସେବା ଶୁଭାରମ୍ଭ ହୋଇଛି। ଅଇଁଠାପାଲି ବସଷ୍ଟାଣ୍ଡ ଠାରେ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଆଭାସୀମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ।






ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉତ୍ତମ ଯୋଗାଯୋଗ ସମୃଦ୍ଧ ଭବିଷ୍ୟତର ଆଧାର। ୫ଟି ଉପକ୍ରମରେ ସାରା ରାଜ୍ୟରେ ଗାଁରୁ ସହର ସବୁଆଡ଼େ ପରିବହନ ବ୍ୟବସ୍ଥାରେ ରୂପାନ୍ତରଣ ହୋଇଆସୁଛି। ମୋ ବସ୍ ଠାରୁ ଆରମ୍ଭ କରି ଲକ୍ଷ୍ମୀ ଯୋଜନା ଓ ମେଟ୍ରୋ ରେଳ ଯୋଜନା ନୂଆ ଓଡ଼ିଶା ଦିଗରେ ଆମର ଉଦ୍ୟମକୁ ଶକ୍ତିଶାଳୀ କରୁଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଆଜି ଆପଣଙ୍କ ସହରରେ ମୋ ବସ୍ ସେବା ଆରମ୍ଭ ହେଲା। ଏହାଦ୍ୱାରା ଆପଣ ମାନେ ସହର ଭିତରେ ଏବଂ ଆଖପାଖ ଅଞ୍ଚଳକୁ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଯିବାଆସିବା କରି ପାରିବେ। ମୋ ବସ୍ ପାଇଁ ଉଭୟ କ୍ୟାସ୍ ଓ ଡିଜିଟାଲ ମୋଡ୍‌ରେ ପେମେଣ୍ଟ ବ୍ୟବସ୍ଥା ସହିତ 'ମୋ ବସ୍ କାର୍ଡ ଟ୍ୟାପ ଆଣ୍ଡ ପେ' ସୁବିଧା କରାଯାଇଛି ବୋଲି କହି ଏଥିରେ ଯାତ୍ରୀମାନଙ୍କର ସୁରକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ସମ୍ବଲପୁର ମୋ ବସ୍ ଗୁଡିକରେ ୯୦ ପ୍ରତିଶତ କଣ୍ଡକ୍ଟର ମହିଳା ମାନଙ୍କୁ ନିଯୁକ୍ତି ଦିଆଯାଇଛି। କମ୍ ଖର୍ଚ୍ଚରେ ନିରାପଦ ଯାତ୍ରା ଯୋଗାଇଦେବା ମୋ ବସ ସେବାର ଲକ୍ଷ୍ୟ ବୋଲି ସେ କହିଥିଲେ। ଆଗକୁ ରାଜ୍ୟର ସବୁ ସହରରେ ମୋ ବସ୍ ସେବା ସୁବିଧା ମିଳିବ ବୋଲି ସେ ଘୋଷଣା କରିଥିଲେ। ସମ୍ବଲପୁରରେ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ ଯୋଗ ଦେଇ କହିଲେ ଯେ, ଗ୍ରାମାଞ୍ଚଳରେ ଲକ୍ଷ୍ମୀ ବସ୍ ଭଳି ଏହି ମୋ ବସ୍ ସେବା ନିଶ୍ଚିତ ଭାବେ ସହରାଞ୍ଚଳ ଗମନାଗମନ ବ୍ୟବସ୍ଥାରେ ସୁବିଧା ଆଣିବ। ଆଜି ବିକାଶର ଧାରା ସମ୍ବଲପୁର ଜିଲ୍ଲାରେ ଜାରି ରହିଛି। ଏଥିପାଇଁ ଜିଲ୍ଲାବାସୀ ବହୁତ ଖୁସି। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଜିଲ୍ଲାବାସୀଙ୍କ ପକ୍ଷରୁ ସେ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଠାରେ ଉପସ୍ଥିତ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ସ୍ୱାଗତ ଭାଷଣରେ କହିଥିଲେ ଯେ, ଓଡ଼ିଶାବାସୀଙ୍କୁ ଏକ ପରିବେଶ ଅନୁକୂଳ, ସୁଲଭ ତଥା ବିଶ୍ୱସ୍ତରୀୟ ବସ୍ ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ। ଆଜି ମୋ ବସ୍ ଆରମ୍ଭ ହେବାର ୬ ବର୍ଷରୁ କମ୍ ସମୟ ମଧ୍ୟରେ ଏହା ଏକ ଉନ୍ନତ ବ୍ରାଣ୍ଡରେ ପରିଣତ ହୋଇଛି। କେବଳ ବିଭିନ୍ନ ସହରର ଲୋକମାନେ ମୋ ବସ୍ ସେବା ପାଇଁ ଦାବି କରୁନାହାନ୍ତି ବରଂ ବିଭିନ୍ନ ରାଜ୍ୟର ଅଧିକାରୀମାନେ ମଧ୍ୟ ଏହି ସେବା ବିଷୟରେ ଜାଣିବାକୁ ଆସନ୍ତି। ସୂଚନା ଯୋଗ୍ୟଯେ, ପ୍ରଥମ ପର୍ଯ୍ୟାୟରେ ଉଭୟ ସହରର ୪ଟି ରୁଟରେ ୧୫ଟି ମୋ ବସ୍ (୧୦ଟି ନନ୍ ଏସି ଓ ୫ଟି ଏସି) ଚଳାଚଳ କରିବ। ପରେ ସି.ଆର.ୟୁ.ଟି, ଲୋକଙ୍କ ସୁବିଧା ପାଇଁ ଅଧିକ ବସ୍ ଓ ରୁଟ୍ ଯୋଡ଼ିବ, ନାଗରିକମାନେ ମୋ ବସ୍ ଟିକେଟ ନଗଦ ଏବଂ ଡିଜିଟାଲ ମାଧ୍ୟମରେ କିଣିପାରିବେ। ବସ୍ ଗୁଡ଼ିକର ଲାଇଭ୍ ଟ୍ରାକିଂ ଏବଂ ରିୟଲ ଟାଇମ୍ ଅକ୍ୟୁପେନ୍ସି ର ଦୃଶ୍ୟ ପାଇଁ ମୋ ବସ୍ ଆପ୍ ବ୍ୟବହାର କରାଯାଇପାରିବ। ଯାତ୍ରୀଙ୍କ ସୁରକ୍ଷା ପାଇଁ ସମସ୍ତ ବସରେ ସିସିଟିଭି ନଜର ରଖାଯାଇଛି। ବସ୍ ଡ୍ରାଇଭରମାନଙ୍କୁ କ୍ୟାପଟେନ୍ ଓ କଣ୍ଡକ୍ଟରଙ୍କୁ ଗାଇଡ୍ ଭାବେ କୁହାଯାଉଛି। ସମ୍ବଲପୁରରେ ନିମ୍ନଲିଖିତ ରୁଟ୍ ରେ ମୋ ବସ୍ ସେବା ଚଳାଚଳ କରିବ।

ରୁଟ୍ ୨୦୦ ସିଟି ରେଳ ଷ୍ଟେସନରୁ କ୍ଷେତରାଜପୁର ରେଳ ଷ୍ଟେସନ (ଭାୟା- ଅଇଁଠାପାଲି ବସ୍ ଟର୍ମିନାଲ, ବୁଢାରାଜା ମନ୍ଦିର, ମୋଦୀପଡ଼ା ଛକ), ରୁଟ୍ ୨୦୧ ଅଇଁଠାପାଲି ବସ୍ ଟର୍ମିନାଲରୁ ସାହାଜବାହାଲ (ଭାୟା- ହୀରାକୁଦ ରେଳ ଷ୍ଟେସନ, ଗୋଶାଳା), ରୁଟ୍ ୨୦୨ ଅଇଁଠାପାଲି ବସ୍ ଟର୍ମିନାଲରୁ ବୁର୍ଲା ବସଷ୍ଟାଣ୍ଡ (ଭାୟା- ଲକ୍ଷ୍ମୀ ଟକିଜ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମଲେଶ୍ୱରୀ ମନ୍ଦିର, ଭିସୁଟ), ରୁଟ୍ ୨୦୩ ଅଇଁଠାପାଲି ବସ୍ ଟର୍ମିନାଲ- ହୀରାକୁଦ ଡ୍ୟାମ୍ (ଭାୟା- ରେମେଡ୍ ଛକ, ହିଣ୍ଡାଲକୋ ଛକ)। ସିଟି ରେଳ ଷ୍ଟେସନରୁ କ୍ଷେତରାଜପୁର ରେଳ ଷ୍ଟେସନ (ରୁଟ୍ ୨୦୦) ପାଇଁ ଥିବା ଷ୍ଟପେଜ୍ ଗୁଡ଼ିକ ହେଲା ସିଟି ରେଳ ଷ୍ଟେସନ ଛକ, ଶକ୍ତିପଡ଼ା, ଅମୃତବିହାର, ବିର୍ସା ମୁଣ୍ଡାଛକ, ଅଇଁଠାପାଲିଛକ, ପିଏଚଡି ପଡ଼ିଆ, ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର, ଏଲ୍.ଆଇ.ସି କାର୍ଯ୍ୟାଳୟ, ଏସ୍.ଆର୍.ଆଇ.ଟି କଲୋନି, ବୁଢାରାଜାମନ୍ଦିର, ସାଇମନ୍ଦିର, ରିଲାଏନ୍ସ ସ୍ମାର୍ଟ, ଜି.ଏମ୍ ବିଶ୍ୱବିଦ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପାଣି ଟାଙ୍କି ଛକ, ଓ.ଏସ୍.ଆର୍.ଟି.ସି ଡିପୋ, ସିଟି ସେଣ୍ଟର ମଲ, ଚେରୁଆପଡ଼ା ଛକ, ଜେ.ଏଲ୍.ଏନ୍ ରୋଡ ଓ କ୍ଷେତରାଜପୁର ରେଳ ଷ୍ଟେସନ। ଅଇଁଠାପାଲି ବସ୍ ଟର୍ମିନାଲରୁ ସାହାଜ ବାହାଲ (ରୁଟ୍ ୨୦୧)ର ଷ୍ଟପ୍ ପେଜ୍ ଗୁଡ଼ିକ ହେଲା ବରେଇପାଲି, ରେମେଡ୍ ଛକ, ଲକ୍ଷ୍ମୀଡୁଙ୍ଗୁରିଛକ, ପିସି ବ୍ରିଜ୍ ଛକ, ଏମ୍.ସି.ଏଲ୍ ଛକ, ହୀରାକୁଦ ରେଳଷ୍ଟେସନ, ଗୋଲଗୁଣ୍ଡା ଗ୍ରାମରୋଡ୍, ଏ.କଟାପାଲି, ବୈଜାମୁଣ୍ଡା, ସମ୍ବଲପୁର ଡାୟାରୀ, ଜେ.ଏନ.ଭି ଗୋଶାଳା, ଗୋଶାଳା ମାର୍କେଟ, ଜିସି ସି.ଆର୍.ପି.ଏଫ୍ ଓ ପୁଲିସ ପ୍ରଶିକ୍ଷଣ କେନ୍ଦ୍ର ବସନ୍ତପୁର ରହିଛି।

### ସେମାନଙ୍କ ମୁହଁରୁ



ସମ୍ବଲପୁରରେ ମୋ ବସ ଚାଲିଥିବାରୁ ମୁ ବହୁତ ଖୁସି ଅଛି। ପ୍ରତ୍ୟକ ଦିନ ମୁ ଅଟୋରେ କଲେଜ ଯାଇଥାଏ। ଯାହା ଫଳରେ ଅଧିକ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥର କମ ଟଙ୍କାରେ ସହଜରେ ମୋ ବସରେ କଲେଜ ଯାଇପାରିବି।

**ବିଚିତ୍ରା ବାଗ, ଛାତ୍ରୀ, ସମଲେଶ୍ୱରୀ କଲେଜ**



ସମ୍ବଲପୁରରେ ମୋ ବସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପଞ୍ଚାୟତସ୍ତରରେ ଲକ୍ଷ୍ମୀ ବସ ଚାଲୁଅଛି। ଏବେ ସମ୍ବଲପୁର ସହରରେ ମୋ ବସ ଚାଲିଲା। ଏହା ସହ ମୋ ବସ ଆପ୍‌ରେ ବସକୁ ଟ୍ରାକ କରିହେବ ଓ ସୂଚନା ମଧ୍ୟ ମିଳି ପାରିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ପଦକ୍ଷେପ ପାଇଁ ସାଧୁବାଦ ଜ୍ଞାପନ କରୁଛି।

**ଲିଳିମା ମହାପାତ୍ର, ଗୃହିଣୀ, ଜଗନ୍ନାଥ କଲୋନି**



ସହର ଭିତରେ ଯାତାୟତ କରିବା ପାଇଁ ମୋ ବସ ଏକ ଭଲ ପଦକ୍ଷେପ। କମ ଟଙ୍କାରେ ସହର ତଥା ହୀରାକୁଦ, ବୁର୍ଲା ଯିବା ପାଇଁ ଏହି ବସ ଜରୁରୀ ଥିଲା। ଏହାକୁ ରାଜ୍ୟ ସରକାର ଚାଲୁ କରିଥିବାରୁ ଅଶେଷ ଧନ୍ୟବାଦ। ଏହା ସହ ମହିଳା କଣ୍ଡକ୍ଟର ସ୍ୱାଗତଯୋଗ୍ୟ ଅଟେ।

**ମାନସୀ ବଗର୍ତ୍ତି, ଗୃହିଣୀ, କମଲି ବଜାର**

## ପ୍ରେମିକାକୁ ନକଲି ବନ୍ଧୁକରେ ଭୟଭୀତ କରି ବନ୍ଧା ହେଲା ପ୍ରେମିକ

**କୁଚିଣ୍ଡା, ୯।୩(ସମିସ) :** କୁଚିଣ୍ଡା ଥାନା ଅଧିନସ୍ଥ ଲଇଡାଗୁଣା ଗ୍ରାମର ଜୈନେକା ଯୁବତୀ ଚେନ୍ନାଇରେ କାମ କରୁଥିଲା। ଶିବରାତ୍ରି ଜାଗର ପାଇଁ ଗତ ଶୁକ୍ରବାର ଦିନ ଝାରସୁଗୁଡା ଫେରି ରେଳଷ୍ଟେସନରେ ପହଞ୍ଚି ବନହରପାଲି ଥାନା ତିଲିଆ ଗ୍ରାମର ସ୍ୱର୍ଗତ ଭିକାରୀ ବେହେରାଙ୍କ ପୁଅ ନିରଞ୍ଜନ ବେହେରା (୨୫) ଙ୍କୁ ଝାରସୁଗୁଡା ଷ୍ଟେସନରୁ ନେଇ ତାଙ୍କ ଘରେ ଛାଡ଼ି ଦେବାକୁ ଫୋନ କରିଥିଲେ।



ଇତି ମଧ୍ୟରେ ତା ଆଗରୁ କୌଣସି ସୂତ୍ରରୁ ଖବର ପାଇ ଅନ୍ୟ ଜଣେ ଯୁବକ ଆସି ଉକ୍ତ ଯୁବତୀକୁ ବାଇକରେ ଷ୍ଟେସନରୁ ବସାଇ କୁଚିଣ୍ଡା ବସଷ୍ଟାଣ୍ଡକୁ ନେଇଥିଲେ। ସେଠାରେ ଉକ୍ତ ଯୁବକ-ଯୁବତୀ କଥାବାର୍ତ୍ତା କରୁଥିବା ବେଳେ ପୂର୍ବରୁ ଫୋନ ପାଇଥିବା ତିଲିଆର ନିରଞ୍ଜନ ପହଞ୍ଚି ଦୁଇ ଜଣଙ୍କର ଫୋଟ ଉଠାଇ ଯୁବତୀଙ୍କ ପରିବାରକୁ ଦେଖାଇବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଯୁବତୀ ଓ ଉଭୟ ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହେବାସହ ଖେଳଣା ବନ୍ଧୁକ ଦେଖାଇ ଭୟଭୀତ କରାଇ ବାଇକ ରେ ବସାଇ ନେବା ଉଦ୍ୟମ କରୁଥିବା ବେଳେ ବସଷ୍ଟାଣ୍ଡ ର କିଛି ଦୋକାନୀ ଏହି ଦୃଶ୍ୟ ଦେଖି ପୁଲିସ କୁ ଜଣାଇଥିଲେ। ଖବର ପାଇ କୁଚିଣ୍ଡା ପୁଲିସ ପହଞ୍ଚି ବନ୍ଧୁକ ଧରିଥିବା ଯୁବକ ନିରଞ୍ଜନକୁ ଧରିନେଇଥିଲା। ଘଟଣା ସ୍ଥଳରୁ ଯୁବତୀ ଓ ଅନ୍ୟ ଯୁବକ ଫେରାର ହୋଇ ଯାଇଥିଲେ। ପୁଲିସ ଏହି ଘଟଣାରେ କୁଚିଣ୍ଡା ଥାନା ରେ କେସ ନଂ ୧୦୯ ତା ୮.୩.୨୦୨୪ ରେ ମାମଲା ରୁଜୁ କରି ଦଫା ୩୯୨/୨୫ ଆର୍ମ ଆକ୍ଟ ରେ ମାମଲା ରୁଜୁ କରିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ପେଟ୍ରୋଲ ବୋଝେଇ ଟ୍ୟାଙ୍କର ଧକ୍କାରେ ମହିଳା ମୃତ

**ରେଢ଼ାଖୋଲ, ୯।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ହସ୍ପିଟାଲ ଛକ ଠାରେ ଶନିବାର ଦିନ ଏକ ପେଟ୍ରୋଲ ବୋଝେଇ ଟ୍ୟାଙ୍କର୍ ଧକ୍କାରେ ମହିଳାଙ୍କ ମୃତ ହୋଇଯାଇଛି। ମହିଳା ଜଣଙ୍କ ହେଲେ ବୌଦ୍ଧ ଜିଲ୍ଲା ବୁଟୁପାଲି ଗ୍ରାମର ଆଶାବତି ଦାସ(୫୦)। ଉକ୍ତ ମହିଳା ଆଶାବତି ବୌଦ୍ଧ ଅଞ୍ଚଳରୁ ହୋଇଥିଲେ ମଧ୍ୟ ରେଢ଼ାଖୋଲରେ ଦୀର୍ଘ ଦିନ ହେବ ରହି ଆସୁଥିଲେ। ଆଜି ସନ୍ଧ୍ୟା ସମୟରେ ରେଢ଼ାଖୋଲ ହସ୍ପିଟାଲ ଛକ ରାସ୍ତା ପାର ହୋଉଥିବା ବେଳେ ଏକ ପେଟ୍ରୋଲ ବୋଝେଇ ଟ୍ୟାଙ୍କର୍ ଓଡ଼ି ୦୫ ବିକେ ୭୯୫୪ ନମ୍ବର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଉକ୍ତ ମହିଳା ଜଣଙ୍କୁ ଉଦ୍ଧାର କରି ଏକ ଠେଲାରେ ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ଡାକ୍ତର ମହିଳା ଙ୍କୁ ମୃତ ଘୋଷଣା କରିଥିଲେ। ରେଢ଼ାଖୋଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଟ୍ୟାଙ୍କର ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖିଛି। ରେଢ଼ାଖୋଲ ସମ୍ବଲପୁର ୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ସହର ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଯୋଗୁଁ ବହୁ ଲୋକଙ୍କ ଜୀବନ ଗଲାଣି। ଏହାକୁ ନେଇ ରେଢ଼ାଖୋଲ ବାଇପାସ୍ ଦାବି ହୋଇଆସୁଛି। ଏହି ରାସ୍ତାରେ ଗତିରୋଧକ ନିର୍ମାଣ ପାଇଁ ଦାବି ହୋଇଛି।



## ମଦ ଜବତ, ଜଣେ ଗିରଫ

**କୁଚିଣ୍ଡା, ୯।୩(ସମିସ) :** ମହୁଲପାଲି ଥାନା ଅନ୍ତର୍ଗତ ଲାଙ୍ଗପୋଷି ଗ୍ରାମର ପୁଲିସ ଧରପଗଡ଼ କରି ସୁଦାମ କିସାନ (୫୫) ଘରୁ ୧୮ ଲିଟର ରନ୍ଧା ଦେଶୀ ମଦ ଜବତ କରିବା ସହ ସୁଦାମ କୁ ଗିରଫ କରି ମହୁଲପାଲି ଥାନାରେ କେସ ନଂ ୪୩/୨୦୨୪ ରେ ମାମଲା ରୁଜୁ କରଥିବା ଜଣାଯାଇଛି।

## ଯୁବକଙ୍କ ଆତ୍ମହତ୍ୟା

**ହୀରାକୁଦ, ୯।୩ (ସମିସ):** ଶନିବାର ଦ୍ୱିପ୍ରହର ପ୍ରାୟ ୨ଟା ରେ କାମେଶ ପରିଡ଼ା (୪୪) ନାମକ ଏକ ବ୍ୟକ୍ତି ସ୍ଥାନୀୟ ଭି ଏସ ଏସ କ୍ଲବ ପାଖ ନିଜ ଏକ ଖଲିଦନା ଗୋଦାମ ରେ ରଶି ଲଗାଇ ଆ।ହତ୍ୟା କରିଛନ୍ତି। ସେ ଘରକୁ ଖାଇବା ପାଇଁ ନପହଞ୍ଚିବାରୁ ତାଙ୍କ ପତ୍ନୀ ଦୋକାନରେ କାମ କରୁଥିବା ବ୍ୟକ୍ତି ଙ୍କୁ ଫୋନ କରିଥିଲେ। ସେ ଆସି ଦୋକାନ ଭିତର ପଟୁ ବନ୍ଦ ଥିବାରୁ କବାଟ ବାଡେଇଥିଲେ। କାମେଶ୍ କବାଟ ନ ଖୋଲିବାରୁ ପୁଲିସ କୁ ଖବର ଦିଆଯାଇଥିଲା। ପୁଲିସ ଦୋକାନକୁ ପହଞ୍ଚି କବାଟ ଭାଙ୍ଗି ମୃତ ଦେହ ଉଦ୍ଧାର କରିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ କୁ ବୁର୍ଲା ଡାକ୍ତରଖାନା ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

## ଜୁଆ ଆଡ୍ଡା ଉପରେ ଚଢ଼ଉ: ୪ ଗିରଫ

**ରେଙ୍ଗାଲି, ୯।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପୁଲିସ ଜୁଆ ଆ‡ା ଉପରେ ଚଢ଼ାଉ କରି ୪ ଜଣକୁ ଗିରଫ କରିଛି। ରେଙ୍ଗାଲି ଥାନା ଅନ୍ତର୍ଗତ ନିସାନଭଙ୍ଗା ଶ୍ମଶାନରେ ଜୁଆ ଖେଳ ଚାଲିଥିବା ଖବର ପାଇ ପୁଲିସ ସେଠାରେ ଚଢାଉ କରିଥିଲା। ପୁଲିସକୁ ଦେଖି ୪ ଜଣ ଫେରାର ହୋଇଯାଇଥିବା ବେଳେ ୪ ଜଣଙ୍କୁ ପୁଲିସ ହାତରେ ଗିରଫ ହୋଇଥିଲେ। ଗିରଫ ମାନେ ହେଲେ କତରବଗା ଥାନା ଅନ୍ତର୍ଗତ ଗୋଳମାଳ ଗ୍ରାମର ଲଳିତ କୁମାର ବିଶ୍ୱାଳ, ରେଙ୍ଗାଲି ଥାନା ଅନ୍ତର୍ଗତ ଜଗନ୍ନାଥପଡ଼ାର ବାବୁଲୁ ଦାସ, ଓରାମପଡ଼ାର ବିଜିଲା ଓରାମ ଓ ନିସାନଭଙ୍ଗା ଗ୍ରାମର ମୂରଲୀଧର ବିଶ୍ୱାଳ। ସେମାନଙ୍କ ପାଖରୁ ନଗଦ ୧୦ହଜାର ୩ଶହ ଟଙ୍କା, ତାସ, ୮ ଟି ବାଇକ ପୁଲିସ ଜବତ କରିଛି।

## ପୂର୍ବତନ ମନ୍ତ୍ରୀଙ୍କ ଯୁଯୁମୁରା ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ

**ଯୁଯୁମୁରା, ୯।୩ (ସମିସ):** ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ଯୁଯୋମୁରା ବ୍ଲକର ବିଭିନ୍ନ ପଞ୍ଚାୟତରେ ପବିତ୍ର ମହାଶିବରାତ୍ରି ଉତ୍ସବ ଏବଂ ନାମ ସଙ୍କୀର୍ତ୍ତନରେ ପୁର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ବରିଷ୍ଠ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଆଜି ଶନିବାର ଆଚାର୍ଯ୍ୟ ଲିପିଣ୍ଡା ପଞ୍ଚାୟତର ଭାଡିମୁରା ଗ୍ରାମରେ ଶିବମନ୍ଦିର ଦର୍ଶନ କରିବା ସହ ନାମଯଜ୍ଞ ପୂର୍ଣ୍ଣାହୁତିରେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ଯୁବ ବିଜେଡିର ସାଧାରଣ ସମ୍ପାଦକ ହୀଲାଲାଲ ବେହେରା ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଝାଙ୍କରପାଲି ସରପଞ୍ଚ ନିରଞ୍ଜନ ପଣ୍ଡା, ବରିଷ୍ଠ ସଭ୍ୟ ଗୁଣନିଧି ବିଶ୍ୱାଳ, ଅଶ୍ୱିନୀ ଦେହୁରୀ, ନିତୁ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବ୍ଲକର କଲ୍ଲେଶ୍ୱର ମହାଦେବଙ୍କ ମନ୍ଦିରରେ ବାବାଙ୍କ ଦର୍ଶନ କରିବା ସହ ଅନୁଷ୍ଠିତ ନାମଯଜ୍ଞର ପୂର୍ଣ୍ଣାହୁତି ମଧ୍ୟ ଯୋଗ ଦେଇଥିଲେ। ଏଥିରେ ବାହାମ ପଞ୍ଚାୟତର ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ପୁର୍ବତନ ସମିତି ସଭ୍ୟ ହରିହର ନାଏକ, ଇସମାଇଲ ଆଜାଦ ବଡେଇ, ଅଶ୍ୱିନୀ ପ୍ରଧାନ, ବିରେନ ପ୍ରଶାଏତ, ରସାନନ୍ଦ ନାଏକ, ପୂର୍ବତନ ସମିତି ସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ। ପରେ କଲ୍ଲେଶ୍ୱର ମହାଦେବ ମନ୍ଦିର କମିଟିର ସଭ୍ୟ ଓ ଗ୍ରାମବାସୀଙ୍କ ସହିତ ମନ୍ଦିର ପୁନଃରୁଦ୍ଧାର ବିଷୟରେ ଆଲୋଚନା ମଧ୍ୟ କରିଥିଲେ। ପରେ ଘେନୁପାଲି ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ନାମଯଜ୍ଞର ପୂର୍ଣ୍ଣାହୁତିରେ ଶ୍ରୀଯୁକ୍ତ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏଥିରେ ସ୍ଥାନୀୟ ଘେନୁପାଲି ସରପଞ୍ଚ ଜଗଦେଶର ମିର୍ଦ୍ଧା, ସମିତି ସଭ୍ୟା ଜୟନ୍ତୀ ଗୀତା ପ୍ରଧାନ, ପ୍ରଦୀପ ପରିଡ଼ା, ଅମରେଶ ପଧାନ, ସୁବୋଧ ବେହେରା ପ୍ରମୁଖ ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କୁ ସ୍ୱାଗତ କରିବା ସହ ନାମଯଜ୍ଞ ସ୍ଥଳକୁ ପାଛୋଟି ନେଇଥିଲେ।




## ଡଇଁଚାରେ ରାମେଶ୍ୱର ବାବା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରେଢ଼ାଖୋଲ, ୯।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଡଇଁଚା ଗ୍ରାମରେ ଏକ ଭବ୍ୟ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଏକ ବିରାଟ ଭବ୍ୟ କଳସ ଯାତ୍ରା କରାଯାଇଥିଲା। ପ୍ରଥମ ଦିବସରେ ଗ୍ରାମର ଶତାଧିକ ମହିଳା ଓ ପୁରଷ ସାମିଲ୍ ହୋଇଥିଲେ। ଦ୍ୱିତୀୟ ଦିବସରେ ଠାକୁରଙ୍କ ମଣ୍ଡପ ପ୍ରବେଶ ତଥା ପୂଜାର୍ଚ୍ଚନା କରାଯାଇଥିଲା। ତୃତୀୟ ଦିବସରେ ପ୍ରାଣପ୍ରତିଷ୍ଠା ଉତ୍ସବ ଏବଂ ସ୍ଥିରୀ କରଣ କର୍ମ କରାଯାଇଥିଲା। କର୍ତ୍ତା ଭାବରେ ଗ୍ରାମର ଗୌରଚନ୍ଦ୍ର ପ୍ରଧାନ ଓ ସୀତା ପ୍ରଧାନ କାର୍ଯ୍ୟ ନିର୍ବାହ କରିଥିଲେ। ଏଥିରେ ହଜାର ହଜାର ସଂଖ୍ୟାରେ ରାମେଶ୍ୱର ବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରତି ଦିନ ନାମ ସଂକୀର୍ତ୍ତନ କରାଯାଇଥିଲା। ଦ୍ୱିତୀୟ ଦିବସରେ ସମ୍ବଲପୁର ଦିବ୍ୟାଙ୍ଗ କଳାକାର ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ତୃତୀୟ ଦିବସରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ରେଢାଖୋଲ ଶାଖା ତରଫରୁ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ଡଇଁଚା ତଥା ଆଖପାଖ ଅଞ୍ଚଳ ସମେତ ରେଢାଖୋଲ, କିସିଣ୍ଡା, ନାକଟିଦେଉଳ, ସମ୍ବଲପୁର ଅଞ୍ଚଳରୁ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ।



## ଜମନକିରାରେ ଚୋର ଉପଦ୍ରବ ବୃଦ୍ଧି, ପୁଲିସ ପାଟ୍ରୋଲିଂ ଦାବି

**ଜମନକିରା, ୯।୩ (ସମିସ):** ଜମନକିରା ଥାନା ଅଞ୍ଚଳରେ ଦୈନନ୍ଦିନ ଚୋରି ବଢ଼ିବାରେ ଲାଗିଛି। ଗତ ୨ ଦିନ ତଳେ ଗୋଟିଏ ରାତିରେ ୬ ଟି ସ୍ଥାନରେ ଚୋରି ଉଦ୍ୟମ ହୋଇଥିବା ବେଳେ ଚୋଟିଏ ସ୍ଥାନରେ ଚୋର ମାନେ ସଫଳ ହୋଇଥିଲେ। ଗତ କାଲି ରାତିରେ ଗୋଟିଏ ସ୍ଥାନରୁ ଦୁଇଟି ଟେମ୍ପୁର ବ୍ୟାଟେରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ଜମନକିରା ସଦର ମହକୁମା ରାଧାକୃଷ୍ଣପଡ଼ା ମନୋଜ ବାଘଙ୍କ ଦୁଇଟି ଟେମ୍ପୁ ଖଇରଡ଼ିହିରାସ୍ତାରେ ତାଙ୍କ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ କବାଟ ଡାଡ଼ି ଦୁର୍ବୃତ୍ତ ମାନେ ଦୁଇଟି ବ୍ୟାଟେରୀ ନେଇ ଯାଇଥିବା ଟେମ୍ପୁ ମାଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଜମନକିରା ଅଞ୍ଚଳରେ ଦୈନନ୍ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ଜମନକିରା ବସ ଷ୍ଟାଣ୍ଡରେ ରହୁଥିବା ରାତ୍ର ଜଗୁଆଳିଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ପାଇଁ ଦାବି ହେଉଛି।


## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

**ରେଙ୍ଗାଲି, ୯।୩(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଭୋଇପାଲି ଠାରେ ବାଇକ୍ ଦୁର୍ଘଟଣାରେ ଜଣେ ମୃତ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଶନିବାର ଦିନ ଦିନ ୧୨ଟା ୩୦ ମି ସମୟରେ ରେଙ୍ଗାଲି ଥାନା ଅନ୍ତର୍ଗତ ଭୋଇପାଲି ଠାରେ ଏକ ବାଇକ୍ (ଓଡ଼ି ୧୫ ୱାଇ ୦୬୩୫) ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ବରଗଛ ରେ ପିଟି ହୋଇଥିଲା ଫଳରେ ବାଇକ୍ ଚାଳକ ବରଗଡ଼ ଜିଲ୍ଲା ପାହାଡସିର୍ଗିଡା ର ନୀତିନ ହରୋ (୨୦) ଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ୍ ପଛ ରେ ବସିଥିବା ଦିଲୀପ ସି ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି ଓ ଗୁରୁତର ଆହତ ଦିଲୀପ ଙ୍କୁ ମଧ୍ୟ ବୁର୍ଲା ଡାକ୍ତରଖାନା ପଠାଇଛି।

# କେଟେଲ ଦ୍ୱୀପରେ କ୍ୟାଣ୍ଟିନ୍: ପର୍ଯ୍ୟଟକଙ୍କୁ କରିବ ଆକୃଷ୍ଟ







**ସମ୍ବଲପୁର, ୯।୩(ସମିସ)**

ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କରୁଛନ୍ତି। ପର୍ଯ୍ୟଟକ ସଂଖ୍ୟା ଓ ରାଜସ୍ୱ ବୃଦ୍ଧି ପାଇବାରେ ଲାଗିଛି। ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱରେ ଡେବ୍ରିଗଡ଼ ଅଭୟାରଣ୍ୟରେ ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ତେଣୁ କରି ହୀରାକୁଦ ଜଳଭଣ୍ଡାରର ମଧ୍ୟରେ ଥିବା କେଟେଲ ଦ୍ୱୀପ ଓ ଏହାର କୂଳରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀମାନଙ୍କ ପାଇଁ ଆକର୍ଷଣ କେନ୍ଦ୍ର ହୋଇଛି। ବିଦେଶୀ ଓ ଦେଶ ବାହାର ବିଭିନ୍ନ ରାଜ୍ୟ ପର୍ଯ୍ୟଟକମାନଙ୍କ ଆଗମନ ଏହି ପ୍ରାକୃତିକ ସ୍ଥଳମାନଙ୍କରେ ବଢ଼ିବାରେ ଲାଗିଛି। ବିଶେଷ କରି ଅଭୟାରଣ୍ୟରେ କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ିଥିବାରୁ ତଥା ଏମାନଙ୍କୁ ଦେଖିବାର ସୁଯୋଗ ସୁନିଶ୍ଚିତ ଥିବାରୁ ଜଙ୍ଗଲ ସଫାରୀ ପ୍ରତି ପର୍ଯ୍ୟଟକମାନେ ବିଶେଷ ଆକର୍ଷିତ ହେଉଛନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟ ଏବଂ ହୀରାକୁଦ କୂଳରେ ଥିବା ସବୁଜିମା ମଧ୍ୟରେ ଅନ୍ୟ ବନ୍ୟପ୍ରାଣୀମାନଙ୍କୁ ମଧ୍ୟ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଉଛନ୍ତି। ଡିଭିଜନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବନ୍ୟପ୍ରାଣୀ ସଂଗଠନର ନିରୀକ୍ଷଣରେ ୭ ବର୍ଗ କିଲୋମିଟର ପରିମିତ ବେଟ୍ ଦ୍ୱୀପରେ ପର୍ଯ୍ୟଟକମାନଙ୍କ ପାଇଁ ବସିବା ଏବଂ ଖାଇବା ବ୍ୟବସ୍ଥା ଆଜି ଠାରୁ ଆରମ୍ଭ କରାଯାଇଛି। ଏହି ସବୁ ବ୍ୟବସ୍ଥାକୁ ତାଳ ଗଛ, ବାଉଁଶ ଏବଂ ସ୍ଥାନୀୟ ପଥରରେ ନିର୍ମାଣ କରାଯାଇଛି। ଗ୍ରୀଷ୍ମ ଏବଂ ଶୀତ ଋତୁରେ ସନ୍ଧ୍ୟାର ପରିବେଶ ଶାନ୍ତ ଏବଂ ଶୀତଳତା ପ୍ରଦାନ କରୁଥିବାରୁ ପରିବେଶ ଅତ୍ୟନ୍ତ ମନମୁଗ୍ଧକର ହୋଇପାରିଛି ବୋଲି ଡିଏଫ୍ଓ ଅଂଶୁପ୍ରଜ୍ଞା ଦାଶ କହିଛନ୍ତି। ଏହି ଦ୍ୱୀପରେ ପ୍ରାୟ ୧୨ଶହ ବାଦୁଡ଼ି ଅଛନ୍ତି। ଏଠାରେ କିଛି ମତ୍ସ୍ୟଜୀବୀ ପରିବାର ପୂର୍ବରୁ ରହି ଆସିଛନ୍ତି। ଡେବ୍ରିଗଡ଼ ପ୍ରାକୃତିକ ଶିବିରରୁ ବେଟ୍ ଦ୍ୱୀପକୁ ୩୦ମିନିଟ୍ ଅବଧିର ଆରାମଦାୟକ କ୍ରୁଇସ (ଆରାମଦାୟକ ଡଙ୍ଗା) ର୍ ବ୍ୟବସ୍ଥା କରାଯାଇଛି। ବେଟ୍ ଦ୍ୱୀପକୁ ସେଠାରେ ରହୁଥିବା ମତ୍ସ୍ୟଜୀବୀମାନେ ପରିଚାଳନା କରୁଛନ୍ତି। ଏହା ସହିତ ଜଳଭଣ୍ଡାର ମଧ୍ୟରେ ଥିବା କେଟେଲ ଦ୍ୱୀପ ଏବଂ ସନ୍‌ସେଟ୍ ଦ୍ୱୀପକୁ ମଧ୍ୟ ଆରାମଦାୟକ କ୍ରୁଇସ୍ ଯାତ୍ରାରେ ଯୋଡ଼ା ଯାଇଛି।

## ବାଇକ୍ ଦୁର୍ଘଟଣାରେ ନାବାଳକ ମୃତ, ୧ ଆହତ

**କୁଚିଣ୍ଡା, ୯।୩ (ସମିସ) :** କୁଚିଣ୍ଡାକୁ ଶିବରାତ୍ରି ଦେଖିବାକୁ ଆସି ଫେରୁଥିବା ବେଳେ ବାଇକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। କୁଚିଣ୍ଡାକୁ ଶିବରାତ୍ରି ଦେଖିବା ପାଇଁ ଏକ ବାଇକରେ ଖଣ୍ଡୋକଟା ଗ୍ରାମର ଉମେଶ ଉର୍ମାଙ୍କ ପୁଅ ରାଜା ଉର୍ମା (୧୭) ଓ ଜୁନାନୀ ଗ୍ରାମର ଅଗ୍ନି ପଧାନଙ୍କ ପୁଅ ଅରୁଣ ପଧାନ(୧୭) ଯାତ୍ରା ଦେଖିସାରି ରାତି ୧୨ଟାରେ ନିଜ ଘରକୁ ଫେରୁଥିବା ଭାରସାମ୍ୟ ହରାଇ ସଇଡ଼ାର ବାଇପାସ ରୋଡ଼ର ବ୍ରିଜ ପାଖ ପଡ଼ିଆ ତଳକୁ ଖସିପଡ଼ି ଥିଲେ। ଘଟଣା ସ୍ଥଳରେ ରାଜାର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଉଭୟଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲା। ଅରୁଣ ବର୍ତ୍ତମାନ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।



## ଟିଙ୍ଗିପାଲିରେ ମୁଖ୍ୟମନ୍ତ୍ରୀ ସଭାଗୃହ ଲୋକାର୍ପିତ

**ବରପାଲି, ୯ ।୩ (ସମିସ):** ବରପାଲି ବ୍ଲକ ଖେମେସରା ପଞ୍ଚାୟତ ଟିଙ୍ଗିପାଲି ଗ୍ରାମରେ ମୁଖ୍ୟମନ୍ତ୍ରୀ ସଭାଗୃହ ଲୋକାର୍ପିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ରିତା ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ବ୍ଲକ ଅଧ୍ୟକ୍ଷା ରୀନା ଥଇତଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା । ସରପଞ୍ଚ ରାଜୀବ ସାହୁ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବରେ ମହଦା ସମିତିସଭ୍ୟ ନାରାୟଣ ପଧାନ, ବିଧାୟକ ପ୍ରତିନିଧି ମଧୁ ପ୍ରଧାନ, ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁ, ସମାଜସେବୀ ଦେବଦତ୍ତ ଥଇତ ଓ ପ୍ରକାଶ ବାରିକ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ଗ୍ରାମର ପୁରୁଷ ମହିଳା ମାନଙ୍କ ସହ ବୟସ୍କ ମାନେ ମଧ୍ୟ ଉପସ୍ଥିତ ଥିଲେ ।



## ବରଗଡ଼ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼, ୯।୩(ସମିସ)**

ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପ୍ରଥମ ରାଷ୍ଟ୍ରୀୟଲୋକ ଅଦାଲତ ଶନିବାର ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ଲୁନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ସମାଧାନ କରାଯାଇଥିଲା । ଉକ୍ତ ଲୋକଅଦାଲତ ରେ ୪୩୮୫ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୫୧୦୧ ଗୋଟି ବିଚାରଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବିଭିନ୍ନ ବ୍ୟାଙ୍କ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା । ଉକ୍ତ ମକଦ୍ଦମାମାନଙ୍କ ମଧ୍ୟରୁ ୧୦୭ଟି ପ୍ରାକ୍ ମାମଲା ଏବଂ ୨୮୧୫ଟି ବିଚାରାଧୀନ ମୋକଦ୍ଦମା ମାମଲାର ବିଚାର ହୋଇ ୨୯, ୯୬, ୭୫୩ ଟଙ୍କା ଏବଂ ବିଚାରାଧୀନ ମାମଲା ବାବଦକୁ ୧, ୯.୨୫, ୮୪୫ ଟଙ୍କା ଆଦାୟ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ଲୁନା ମହାନ୍ତି ଏବଂ ସଚିବ କମଳାକାନ୍ତ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ପାରିବାରିକ ଅଦାଲତର ବିଚାରପତି ସୁଶାନ୍ତ କୁମାର ପଟେଲ, ଅତିରିକ୍ତ ଜିଲ୍ଲା ବିଚାରପତି ସଂଘମିତ୍ରା ଶର୍ମା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ସାହୁ, ରେଜିଷ୍ଟ୍ରାର(ସିଭିଲ୍ କୋର୍ଟ) ବିଭୁ କଲ୍ୟାଣ ପାଢ଼ୀ, ବରିଷ୍ଠ ଦେବାନୀ ବିଚାରପତି (ଏଲଆର ଆଣ୍ଡ ଏଲଟିଭି) ବର୍ଷା ଶର୍ମା, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ଲଳିତ୍ ମିଶ୍ର, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ, ବିଚାର ବିଭାଗୀୟ ମାଷ୍ଟ୍ରେଟ ପ୍ରଥମଶ୍ରେଣୀ ମାନସୀନି ମହାପାତ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦ୍ୱିତୀୟଶ୍ରେଣୀ ଆର୍ଯ୍ୟ ଐଶ୍ୱର୍ଯ୍ୟା ଆଚାର୍ଯ୍ୟ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦ୍ୱିତୀୟଶ୍ରେଣୀ ମଧୁସ୍ମିତା ମହାପାତ୍ର, ବିଭିନ୍ନ ଅଦାଲତଗୁଡ଼ିକୁ ପରିଚାଳନା କରିଥିଲେ ।



## ବିଧାୟିକାଙ୍କ ଦ୍ୱାରା ଅବସରବିନୋଦନ କେନ୍ଦ୍ରର ଲୋକାର୍ପଣ

**ପଦ୍ମପୁର, ୯ ।୩ (ସମିସ):** ପଦ୍ମପୁର ଠାରେ ସ୍ଥାନୀୟ ବିଜୁ ପାର୍କ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ଉଦ୍ଦେଶ୍ୟରେ ଅବସରବିନୋଦନ କେନ୍ଦ୍ରର ଲୋକାର୍ପଣ ବିଧାୟିକା ବର୍ଷା ସିଂ ବରିହାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସାବିତ୍ରୀ ବାଗ, ଅମୀୟ ସାହୁ, ବାଞ୍ଛାନିଧି ପଣ୍ଡା, ବିସିକେସନ ଦୋରା, ନବୀନ ପାଢ଼ୀ, ପିତାମ୍ବର ଗଡ଼ତିଆ, ଗୋବିନ୍ଦ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବରିଷ୍ଠ ନାଗରିକ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଦଳୀୟ କର୍ମୀ ଯୋଗଦାନ କରିଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦର ପରିମଳ ବିଶେଷଜ୍ଞ ଦୁଷ୍ମନ୍ତ ବେହେରା, ସୁଲେଖା ପଣ୍ଡିତ, ସରୋଜିନୀ ରାଉତଙ୍କ ସମେତ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ ।



## ପ୍ରଶାସନର ହସ୍ତକ୍ଷେପ ପରେ ଲାଇନ ସଂଯୋଗ

**ବରଗଡ଼, ୯ ।୩ (ସମିସ):** ବରଗଡ଼ ଜିଲ୍ଲା ତଥା ବ୍ଲକ ଅଧୀନ ଏସ୍ ଡୁମ୍ବେରପାଲି ଗାଁରେ ଥିବା ପ୍ରାୟ ୩୦୦ ଗଭୀର ନଳକୂପ ଲାଇନ୍ କାଟ ପ୍ରତିବାଦରେ ଆଜି କ୍ଷତିଗ୍ରସ୍ତ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାଦେଇ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଗତ ଚାରି ଦିନ ଆଗରୁ ଟାଟାପାୱାର ପକ୍ଷରୁ ଚାଷୀମାନଙ୍କ କ୍ଷେତର ଲାଇନ୍ କାଟି ଦିଆଯାଇଥିଲା । ଫଳରେ ଧାନ ଚାଷ ସହ ବିଭିନ୍ନ ପନିପରିବା ସବୁ ମରି ଯାଇ ନଷ୍ଟ ହୋଇଗଲାଣି । ଏହି ଧାରଣାରେ ଆସିଥିବା ପ୍ରତାପ ସାହୁ କହିଛନ୍ତି ଯେ ତାଙ୍କ ଏକ ଏକର ଜମି ଅଛି ସେଥିରୁ ଅଧା ଏକରରେ ଧନିଆଁ ପତ୍ର ଏବଂ ଆଉ ଅଧା ଏକରରେ ବାଦାମ ଚାଷ କରିଛନ୍ତି । ଏହି ଚାରି ଦିନ ଲାଇନ୍ କାଟିବା ଦ୍ୱାରା ସମସ୍ତ ଫସଲ ନଷ୍ଟ ହୋଇଗଲାଣି । ଏପରି ପରିସ୍ଥିତିରେ ଚାଷୀମାନଙ୍କ ଚିନ୍ତା ବଢ଼ିଯାଇ ମାନସିକ ଚାପରେ ଅଛନ୍ତି । କୌଣସି ଅଘଟଣ ପୂର୍ବରୁ ଲାଇନ୍ ଯୋଡିବା ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଆପତ୍ତି କରିଥିଲେ । ଚାଷୀମାନଙ୍କ ସହ ଆଲୋଚନା ପାଇଁ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଆସିଥିଲେ ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗକୁ ଏ ବିଷୟରେ ସୂଚନା ଦେଇଥିଲେ । ଯନ୍ତ୍ରୀ ଅନୁପମ ଦାସ ବିଜୁଳି ଯୋଡିବା ପାଇଁ ଚାଷୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଧାରଣାରୁ ଚାଷୀମାନେ ଉଠିଥିଲେ । ଏହି ଧାରଣାରେ ଚିତ୍ତରଞ୍ଜନ ସାହୁ, ହୃଦାନନ୍ଦ ସାହୁ, ବିଶ୍ୱନାଥ ସାହୁ, ଲାଲସାହେବ ସାହୁ, ପିକୁ ସାହୁ ଙ୍କ ସମେତ ଜୟ କିସାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁ ସାଧାରଣ ସମ୍ପାଦକ ହର ବଣିଆଁ ଉପସ୍ଥିତ ଥିଲେ ।




## ଚର୍ଚ୍ଚାରେ 'ଗୁରଜୀ' ଚାଷୀ ଏବିଇଓ ଜୟ କୁମାର

**ପଦ୍ମପୁର, ୯ ।୩ (ସମିସ):** ଆଧୁନିକତାରେ ପୁରାତନ ଲୁପ୍ତ ପ୍ରାୟ ହୋଇଯାଉଥିବା ବେଳେ ମଣିଷ ପୁଣି ଘୁରି ବୁଲି ପୁରାତନକୁ ଆସୁଛି । ଅନେକ ପରୀକ୍ଷା ନିରୀକ୍ଷା ପରେ ପୁରାତନର ମୂଲ୍ୟକୁ ହୃଦ୍‌ବୋଧ କରି ପାରୁଛି । ରାସାୟନିକ ସାର ବଦଳରେ ଦେଶୀ ଚାଷ କରୁଛି । ଏପରି ଜଣେ ଚାଷୀ ହେଉଥଛନ୍ତି ପଦ୍ମପୁର ଉପଖଣ୍ଡ ଟାଲ ଗ୍ରାମର ଜୟ କୁମାର ସାହୁ । ସେ ଏବିଇଓ ଭାବରେ ସମ୍ପ୍ରତି କାର୍ଯ୍ୟରତ । ସରକାରୀ କାମ ସରିଗଲା ପରେ ସେ ମାଟିର ମଣିଷ ହୋଇଯାଆନ୍ତି । ନିଜର କ୍ଷେତ କାମରେ ନିୟୋଜିତ ହୋଇ ସମ୍ପୂର୍ଣ୍ଣ ଜୈବିକ ଚାଷ କରିଥାନ୍ତି । ବିଭିନ୍ନ ବନୌଷଧି, ପୁସ୍ତକ, ପତ୍ର ପତ୍ରିକାରୁ ଜାଣିବାକୁ ପାଇଲେ ଯେ, ଗୁରଜି ଅଣୁ ଶସ୍ୟ ଏସିଡ ଓ ହୃଦ୍‌ରୋଗ ନିରାକରଣରେ ବେଶ ଲାଭପ୍ରଦ । ତେଣୁ ସରକାରୀ କାମରୁ ବିରତି ପାଇଲା ପରେ ନିଜ ଚାଷ ଜମିର ଅଧ ଏକରରେ ଗୁରଜି ଚାଷ କରିଛନ୍ତି । ଖତ, କମ୍ପୋଷ୍ଟ ଦେଇ ଅଧଏକର ଗୁରଜି ଚାଷକରି ପ୍ରାୟ ୧୫୦ କେଜି ଫସଲ ଅମଳ କରୁଛନ୍ତି । କୌଣସି ରୋଗ ନ ଥାଇ ଜଣେ ସୁସ୍ଥମଣିଷ ମଧ୍ୟ ନିଜର ଖାଦ୍ୟ ଭାବରେ ଏହାକୁ ଗ୍ରହଣକଲେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ରୁହେ ନାହିଁ । ଗୁରୁଜି ଚାଷ ଅଳ୍ପ ଖର୍ଚ୍ଚ କରି ଅଧିକ ଲାଭ ପ୍ରଦ ହେଉଛନ୍ତି । ଗୁରଜିକୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କରାଯାଇଥାଏ । ଗୁରଜିର ବହୁତ ଗୁଣ ରହିଛି, କମ ପାଣିରେ ଚାଷ ହୋଇ ପାରୁଛି ।



## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଗାଇସିଲେଟ, ୯ ।୩ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବରେ ଅର୍ପିତା ପଣ୍ଡା ଯୋଗଦେଇ ଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ମାନସ କୁମାର ଦାଶ ଓ ଅଧ୍ୟାପିକା ସଙ୍ଘମିତ୍ରା ସାହୁଙ୍କ ସହ ୟୁଥ୍ ରେଡକ୍ରସର ସଂଯୋଜକ ନାରାୟଣ ମିଶ୍ର ଓ ଖେଳଶିକ୍ଷକ ହେମନ୍ତ କୁମାର ପଣ୍ଡା ମଞ୍ଚାସୀନ ଥିଲେ । ପ୍ରାଧ୍ୟାପକ ନାରାୟଣ ମିଶ୍ର ମହିଳା ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ । ମନୋଜ କୁମାର ପଣ୍ଡା, ପ୍ରଦୀପ କୁମାର ପ୍ରଧାନ, ଅରୁଣ କୁମାର ପାଣିଗ୍ରାହୀ, ସୁବାସ ମାଝୀ, ଅଧ୍ୟାପକ ବାଚସ୍ପତି ପ୍ରଧାନ, ବିଶ୍ୱନାଥ ସାହୁ, ସୁନୀଲ ପାଣିଗ୍ରାହୀ, ଅଧ୍ୟାପିକା ବୀଣାପାଣି, ରାକ୍ଷୀ ମେହେର, ପ୍ରତିଭା ଦାଶ, ସଞ୍ଚିତା ମିଶ୍ର ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ସଙ୍ଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ

**ପଦ୍ମପୁର, ୯ ।୩(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରର ଶିଶୁ ବାଟିକା ବିଭାଗର ନୂତନ ଶିକ୍ଷାବର୍ଷ ପାଇଁ ଘର ହିଁ ବିଦ୍ୟାଳୟ ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି । ଆୟୁଷ ଡାକ୍ତର ଡା. ସମୀର ମେହେର ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ । ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂକୁଳ ଶିଶୁ ବାଟିକା ପ୍ରମୁଖ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ । ଶରତ ମେହେର ଗୁରୁଜୀ ସଂଯୋଜନା କରିଥିବାବେଳେ ଶିଶୁ ବାଟିକା ବିଭାଗର ଲିଲି ଗୁରୁମା ଓ ଗୀତା ଗୁରୁମାଙ୍କ ଦ୍ୱାରା ପ୍ରାୟଗିକ କାଳାଂଶରେ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



## ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପରଲୋକ

**ବରପାଲି, ୯ ।୩(ସମିସ):** ବରପାଲି ବ୍ଲକ ଲେଣ୍ଡା ଗ୍ରାମର ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ କୌସ୍ତୁଭ ବୁଧିଆଙ୍କ ଶନିବାର ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ବହୁ ଦିନରୁ ରୋଗ ଶଯ୍ୟାରେ ପୀଡ଼ିତ ଭାବେ ଚିକିତ୍ସିତ ହେଉଥିଲେ । ତାଙ୍କର ଅନ୍ତିମ ସମୟରେ ପତ୍ନୀ ସଂଯୁକ୍ତା, ଦୁଇ ପୁଅ ସୁକେଶ ଓ ବିପ୍ଳବ, ବୋହୂ, ନାତୁଣି, ଝିଅ, ଭାଇ, ଭାଉଣୀ, ପୁତୁରା, ଝିଆରୀ ପରିବାର ଜନ ଉପସ୍ଥିତ ରହିଥିଲେ । ବଡ଼ ପୁଅ ସୁକେଶ ମୁଖାଗ୍ନି ଦେଇଥିଲେ । ପୂର୍ବରୁ କସ୍ତୁବ ବାବୁ କୁଟାସିଂହା ହାଇସ୍କୁଲ, ଟିଟିଲାଗଡ଼ ବାଳକ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି । ପରବର୍ତ୍ତୀ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼, ବରଗଡ଼ ଜିଲ୍ଲାର ପଦ୍ମପୁରରେ କାର୍ଯ୍ୟ କରିଥିଲେ । ୨୦୧୨ ମସିହାରେ କୁମ୍ଭାରୀ ହାଇସ୍କୁଲରୁ ଅବସରଗ୍ରହଣ କରିଥିଲେ । 'ସ୍ୱୟଂସିଦ୍ଧା ଫାଉଣ୍ଡେସନ୍'ର ଉପଦେଷ୍ଟା ସହିତ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହିତ ସମ୍ପୃକ୍ତ ରହିବା ସହ ବହୁ ସଚେତନତା ଓ ସମାଜସେବା କାର୍ଯ୍ୟରେ ସାମିଲ ରହିଥିଲେ । ଲେଣ୍ଡା ମଧ୍ୟ ଇଂରାଜୀ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ୨୦୧୯ ସାଧାରଣ ନିର୍ବାଚନରେ ସେ ବରଗଡ଼ ବିଧାନସଭା ଆସନରୁ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ ବୁଧିଆଙ୍କ ବିୟୋଗରେ ଡାକ୍ତର ଜଗଦୀଶ ମହାନନ୍ଦ, ପୂର୍ବତନ ସରପଞ୍ଚ ନୀଳମଣି ସାହୁ, ପୂର୍ବତନ ସରପଞ୍ଚ ନାରାୟଣ ସାହୁ, 'ସ୍ୱୟଂସିଦ୍ଧା ଫାଉଣ୍ଡେସନ୍'ର ମ୍ୟାନେଜିଂ ଡ. ସୁଶୀଳ କୁମାର ବାଗ୍, ଡ. ଲକ୍ଷ୍ମଣ କୁମାର ପ୍ରଧାନ, ପ୍ରଭାକର ବାରିକ, ଶିକ୍ଷାବିତ ଡ. ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।



## ବିଜ୍ଞାପିତ ଅଞ୍ଚଳ ପରିଷଦରେ ମାର୍କେଟ୍ କମ୍ପ୍ଲେକ୍ସ୍ ଭିତ୍ତିପ୍ରସ୍ତର

**ବରପାଲି, ୯ ।୩ (ସମିସ):** ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଭୂମିପୂଜନ ସହ ମାର୍କେଟ୍ କମ୍ପ୍ଲେକ୍ସ୍ ଭିତ୍ତିପ୍ରସ୍ତର ସ୍ଥାପନ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ଦ୍ୱାରା ହୋଇଛି । ମୁଖ୍ୟଅତିଥି ଭାବରେ ରୀତା ସାହୁ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଦିନେଶ ଗହିରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ରିନା ଥଇତ, ପୂର୍ବତନ ଅଧ୍ୟକ୍ଷା ବିଜ୍ଞାପିତ ଅଞ୍ଚଳ ପରିଷଦ ମୀନା ସେଠ, କାଉନସିଲର ଦେବାନନ୍ଦ ମେହେର, ଉପାଧ୍ୟକ୍ଷ ସୁପ୍ରୀତା ଜେନା, ସୁରେଶ ମେହେର, ପୂର୍ବତନ ଅଧ୍ୟକ୍ଷ ଭାବଗ୍ରାହୀ ବେହେରା, ବିଧାୟକ ପ୍ରତିନିଧି ମଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇଥିଲେ । କାଉନଶିଲର ଦେବାନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



## ରାମଲୀଳା ମହୋତ୍ସବ ଉଦ୍‌ଘାଟିତ

**ଭେଡେନ, ୯ ।୩ (ସମିସ):** ଭେଡେନ ବ୍ଲକ ରକ୍ଷୁଡ଼ା ପଞ୍ଚାୟତସ୍ଥିତ ହାଟଗାଁ ଗ୍ରାମରେ ନବନିର୍ମିତ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ରାମଲିଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥିଭାବରେ ରକ୍ଷୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ ସାହୁ, କମିଟି ସଭାପତି ରକ୍ଷୁଡା ସରପଞ୍ଚ ସୁରେନ୍ଦ୍ର କର୍ମୀ, ଉପ ସଭାପତି ଚନ୍ଦ୍ରଶେଖର ଦେହେରି, ସମ୍ପାଦକ ଅନ୍ତର୍ଯ୍ୟାମୀ ନାଏକ, ଧରଣୀଧର ଦେହେରି, ମୁନା ଦାଶ, ଗୁଣନିଧି ବଘାର ପ୍ରମୁଖ ଯୋଗଦାନ କରିଥିଲେ । ସୁରେନ୍ଦ୍ର କର୍ମୀ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ରାବଣ ଭୂମିକାରେ ବିଶିଷ୍ଟ ମଞ୍ଚ କଳାକାର ଗୋପାଳ ପଣ୍ଡା ଅଭିନୟ କରୁଛନ୍ତି ।

## ଦୀପ୍ତିପୁରରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ

**ପଦ୍ମପୁର, ୯ ।୩(ସମିସ):** ପଦ୍ମପୁର ଉପଖଣ୍ଡ ଦିପ୍ତୀପୁର ଖ୍ରୀଷ୍ଟିୟାନ ହସ୍‌ପିଟାଲରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଲାୟନ୍ସ କ୍ଲବ ପଦ୍ମପୁର, କଞ୍ଚନବେନ ରସିକଲାଲ ଧୋଲକିଆ ଚେରିଟେବୁଲ ଟ୍ରଷ୍ଟ, ଖରିଆରରୋଡ, ଡା ଦଳଗଞ୍ଜନ ସୁନା ଦିପ୍ତୀପୁର ଆନୁକୂଲ୍ୟରେ ଶିବିର କରାଯାଇଥିଲା । ପଦ୍ମପୁର ଲାୟନ୍ସ କ୍ଲବ ସଭାପତି ପ୍ରୀତମ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୭୫ରୁ ଅଧିକ ରୋଗୀ ଚକ୍ଷୁ ପରୀକ୍ଷା କରାଇଥିଲେ । ଆବଶ୍ୟକସ୍ଥଳେ ଚଷମା ପ୍ରଦାନ କରାଯାଇଥିଲା । ଦିପ୍ତୀପୁର ଚକ୍ଷୁ ଚିକିତ୍ସା କେନ୍ଦ୍ରର ପ୍ରତ୍ୟୁଷ ପାଇକ, ପପୁ ପାଇକ, ଲାୟନ୍ସ କ୍ଲବ ସଦସ୍ୟ ବିନୋଦ ମିଶ୍ର, ରବିନାରାୟଣ ଦୋରା, ଅନିଶ କୋଟେଜା, ଶୁକଦେବ ମେହେର, ପରମାନନ୍ଦ ସାହା ଉପସ୍ଥିତ ଥିଲେ । ଚକ୍ଷୁ ରୋଗର ସମସ୍ତ ପ୍ରକାର ଚିକିତ୍ସା ସହ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି ।

## ଫୁଲାପାଲିରେ ପଞ୍ଚଦିବସୀୟ ନକ୍‌ଆଉଟ କ୍ରିକେଟ

## ନଅଗାଁ କ୍ରିକେଟ ଦଳ ଚାମ୍ପିଅନ

**ବରଗଡ଼/ବରପାଲି, ୯ ।୩(ସମିସ)**

ବରପାଲି ବ୍ଲକ ଫୁଲାପାଲି ଆଥଲେଟିକ ଏସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ନକ୍‌ଆଉଟ କ୍ରିକେଟ ମ୍ୟାଚ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୧୬ ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ ଧଉରାଖନ୍ଦା ଓ ନଅଗାଁ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନଅଗାଁ ଦଳ ଚାମ୍ପିୟନ ହୋଇଥିଲା । ଧଉଁରାଖନ୍ଦା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫୯ ରନ ସଂଗ୍ରହ କରିଥିଲା । ୬୦ ରନ୍‌ର ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ନଅଗାଁ ଦଳ ମାତ୍ର ୭ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଚାମ୍ପିଅନ ଦଳକୁ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ସରସରା କୃଷିସେବା ସମବାୟ ସମିତି ଅଧ୍ୟକ୍ଷ ଜୟଦେବ ଗଡ଼ତିଆ, କୁସନପୁରୀ ସରପଞ୍ଚ ପ୍ରତିନିଧି ସରୋଜ ପ୍ରଧାନ, କଟାପାଲି କୃଷି ସେବା ସମବାୟ ସମିତି ଅଧ୍ୟକ୍ଷ ଧୃବରାଜ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଯାଦବ ଭୋଇ ପ୍ରମୁଖ ଉପସ୍ଥିତ ରହି ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ସନ୍ଦୀପ ପଟେଲ ଓ ଅମ୍ବିତ ମହାରଣା ପରିଚାଳନା କରିଥିଲେ । ପ୍ରତିଯୋଗିତା ଆୟୋଜନ ଓ ପରିଚାଳନା ରେ ଅମିୟ ଷାଣ୍ଢ, ବିକାଶ ଭୋଇ, ଅଂଶୁମାନ ବାରିକ, ଚନ୍ଦନ ମେହେର, ଆକାଶ ଭୋଇ, ଅମୁଲ୍ୟ ମେହେର, ପ୍ରେମରାଜ ଭୁଏ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।




## ପାଶ୍ଚାତ୍ୟ ଉତ୍କଳ ଖ୍ରୀଷ୍ଟିୟ ଉଦ୍‌ଯୋଗ ସମ୍ମିଳନୀର ସୁବର୍ଣ୍ଣ ଜୟନ୍ତୀ

**ମେଲଛାମୁଣ୍ଡା, ୯ ।୩(ସମିସ):** ଦିପ୍ତିପୁରଠାରେ ପାଶ୍ଚାତ୍ୟ ଉତ୍କଳ ଖ୍ରୀଷ୍ଟିୟ ଉଦଯୋଗ ସମ୍ମିଳନୀର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦ୍ୱିତିୟ ଦିନ ପାଳନ ହୋଇଛି । ସମିତିର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପତାକା ଉତ୍ତୋଳନ କରି ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ଶପଥ ପାଠ କରାଇଥିଲେ । ହିରନ କପୁର ନାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଆଚାର୍ଯ୍ୟ ମରସି ସୌରଭ କୁମାର ଯୋଗଦେଇଥିଲେ । ମଞ୍ଚପରିଚାଳନା ଅନୁଷ୍ଠାନର ସଦସ୍ୟ ସମିର ନାଗ କରିଥିଲେ । ସନ୍ଦୀପ କୁମାର ନାଗଙ୍କ ଦ୍ୱାରା ବିଭିନ୍ନ ଜିଲ୍ଲାରୁ ଆସିଥିବା ସମ୍ମାନିତ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା ।



ପ୍ରଥମରାଷ୍ଟ୍ରୀୟ ଲୋକ ଅଦାଲତ

# ୧୦୬୯ ମକଦ୍ଦମାରେ ୯୪, ୭୬, ୨୨୬ ଟଙ୍କାର ଆପୋଷ ସମାଧାନ

ଝାରସୁଗୁଡ଼ା, ୯।୩(ସମିସ)

ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବିଭିନ୍ନ ଅଦାଲତରେ ବିଚାରାଧିନ ଥିବା ମାମଲା ଗୁଡ଼ିକ ମଧ୍ୟରେ ଏହି ଲୋକ ଅଦାଲତରେ ବିଚାରାଧିନ ଥିବା ୮ଟି ମୋଟରଯାନ ଦୁର୍ଘଟଣା ଦାବି ଜନିତ ମାମଲାର ୫୯ ଲକ୍ଷ ଟଙ୍କାରେ, ୪ ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୧୯ ଟି ଚେକ ବାଉନ୍ସ ମାମଲାର ୧୧ ଲକ୍ଷ ୩୫ ହଜାରଟଙ୍କା, ୧୨ଟି ଟଙ୍କା ପୁନରୁଦ୍ଧାର ମାମଲା ୮୮, ୨୫୨.୦୫ ଟଙ୍କାରେ, ୫ ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମାମଲା, ୪ ଟି ଉପଭୋକ୍ତା ବିବାଦ ମାମଲା ୯, ୭୧, ୧୩୫ ଟଙ୍କାରେ, ୧୨ ଟି ଅନ୍ୟାନ୍ୟ ଦେୱାନି, ଝାରସୁଗୁଡ଼ା ର ବିଭିନ୍ନ ରାଜସ୍ୱ ଅଦାଲତ ମାନଙ୍କରେ ୭୩୭ ଟି ରାଜସ୍ୱ ମକଦ୍ଦମା ୨, ୭୪, ୫୪୪ ଟଙ୍କାରେ ସମାଧାନ ହୋଇଛି। ସେହିପରି ୧୬୯ ଟି ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଅଛି। ପ୍ରାକ୍ ମକଦ୍ଦମା ଗୁଡ଼ିକ ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୨୯ଟି ଋଣ ସମ୍ବନ୍ଧୀୟ ମାମଲା ୮, ୫୭, ୨୩୧ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ୧୨ ଟି ମାମଲା ୨ ଲକ୍ଷ ଟଙ୍କାରେ ଏବଂ ଭାରତ ସଞ୍ଚାର ନିଗମ ଲିମିଟେଡର ଟେଲିଫୋନ ବିଲ୍ ସମ୍ବନ୍ଧୀୟ ୫୮ ଟି ମାମଲା ୫୦,




୦୬୪ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଅଛି। ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ପୃଷ୍ଟି ଏବଂ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁବାସ ଚନ୍ଦ୍ର ଧଳ ମୋଟରଯାନ ଦୁର୍ଘଟଣା ଦାବି ଜନିତ ମକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିବା ବେଳେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଜନ ଉପଯୋଗୀ ସେବା ଜନିତ ପ୍ରାକ୍ ମକଦ୍ଦମା ମାମଲା, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ ଏବଂ ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ଏସ୍. ଶୁଭଲକ୍ଷ୍ମୀ ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ବରିଷ୍ଠ ଦେୱାନି ବିଚାରପତି (ଏଲ୍.ଆର) ଜୀବନାନନ୍ଦ ପାଢ଼ୀ, ବରିଷ୍ଠ ଦେୱାନି ବିଚାରପତି ଦିବ୍ୟସଛି ବେହେରା ଓ କନିଷ୍ଠ ଦେୱାନି ବିଚାରପତି ରୋଶନିବାଳା ସେନାପତି ଅନ୍ୟାନ୍ୟ ଦେୱାନି ମକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ସେହିପରି ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ଗାୟତ୍ରୀ ମିଶ୍ର, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ସୁଶ୍ରୀ ମୋନାଲିସା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ଶ୍ରୀମୟୀ ନନ୍ଦ ଓ ଅତିରିକ୍ତ ଦେୱାନି ବିଚାରପତି ତଥା ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନିମେଷ ସାମଲ ଫୌଜଦାରୀ ମାମଲା ଗୁଡ଼ିକର ଆପୋଷ ସମାଧାନ କରିଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁଶ୍ରୀ ନେହା ଦାସ ଏହି ଲୋକ ଅଦାଲତକୁ ପରିଚାଳନା କରିଥିବାବେଳେ ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ ସହଯୋଗ କରିଥିଲେ। ୬ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚରେ ସଦସ୍ୟ ଭାବରେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ଡାକେଶ୍ୱର ପାଣ୍ଡେ, ସମାଜସେବୀ ତୁଳାରାମ ପଟେଲ, ତାଲିମପ୍ରାପ୍ତ ମଧ୍ୟସ୍ଥି ମନୋଜ କୁମାର ସୁନା, ସମାଜସେବୀ ଦେବାର୍ଚ୍ଚନ ଠାକୁର, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କନ୍ସିଲେଟର ଅଶୋକ କୁମାର ପାଟଯୋଶୀ, ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବୀ ଭବାନି ଶଙ୍କର ଡନସନା, ବୋନେଲା ନାଗେଶ୍ୱରୀ, ଶ୍ରୀମତୀ ରୂପାଲି ଚାଟାର୍ଜି, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ସଦସ୍ୟ ଆନନ୍ଦିନୀ ପାଢ଼ୀ ଓ ସୁରେଶ ଚନ୍ଦ୍ର ପଟେଲ ଉପସ୍ଥିତ ଥିଲେ। ବେସରକାରୀ ବୀମା କମ୍ପାନୀ ମାନଙ୍କ ତରଫରୁ ଓକିଲ ଅନୁପ କୁମାର ମିଶ୍ର ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।

## ଷ୍ଟ୍ରିଟ୍‌ଲାଇଟ୍‌ର ଶିଳାନ୍ୟାସ

**ଝାରସୁଗୁଡ଼ା, ୯।୩(ସମିସ):** ଝାରସୁଗୁଡା ପ୍ରସନ୍ନ ପଣ୍ଡା ଛକଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଜେଏସଡ଼ବ୍ଲ୍ୟୁ ପକ୍ଷରୁ ଷ୍ଟ୍ରୀଟ ଲାଇଟ ସ୍ଥାପନ ପାଇଁ ଶନିବାର ବିଧାୟିକା ଦୀପାଳି ଦାସଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଅଛି। ସୂଚନାନୁସାରେ ଝାରସୁଗୁଡା ପୌରାଞ୍ଚଳର ବେହେରାପାଟରେ ଥିବା ପ୍ରସନ୍ନ ପଣ୍ଡା ଛକଠାରୁ ବଡ଼ମାଳର ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ସ୍ଥାନୀୟ ଜନସାଧାରଣଙ୍କ ରାତ୍ରିରେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକା ସୁଶ୍ରୀ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ୪୯ ନଂ ବିଜୁ ୱେ ରେ ବିଗତ ଦିନରେ ଅନେକ ସଡକ ଦୁର୍ଘଟଣା ଜନିତ ପ୍ରାଣ ହରାଇବା ସହ ଅନ୍ୟାନ୍ୟସୁବିଧା ସୁଯୋଗ ପାଇଁ ବ୍ୟବହାର ଏହି ମାର୍ଗ ରାତ୍ରିକାଳୀନ ଆଲୋକୀକରଣ ବ୍ୟବସ୍ଥା ଠିକ ନ ଥିବାରୁ ଯାତାୟାତ, ସ୍ୱାସ୍ଥ୍ୟ ସେବା ଭଳି ଅନେକ ଅସୁବିଧାର ସମ୍ମୁଖିନ ହେଉଥିଲେ। ଜେଏସ ଡବ୍ଲ୍ୟୁ କମ୍ପାନୀ ଏହି ରାସ୍ତା ଉପରେ ଷ୍ଟ୍ରୀଟ ଲାଇଟ୍ ପାଇଁ ୧ କୋଟି ୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛି। ଏହି ଅବସରରେ ଜେଏସଡବ୍ଲ୍ୟୁ ଅଧିକାରୀ ଏସ ଏନ୍ ସିଂହ, ପୌର ପରିଷଦ ଅଧ୍ୟକ୍ଷା ରାଣୀ ହାତୀ, ଉପାଧ୍ୟକ୍ଷ ରାଜୁ ପାଣିଗ୍ରାହୀ, ବିଜେଡ଼ି ଜିଲ୍ଲା ସଭାପତି ରବି ସିଂ, ବରିଷ୍ଠ ନେତା ତାପସ ରାୟ ଚୌଧୁରୀ, ଦିଗାମ୍ବର ଭୋଇ ହରିଶ ଗନତ୍ରା, ହିରାଲାଲ ଲୋକଚନ୍ଦାନି, ବାଲଗୋବିନ୍ଦ୍ ମିଶ୍ର, ତ୍ରିନାଥ ଗୁଆଲ, ପୱନ ସିଂହ ଯାଦବ, ପିଣ୍ଟୁ ପାଢ଼ୀ, ସିଦ୍ଧାର୍ଥ ସରକାର, ଚିରଞ୍ଜିବି ପତି, ଆଶୋକ ଦାସ ଓ ଦାମୋଦର ନାଥଙ୍କ ସମେତ ଜେଏସଡ଼ବ୍ଲ୍ୟୁ ଅଧିକାରୀ ଉପସ୍ଥିତ ଥିଲେ।




## ବାଇକ୍ ଚାଳକ ମାଡ଼ରେ ହାଇୱା ଚାଳକ ମୃତ

**ଦେବଗଡ଼, ୯ ।୩(ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଧୀନ ଖୁଲୁଣ୍ଡିପାଣି ଗାଁ ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ନିୟୋଜିତ ଏକ ହାଇୱା ଚାଳକକୁ ଜଣେ ବାଇକ୍ ଚାଳକ ମରଣାନ୍ତକ ଆକ୍ରମଣ କରିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ମୁଜାଫରପୁର ନାୱାନଗରର ସତ୍ୟନାରାୟଣ ସାହାଣି। ଏହି ଘଟଣାରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ରାଉରକେଲା ଟିକାୟତପାଲି ଥାନା ଅଧୀନ କସଡ଼ା ଗ୍ରାମର ଗୁରୁଚରଣ ଲୋହାରକୁ ଅଟକ ରଖିଛି।

ରାସ୍ତା ନିର୍ମାଣକାରୀ ସଂସ୍ଥା ଶୁଭମ୍ କଣ୍ଡେଭ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ୧୪୩ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଚାଲିଛି। ନିର୍ମାଣକାରୀ ସଂସ୍ଥାରେ ସତ୍ୟନାରାୟଣ ହାଇୱା ଚାଳକ ଭାବେ କାମ କରୁଥିଲେ। ଖୁଲୁଣ୍ଡିକୁଦର ଗାଁ ପଟୁ ସେ ମାଟି ବୋଝେଇ କରି ଆସୁଥିଲେ। ପଛେ ପଛେ ବାଇକ୍‌ରେ ଆସୁଥିବା ଗୁରୁଚରଣ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସେ ହାଇୱା ଚାଳକ ସତ୍ୟନାରାୟଣଙ୍କୁ ଗାଡି ଭିତରୁ ଭିଡି ଆଣି ଏକ ବାଡ଼ିରେ ନିର୍ଦ୍ଦୁମ ପିଟିଥିଲା। ସତ୍ୟନାରାୟଣଙ୍କୁ ଗୁରୁତର ଅବସ୍ଥାରେ ରାସ୍ତା ନିର୍ମାଣକାରୀ ସଂସ୍ଥାର ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବଣାଇ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ରାଉରକେଲା ଜୟ ପ୍ରକାଶ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶେଷରେ ସତ୍ୟନାରାୟଣଙ୍କ ମୃତ୍ୟୁ ଘଟିଛି। ଏ ନେଇ ଠିକା ସଂସ୍ଥାର କର୍ମଚାରୀ କାଳନ୍ଦୀ ବେଦ ବାରକୋଟ ଥାନାରେ ଅଭିଯୋଗ କରିଛନ୍ତି। ମୃତ ସତ୍ୟନାରାୟଣଙ୍କ ପରିବାର ଲୋକେ ଆସିବା ପରେ ରବିବାର ଶବ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ। ଏ ନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗ୍ରାମୀଣ ଶିଳ୍ପ ଉଦ୍ୟାନ ପ୍ରଶିକ୍ଷଣ

**ଝାରସୁଗୁଡ଼ା, ୯।୩(ସମିସ):** ଗ୍ରାମୀଣ ଶିଳ୍ପ ଉଦ୍ୟାନ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଜିଲ୍ଲା ପରିଷଦ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରମୁଖ ସଚିବ ଆଭାସୀ ମାଧ୍ୟମରେ ଶିବିର ଉଦଘାଟନ କରିଥିଲେ। ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଉତ୍ପାଦର ପ୍ରକ୍ରିୟାକରଣ ଓ ମୂଲ୍ୟ ଯୋଗ ଉପରେ ମୌଳିକ ଭିତ୍ତିଭୂମି ସହିତ କାର୍ଯ୍ୟକ୍ଷେତ୍ର ଯୋଗାଇବା ଏହି ଗ୍ରାମୀଣ ଶିଳ୍ପ ପାର୍କ ସ୍ଥାପନର ଉଦ୍ଦେଶ୍ୟ। ଉତ୍ପାଦଗୁଡ଼ିକ ସ୍ଥିର କରାଯାଇଥିବା ଗୁଣାତ୍ମକ ପାରାମିଟରରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଚଳିତ ମାର୍ଚ୍ଚ ୬ ଏବଂ ୭ତାରିଖ ଦୁଇ ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ, ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ କୃଷି ସହ ନିର୍ଦ୍ଦେଶକ, ଓରମାସ ଡେପୁଟି ସିଇଓ ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସହ ଜଡିତ ୬୦ ଜଣ ମହିଳା ସ୍ୱୟଂ ସହାୟ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଏବଂ ଲଖନପୁର ବ୍ଲକର ଗ୍ରାମୀଣ ଶିଳ୍ପ ପାର୍କ ସ୍ଥାପନ କରାଯାଇଛି।

## ଗ୍ରୀଷ୍ମପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ

**ବ୍ରଜରାଜନଗର, ୯।୩ (ସମିସ):** ସ୍ଥାନୀୟ ପୌର ପରିଷଦ ସଭା ଗୃହରେ ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନିଲ୍ ନରୱଣେଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ଉପନଗରପାଳ ଗୋପାଳ ସିତାନୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ୱାଟକୋ ଜିଏମ ସୁବ୍ରତ ନାୟକ ଉପସ୍ଥିତ ରହିଥିଲେ। ପୌର ପରିଷଦ କାଉନସିଲରଙ୍କ ଉପସ୍ଥିତିରେ ସହରର ମୁଖ୍ୟ ସମସ୍ୟା ଜଳ ଯୋଗାଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଗତ ୨୯ ତାରିଖ ଦିନ ସହରର ପାନୀୟ ଜଳ ଯୋଗାଣ ଉନ୍ନତିକରଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଲୋକାର୍ପିତ କରିଥିଲେ। ସହରର ଅଧିକାଂଶ ଅଞ୍ଚଳରେ ଏହି ପ୍ରକଳ୍ପ ଦ୍ୱାରା ପାଣି ପହଞ୍ଚି ନ ଥିବାରୁ ସ୍ଥାନୀୟ ଜନସାଧାରଣ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପାଇଁ ଆଉ କିଛି ଦିନ ଲାଗିବ ଓ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ବିଶେଷ କରି ଆସନ୍ତା ଗ୍ରୀଷ୍ମ ଋତୁରେ ଯେଉଁ ଅଞ୍ଚଳକୁ ଜଳଯୋଗାଣ ହୋଇନାହିଁ ସେହି ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ଶତକଡା ୨୫ ଭାଗ ଅଧିକ ଜଳ ଯୋଗାଣ କରିବା ପାଇଁ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ୱାଟକୋ ଜିଏମ ସୁବ୍ରତ ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମପ୍ରବାହ ସମୟରେ ସ୍ଥାନୀୟ ଜନସାଧାରଣ କିଭଳି ଭାବରେ ଘରୁ ନ ବାହାରି ସୁରକ୍ଷିତ ରହିବେ ସେନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ସମସ୍ତ ଜନପ୍ରତିନିଧି ଓ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।




## ୨୦ରୁ ଝାରସୁଗୁଡ଼ା ହକି ଆସୋସିଏସନ ତରଫରୁ ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା, ୯।୩(ସମିସ):** ହକି ଆସୋସିଏସନ ପକ୍ଷରୁ ଜିଲ୍ଲାରେ ବାଳକ, ବାଳିକାମାନଙ୍କୁ ହକି ଖେଳ ପ୍ରତି ଆକର୍ଷିତ କରି ହକି ଖେଳର ପ୍ରସାର ଓ ଉନ୍ନତି ପାଇଁ ସମସ୍ତ ପ୍ରକାର ଶାରୀରିକ, ମାନସିକ ଶିକ୍ଷା ଦିଆଯିବ। ପିଲାମାନଙ୍କୁ ବର୍ତ୍ତମାନ ଠାରୁ ଶିକ୍ଷା ଦେଲେ ଆସନ୍ତା ୫ ବର୍ଷରେ ଜିଲ୍ଲାରୁ ଅଧିକ ସଂଖ୍ୟାରେ ଓଡ଼ିଶା ଓ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରି ପାରିବେ ବୋଲି ଶନିବାର ଜିଲ୍ଲା ହକି ଆସୋସିଏସନର ବୈଠକରେ ଆଲୋଚନା ହୋଇଛି। ବରିଷ୍ଠ ସଦସ୍ୟ ଗଣେଶ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ବୈଠକରେ ଶାନ୍ତି ନାଏକ, ପ୍ରଜ୍ୱଳ ପଟେଲ, ଅଶ୍ୱନୀ ପାଣ୍ଡେ, ବିଜୟ କୁମାର ବେହେରା ଓ ଓଡ଼ିଶା ହକି ଆସୋସିଏସନର ଉପ-ସଭାପତି ଜୀବନ ମହାନ୍ତି ଉପସ୍ଥିତ ଥିଲେ।

ଜିଲ୍ଲାରେ ହକି ଖେଳ ପ୍ରତି ସ୍କୁଲ ଗୁଡିକରେ ଆଗ୍ରହ ପ୍ରକାଶ ହେଉଥିବାରୁ ହକି ଆସୋସିଏସନ ତରଫରୁ ୯ରୁ୧୫ ବର୍ଷ ବୟସ ବର୍ଗର ୧୦୦ଜଣ ବାଳକ, ବାଳିକା ମାନଙ୍କ ପାଇଁ ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଜିଲ୍ଲା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଶିବିର ୭ ଦିନ ଧରି ଚାଲିବ। ଦକ୍ଷ ପ୍ରଶିକ୍ଷକ ଯୋଗାଇ ଦେବାପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗକୁ ଅନୁରୋଧ କରାଯାଇଛି। ପ୍ରଶିକ୍ଷଣ ସମୟରେ ବାଳକ, ବାଳିକା ମାନଙ୍କର ରହିବାର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରଠାରେ ଥିବା ସରକାରୀ ଶାରୀରିକ ଶିକ୍ଷା ସ୍ନାତକୋତ୍ତର ପ୍ରଶିକ୍ଷଣ କଲେଜରୁ ମଧ୍ୟ ପ୍ରଶିକ୍ଷକ ଆସିବା ପାଇଁ ଅନୁରୋଧ କରାଯାଇଛି। ଚଳିତ୨୦ ତାରିଖରୁ ଏହି ଶିବିର ଆରମ୍ଭ କରାଯାଉଛି। ସ୍କୁଲ ଗୁଡିକର ପରୀକ୍ଷା ଶେଷ ହେବା ପରେ ଜିଲ୍ଲାର ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରି ପାରିବେ ବୋଲି କମିଟିର ସଦସ୍ୟ ମାନେ ଆଶା ବ୍ୟକ୍ତ କରିଛନ୍ତି। ଜିଲ୍ଲାରେ ଥିବା ସ୍କୁଲ ଗୁଡିକୁ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଚିଠି କରା ଯାଉଛି। ଆଗ୍ରହୀ ବାଳକ, ବାଳିକା ମାନେ ହଂସାମରା କଟାପାଲି ସ୍କୁଲର ଖେଳ ଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ସହିତ ମୋବାଇଲ ନଂ-୯୦୪୦୦୦୦୯୨୯ ଯୋଗାଯୋଗ କରିପାରିବେ।



## କୋଲାବିରା ୟୁଜିବିର ଅବ୍ୟବସ୍ଥାକୁ ନେଇ ଗ୍ରାହକ ଅସନ୍ତୁଷ୍ଟ

**କୋଲାବିରା, ୯।୩(ସମିସ):** କୋଲାବିରା ବ୍ଲକ ମୁଖ୍ୟାଳୟରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ (ୟୁଜିବି) ପରିଚାଳନାରେ ବ୍ୟାପକ ତ୍ରୁଟି ଯୋଗୁ ସେବା ନ ପାଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହି ବ୍ୟାଙ୍କରେ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଏସ୍‌ଏଚ୍‌ଜି ଗ୍ରୁପ, ବିଭିନ୍ନ ଅନୁଷ୍ଠାନ ସହିତ ବ୍ୟବସାୟୀ ଆକାଉଣ୍ଟଧାରୀ ଅନେକ ରହିଛନ୍ତି। ଏହି ବ୍ୟାଙ୍କରେ ପ୍ରାୟ ସମୟ ପରିଚାଳନାଗତ ତ୍ରୁଟି ଦେଖିବାକୁ ମିଳିଛି। ବିଶେଷ ଭାବରେ ଶାଖା ପରିଚାଳକ ଯେଉଁଦିନ ଅନୁପସ୍ଥିତ ଥିବେ ସେଦିନ କରବାରରେ ବ୍ୟାପକ ବ୍ୟାଘାତ ହେଉଥିବା ଅଭିଯୋଗ ହୋଇଆସୁଛି। ଶାଖା ପରିଚାଳକ ନ ରହିବା ଦ୍ୱାରା ଆରଟିଜିଏସ୍, ଏନଇଏଫ୍‌ଟି, ଜମା, ଉଠାଣ ପରି ଜରୁରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ଗ୍ରାହକ ବ୍ୟାଙ୍କ ସେବା ନ ପାଇ ଫେରିଥାନ୍ତି। କାରଣ ପରିଚାଳକ ନ ଥିଲେ ୨୫ ହଜାର ଟଙ୍କାରୁ ଅଧିକ ଜମା-ଉଠାଣ ହୋଇ ପାରେନାହିଁ। ଫଳରେ ନିୟମିତ ଏହି ବ୍ୟାଙ୍କ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହେଉଛି। ଗୁରୁବାର ଏହି ସପ୍ତାହର ଶେଷ କାର୍ଯ୍ୟ ଦିବସ ରହିଥିଲା। ଶୁକ୍ରବାର ଶିବରାତ୍ରି ଛୁଟି, ଶନିବାର ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟି ତେଣୁ ଏକା ସାଙ୍ଗରେ ସୋମବାର ବ୍ୟାଙ୍କ ଖୋଲିବ। ତେଣୁ ଅଞ୍ଚଳର ବ୍ୟବସାୟୀ ବ୍ୟାଙ୍କ କାର୍ଯ୍ୟରେ ଆସି ଶାଖା ପରିଚାଳକଙ୍କ ଅନୁପସ୍ଥିତି ଯୋଗୁଁ କାମ ହୋଇ ନ ପାରିବାରୁ ନିରାଶ ହୋଇ ଫେରିଯାଇଥିବା ଦେଖିବାକୁ ମିଳିଥିଲା। ଚାରି ଦିନ ଧରି ଛୁଟି ଯୋଗୁଁ ବ୍ୟାଙ୍କ ସେବା ବନ୍ଦ ରହିବା ସତ୍ତ୍ୱେ ତା ପୂର୍ବ ଦିନ ଶାଖା ପରିଚାଳକ ଛୁଟି ନେଇ ଚାଲିଯିବା କେତେଦୂର ଯଥାର୍ଥତା ରହିତା ତାହା ବିଚାରଯୋଗ୍ୟ ବୋଲି କୁହାଯାଉଛି।




## ନେହରୁ ଯୁବକେନ୍ଦ୍ର ପକ୍ଷରୁ 'ନାରୀ ଶକ୍ତି ସ୍ୱାଧୀନ' କାର୍ଯ୍ୟକ୍ରମ

**ଦେବଗଡ଼, ୯ ।୩(ସମିସ):** ଦେବଗଡ଼ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ରିଆମାଳ ବ୍ଲକର ଟୁହିଳାମାଲ, ବାରକୋଟ ବ୍ଲକର କୁଣ୍ଡାପିଠା ଓ ତିଳେଇବଣି ବ୍ଲକର ସୁଗୁଡା ଗ୍ରାମରେ ନାରୀ ଶକ୍ତି ସ୍ୱାଧୀନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଦୌଡ଼ ପ୍ରତିଯୋଗିତାରେ ରିଆମାଳ ବ୍ଲକରେ ରଶ୍ମିତା ମହାକୁକ, ଲିଟି ବାରିକ ଓ ମୁନି ବେହେରା, ବାରକୋଟ ବ୍ଲକରେ ବବିତା ସିଂ, ନଳିତା ନାଏକ ଓ ଦେବକୀ ମୁଣ୍ଡା ଏବଂ ତିଳେଇବଣି ବ୍ଲକରେ ଜ୍ୟୋତ୍ସ୍ନା ପ୍ରଧାନ, ବିଳାସିନୀ ସାହୁ, ଓ ହରପ୍ରିୟା ସାହୁ ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ନେହରୁ ଯୁବ କେନ୍ଦ୍ରର ଅଧିକାରୀ ରୋଶନ ଟଣ୍ଡନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଟୁହିଳାମାଲ ପଞ୍ଚାୟତ ସରପଞ୍ଚ ଜଳି ନାଏକ, କୁଣ୍ଡାପିଠାରେ ବସାଲଇ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାଶରଥି ପ୍ରଧାନ, ସୁଗୁଡାରେ ପଞ୍ଚାୟତ ସମିତି ସଦସ୍ୟ ଉମ୍ବରୁଧର ସାହୁ ଓ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରଞ୍ଜିତ ପ୍ରଧାନ, କୁମୁଦିନୀ ସାହୁ ଓ ଅର୍ଚ୍ଚନା ଦଳେଇ ପ୍ରମୁଖ ସହଯୋଗ କରିଥିଲେ।




## ୩୯ତମ ବାର୍ଷିକ ଉତ୍ସବରେ ବିଶ୍ୱଶାନ୍ତି ମହାଯଜ୍ଞ

**ବ୍ରଜରାଜନଗର, ୯।୩ (ସମିସ):** ସ୍ଥାନୀୟ ଜଗନ୍ନାଥ ମନ୍ଦିରର ୩୯ ତମ ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ତିନି ଦିନ ଧରି ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭଜନ କୀର୍ତ୍ତନ ସାଙ୍ଗକୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବୁଧବାର ଅଧିବାସ କର୍ମ ପରେ ଗୁରୁବାର ସକାଳୁ ସୂର୍ଯ୍ୟ ପୂଜା ଓ ପରେ ଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ଶିବରାତ୍ରିରେ ସୂର୍ଯ୍ୟାସ୍ତ ସମୟରେ ଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ପଣ୍ଡିତ ଅଭିମନ୍ୟୁ ଷଡ଼ଙ୍ଗୀ ମୁଖ୍ୟ ପଣ୍ଡିତ ଭାବରେ ରହିଥିବା ବେଳେ ପଣ୍ଡିତ କଳ୍ପତରୁ ଦାଶ, ଅନିଲ ପ୍ରିୟଦର୍ଶନୀ ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ମନ୍ଦିର ପୂଜକ ଶ୍ରୀଧର ଦାଶ, ଗଦାଧର ଦାଶ, ମୂରଲୀଧର ପଣ୍ଡା, ସେବାୟତ ବୈକୁଣ୍ଠ ଘୋଷ ଯଜ୍ଞରେ ସମସ୍ତ ସହଯୋଗ କରିଥିଲେ। ପରିଚାଳନା କମିଟି ପକ୍ଷରୁ ଯୁଧିଷ୍ଠିର ନାୟକ, ବ୍ୟାସଦେବ ପଣ୍ଡା, ଅର୍ଜୁନ ଧଳ, ଭକ୍ତ ତ୍ରିପାଠୀ, ପ୍ରଫୁଲ୍ଲ ପଣ୍ଡା, ରାମଦାସ ପଣ୍ଡା, ସଞ୍ଜୟ ବରାଳ, ଗୋପାଳ ପୁରୋହିତ ପ୍ରମୁଖ ବାର୍ଷିକ ଉତ୍ସବର ନେତୃତ୍ୱ ନେଇଥିଲେ।



ଜାମ୍ମୁନାଳୀ ଉଚ୍ଚ ବିଦ୍ୟାଳୟର ରୌପ୍ୟଜୟନ୍ତୀ

# 'ଛାତ୍ର ଜୀବନ ଗଠନରେ ବିଦ୍ୟାଳୟ, ଶିକ୍ଷକଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ'

ଦେବଗଡ଼, ୯ ।୩(ସମିସ)

ଛାତ୍ର ଗୁରୁଙ୍କଠାରୁ ଅଧିକ ବିଜ୍ଞାନୀ। ବିକଶିତ ପୃଥିବୀରେ ପରବର୍ତ୍ତୀ ପୀଢ଼ି ସର୍ବଦା ବିଜ୍ଞ। ଡାରଉଇନ୍ ତଥ୍ୟ ଅନୁସାରେ ସବୁବେଳେ ମଣିଷ ନୂଆ ସୃଷ୍ଟି କରିଥାଏ। ପରିବର୍ତ୍ତନଶୀଳ ପରମ୍ପରା, ଘଟୁଥିବା ଘଟଣା, ପରିବେଶରୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଚିନ୍ତନ କରନ୍ତି। ଏଥିରୁ ଜ୍ଞାନ ଅର୍ଜନ କରିଥାନ୍ତି। ଏହା ସତ୍ତ୍ୱେ ଛାତ୍ର ଜୀବନ ଗଠନରେ ବିଦ୍ୟାଳୟ ଓ ଶିକ୍ଷକର ଭୂମିକା ଅତି ମହତ୍ୱପୂର୍ଣ୍ଣ। ଦେବଗଡ଼ ଜିଲ୍ଲା ତିଳେଇବଣୀ ବ୍ଲକ ଜାମ୍ମୁନାଳୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଘାଟନ ଉତ୍ସବ ଅବସରରେ ମୁଖ୍ୟ ବକ୍ତା ଡ. ପଦ୍ମନାଭ ସାହୁ ଏହା କହିଛନ୍ତି।

୩୫ ବର୍ଷ ଅବସରରେ ଜାମ୍ମୁନାଳୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗ ଦେଇ କହିଥିଲେ ଯେ, ସମୟ ବହୁତ ମୂଲ୍ୟବାନ। ଗୋଟିଏ ମୁହୂର୍ତ୍ତ ବି ନଷ୍ଟ କରିବା ଉଚିତ୍ ନୁହେଁ। ଛାତ୍ରଛାତ୍ରୀ ସମୟର ଗୁରୁତ୍ୱ ବୁଝିଲେ ହିଁ, ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ।

ସମ୍ମାନିତ ଅତିଥି ଭାବେ ଏସଡିସି ଜିଲ୍ଲା ସଭାପତି ପଞ୍ଜିଆ ଭୋଇ, ସମାଜସେବୀ ଇଂ.ଚିତ୍ତରଞ୍ଜନ ପ୍ରଧାନ, ପ୍ରଧାନ ଶିକ୍ଷକ ଶ୍ରଦ୍ଧାକର ପ୍ରଧାନ, ଅନିରୁଦ୍ଧ ପ୍ରଧାନ, ପ୍ରଭାତୀ ପ୍ରଧାନ, ଶାନ୍ତିମଞ୍ଜରୀ ପ୍ରଧାନ, ସୁବାସ ନାୟକ, ଶଙ୍କର ବାବା ମଞ୍ଚାସୀନ ଥିଲେ। ସଭାପତି ପ୍ରମୋଦ ଝାଙ୍କର ଅଧ୍ୟକ୍ଷତା କରିଥିବାବେଳେ ପୁରାତନ ଛାତ୍ରୀ ତୃପ୍ତିବାଳା ପ୍ରଧାନ ଓ ଜୟଲଳିତା ଜ୍ୟୋତିଷ ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ଚନ୍ଦ୍ରଭାନୁ ଜ୍ୟୋତିଷ ଧନ୍ୟବାଦ ଅର୍ପଣ କରିଥିଲେ।

ସମସ୍ତ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ଭୂପେନ୍ଦ୍ର ପ୍ରସାଦ ନାୟକ, ସିକୁନ ପ୍ରଧାନ, ଦେବୁ ଦା, ସୁକାନ୍ତ ପ୍ରଧାନ, ସନ୍ଦୀପ ଜ୍ୟୋତିଷ, ହୃଷୀକେଶ ଭୋଇ, ସୁମନ୍ତ ରଣା, ମିଳନ ପ୍ରଧାନ, ଦିଲୀପ ବେହେରା, ଯଜ୍ଞଦତ୍ତ ଜ୍ୟୋତିଷ, ତୋଫାନ ଅମାତ ପ୍ରମୁଖ ସହଯୋଗ କରିଥିଲେ।





# ସ୍କିଲିଂ ଇଣ୍ଡିଆ ଅଭିଯାନ

**ବରଗଡ଼, ୯।୩(ସମିସ):** ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ୍ ପ୍ରାୟୋଜିତ, ଭାରତ ସରକାରଙ୍କ ସ୍କିଲିଂ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭାମ୍ୟମାଣ ସ୍କିଲିଂ ଇଣ୍ଡିଆ ବସ୍ ମାଧ୍ୟମରେ ବରପାଲି ବ୍ଲକସ୍ଥିତ ବରପାଲି ଗ୍ରାମରେ ୨୧ ଜଣ ଶିକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ଓ ୟୁପିଆଇ ସମ୍ବନ୍ଧୀୟ ସାଧାରଣ ଶିକ୍ଷା ପ୍ରଦାନ କରାଯାଇଥିଲା। ଯାହା କି' ସେମାନଙ୍କର ସାମ୍ପ୍ରତିକ ଜୀବନଯାତ୍ରାକୁ ସୁଗମ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ ସହାୟକ ହେବ। ଅଧିକରୁ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ କେମିତି ଏହି ଅଭିଯାନରେ ସାମିଲ୍ ହୋଇ ଏହାର ଲାଭ ପାଇବେ ସେ ଦିଗରେ ମୂରଲୀ କ୍ରିଷ୍ଣା ଫାଉଣ୍ଡେସନ ସର୍ବଦା ତତ୍ପରତାର ସହିତ କାମ କରୁଥିବା ନେଇ ସୂଚନା ଦିଆଯାଇଛି।



# ଟେରାକୋଟାରେ ବ୍ୟବହୃତ କଳା ଓ ନାଲି ମାଟିର ଅଭାବ

**ବରପାଲି, ୯ ।୩ (ସମିସ)**

ବରପାଲି ବ୍ଲକ ଅଧୀନ କେତୋଟି ଗ୍ରାମରେ ପ୍ରସ୍ତୁତ ହେଉଥିବା ମାଟିର ଘରକରଣା ସାମଗ୍ରୀ ଅବା ସୌଖିନ ସୌନ୍ଦର୍ଯ୍ୟକରଣ ଉପକରଣ ମାନ ନିଶ୍ଚିହ୍ନ ହେବାକୁ ବସିଲାଣି। ମାଟି କାମର ସମାଜିକ ବ୍ୟବସ୍ଥା ଓ ତାର ଚାହିଦା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଧୀରେଧୀରେ ଉଭେଇ ଯାଉଛି ମାଟି କୁଟିର ଶିଳ୍ପ। ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ ମାଧ୍ୟମରେ ଭିନ୍ନଭିନ୍ନ ଧାତୁ ଓ ଦ୍ରବଣ ମିଶ୍ରଣରେ ନିର୍ମିତ ପାତ୍ର ଏବଂ ଘରକରଣା ସାମଗ୍ରୀ ମାନ ବର୍ତ୍ତମାନ ଲୋକଙ୍କ ଆଗ୍ରହକୁ ପୂରଣ କରିଛି। ହେଲେ ମାଟି ପାତ୍ରରେ ରନ୍ଧନ ହୋଇଥିବା ଖାଦ୍ୟର ଏକ ସ୍ୱତନ୍ତ୍ରତା ରହିଥିବାବେଳେ ଅଧିକ ସୁସ୍ୱାଦୁ ହୋଇଥାଏ। ସେହିପରି ବିଭିନ୍ନ ପୂଜା ପାର୍ବଣ, ବ୍ରତ, ବିବାହ ତଥା ଧାର୍ମିକ କାର୍ଯ୍ୟରେ ମାଟି ସାମଗ୍ରୀର ଅତ୍ୟନ୍ତ ଆବଶ୍ୟକ ରହିଥାଏ। ପୁରାତନ କାଳରୁ ମାଟିର ବ୍ୟବହାର ଆମ ସମାଜର ଏକ ମୁଖ୍ୟ ପରମ୍ପରାଭାବରେ ଆଜି ପର୍ଯ୍ୟନ୍ତ ପ୍ରଚଳିତ ହୋଇଆସୁଛି। ଅପରପକ୍ଷେ କୁମ୍ଭକାର ମାନଙ୍କ ପରିବାର ଅବସ୍ଥିତି ଅତ୍ୟନ୍ତ ଦୁଖଃଦପୂର୍ଣ୍ଣ ଅଟେ। ସରକାରୀ ସହାୟତା ହେଉ ଅବା କୌଳିକବୃତ୍ତି ଉପରେ ସଠିକ ପରାମର୍ଶ ମୂଳକ ତାଲିମ ବ୍ୟାବସ୍ଥାର ଅଭାବି ରହିଛି। ଅଞ୍ଚଳର କୁମ୍ଭକାର ମାନଙ୍କ କର୍ମଶାଳ ଭାବରେ ରହିଥିବା ଗ୍ରାମମାନଙ୍କ ମଧ୍ୟରେ ବରପାଲି, ବାଗବାଡ଼ି, ସତଲମା, ମହଦା, ତେନ୍ତେଲପାଲି ରେମତା ଆଦି ସ୍ଥାନରେ ମାଟିର କାମ ସହ ଟେରାକୋଟା ନିର୍ମାଣ କାର୍ଯ୍ୟକ୍ରମ ମନ୍ଥରତା ମଧ୍ୟରେ ଆଗେଇଚାଲିଛି। ଚକଟା ମାଟିରେ ଚମତ୍କାର କାରୁକାର୍ଯ୍ୟ ପାଇଁ ତିନି ପ୍ରକାର ମାଟିର ଦରକାର ହୋଇଥାଏ। ପୂର୍ବରୁ ମାଟିଆ, କଳା ଓ ନାଲି ରଙ୍ଗର ମାଟି ସଂଗ୍ରହ କରି ଶାଳ ପାଖରେ ଗଚ୍ଛିତ ରଖାଯାଇଥାଏ। ବର୍ତ୍ତମାନ ମାଟିର ଘୋର ଅଭାବି ଦେଖା ଦେଉଥିବା ବେଳେ କଳା ଓ ନାଲି ରଙ୍ଗର ମାଟି ସଂଗ୍ରହ ବହୁ କଷ୍ଟସାଧ ବୋଲି ଟେରାକୋଟା ଶିଳ୍ପୀ ଉମାକାନ୍ତ ରଣା କହିଥିଲେ। ଅପରପକ୍ଷେ ବରିଷ୍ଠ ଜାତୀୟ ତଥା ଅର୍ନ୍ତର୍ଯ୍ୟାତୀୟ ସ୍ତରରେ ବହୁ ସମ୍ମାନର ଅଧିକାରୀ ତଥା ଟେରାକୋଟାକୁ ଏକ ନୂତନ ରୂପରେ ସଜେଇଥିବା ବରିଷ୍ଠ ଶିଳ୍ପଗୁରୁ ମନବୋଧ ରଣା ସମସ୍ୟାଜନିତ ପ୍ରଣାଳି ଉପରେ ମତବ୍ୟକ୍ତ କରିଛନ୍ତି। ତାଙ୍କ କହିବାକଥା ହେଲା ପୂର୍ବରୁ ବହୁ ଖୋଜାଖୋଜି ପରେ ସଠିକ ଚିହ୍ନଟ ହୋଇଥିବା ସ୍ଥାନ ମାନଙ୍କୁରୁ ମାଟି କୋଡାକୋଡି କଲାପରେ ସଂଗ୍ରହ ହୋଇଥାଏ। ପରେ ସଂଗୃହିତ ମାଟିରେ ରହିଥିବା ଛୋଟ ଛୋଟ ଗୋଡି, ପଥର, କାଠି, କୁଟା, ପ୍ଲାଷ୍ଟିକ ଓ ଅପମିଶ୍ରିତ ପଦାର୍ଥ ଗୁଡିକୁ ବାହାର କରାଯାଏ। ପରମୁହୂର୍ତ୍ତରେ ଅନୁପାତରେ ମିଶ୍ରିତ ପାଣି ସହ ସଫା ମାଟିକୁ ଚକଟାଚକଟି କରି ଗୋଟିଏ ଦିନ ହାଲୁକା ଅବସ୍ଥାକୁ ଆଣିବା ପାଇଁ ରଖିଦିଆ ଯାଇଥାଏ। ପ୍ରସ୍ତୁତି ପାଇଁ ରହିଥିବା ମାଟିକୁ ହାତ ତିଆରି ଚକଘେରା ଉପରେ ରଖି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ। କୁମ୍ଭକାର ଚକ ଘୁରାଇ ମନମୁତାବକ ବିଭିନ୍ନ ମାଟି ଉପକରଣ ମାନ ଭିନ୍ନଭିନ୍ନ ଶୈଳିର ତିଆରି କରିଥାଏ। କଞ୍ଚାମାଲ ସାମଗ୍ରୀ ମାନ ଖରାରେ ଶୁଖି ବତର ସ୍ଥିତିକୁ ପହଞ୍ଚିଲା ପରେ କୁମ୍ଭକାର ନିଆଁଖଳାର ପ୍ରସ୍ତୁତି ପାଇଁ ପ୍ରସ୍ତୁତ ହୋଇଥାଏ। ନିଆଁଖଳାରେ ଶୁଖିଲାକଞ୍ଚା ସାମଗ୍ରୀ ମାନ ସ୍ୱତନ୍ତ୍ର କ୍ରମିକ ଭାବରେ ରଖିଥାଏ। ଏହିସବୁ କାମ ପାଇଁ ପରିବାରର ଉଭୟ ପୁରୁଷ ଓ ମହିଳା ମାନଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ ସହାୟତା କରିଥାନ୍ତି। ବଜାରରେ ମାଟି ପାତ୍ରର ମୂଲ୍ୟ ଯେତେ ଅଧିକ ହୋଇଥିଲେ ସୁଦ୍ଧା କୁମ୍ଭକାର ତାର ପରିଶ୍ରମର ପ୍ରକୃତ ପାରିଶ୍ରମିକ ପାଉ ନ ଥିବା ବାବଦରେ ବିଭିନ୍ନ କାରଣ ଦର୍ଶାଇଥିଲେ। ସମୟର ସ୍ୱଳ୍ପତା ଓ ଉଚିତ ବଜାର ଅଭାବି ସହ ଶିଳ୍ପ ବିଭାଗିୟ କର୍ମକର୍ତ୍ତା ମାନଙ୍କ ଅବ୍ୟବସ୍ଥା ଯୋଗୁ ଅନେକ ଅସୁବିଧା କୁମ୍ଭକାର ମାନଙ୍କୁ ଭୋଗ କରିବାକୁ ପଡ଼ିଥାଏ ବୋଲି ଜଣାପଡ଼ିଥିଲା। ବର୍ତ୍ତମାନ ସ୍ଥିତିରେ ସମୟର ଗତିପଥ ବହୁ ମାତ୍ରାରେ ବଦଳି ଯାଇଥିଲେ ସୁଦ୍ଧା କୁମ୍ଭକାର ତାର କୌଳିକ ଏବଂ ପିତା ପ୍ରପିତାଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତା ଭରସାରେ ନିତିଗତ ଭାବରେ ଆଗେଇଚାଲିଛି। ଆଗାମୀ ଦିନରେ ବ୍ୟବସାୟ ସହ କୁମ୍ଭକାର ମାନଙ୍କ ପାରିବାରିକ ଅବସ୍ଥିତି ଓ ମାଟିକାମର ଭବିଶ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି।









# ମହା ଶିବରାତ୍ରୀରେ ଅଷ୍ଟପ୍ରହର ନାମଯଜ୍ଞ ଉଦ୍ଯାପିତ

**ପଦ୍ମପୁର, ୯ ।୩(ସମିସ):** ପଦ୍ମପୁର ଉପଖଣ୍ଡ ସରେଇକେଲା ବିମଳେଶ୍ୱର ବାବା ମନ୍ଦିରରେ ମହାଶିବରାତ୍ର ଜାଗର ଉପଲକ୍ଷେ ୨୪ ତମ ବାର୍ଷିକ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞକର୍ତ୍ତା ବିନୋଦ ବିହାରୀ ସାହୁ ଓ ତାଙ୍କ ଧର୍ମପତ୍ନୀ ଅନିତା ସାହୁ ସମେତ ମାନସିକ ବ୍ରତାଧିକାରିମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଧୂମାଭଟା, ପଳସଦା, ବଲୋଦା, ଅମଳଡ଼ିହି, ସରେଇକେଲା ଗ୍ରାମର ଦୁଇଟି ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଗୌନ୍ତିଆ ବିକାଶ ବହିଦାର କ୍ରିକେଟ ଟିମ୍‌ର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯଜ୍ଞ କାର୍ଯ୍ୟ ପରିଚାଳନାରେ କୂଳମଣି ବାରିକ, ପ୍ରତାପ ସାହୁ, ଦେବାନନ୍ଦ ପ୍ରଧାନ, ତୀର୍ଥ ସାହୁ, ରାଜ କୁମାର କଶ୍ୟପ, ଭୀଷ୍ମ ବେହେରା, ସୁନୀଲ ପ୍ରଧାନ, ବିକାଶ ସାହୁ, ପ୍ରଦୀପ ସାହୁ, କ୍ରିକେଟ କ୍ଲବ, ଲିଟିଲ ହେଲ୍ପ ଅନୁଷ୍ଠାନ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଚର୍ଦାପାଲି ଅଙ୍ଗନଦୀ କୂଳ ଯୋଗେଶ୍ୱର ମନ୍ଦିରରେ ଅଷ୍ଟପ୍ରହରୀ ଉଦଯାପିତ ହୋଇଯାଇଛି। ବାଳକୃଷ୍ଣ (ଗଣେଶ) ନାଏକ, ଉପାସୀ ନାଏକ ଯଜ୍ଞକର୍ତ୍ତା ଥିଲେ। ଉଦ୍ଯାପନୀ ସନ୍ଧ୍ୟାରେ ବୈଠକୀ କୀର୍ତ୍ତନ, କୀର୍ତ୍ତନ ଗୁରୁ ବଳି ନାଏକ, ଗୌନ୍ତିଆ ଅଶୋକ ବେହେରା, ମଣ୍ଟୁ ବେହେରା ଓ ସମସ୍ତ କୀର୍ତ୍ତନ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମଲାଲ ନାଏକ, ରମେଶ ବରିହା, ପିଛାଲୁ ଧରୁଆ, ଲକ୍ଷ୍ମଣ ନାଏକ, ଉତ୍ତମ ନାଏକ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ 'ଜନ ଆରୋଗ୍ୟ ସମିତି' ବୈଠକ




**ଅମ୍ବାଭୋନା, ୯ ।୩(ସମିସ):** ଶନିବାର ବରଗଡ଼ ଜିଲ୍ଲା ଅମ୍ବାଭୋନା ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ 'ଜନ ଆରୋଗ୍ୟ ସମିତି 'ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟା କଳ୍ପନା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କିଭଳି ଭାବରେ ଏହା ସୁରୁଖୁରୁରେ କାର୍ଯ୍ୟକ୍ରମ ହେବ ସେଥିପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ସମୟରେ ଜନ ଆରୋଗ୍ୟ ସମିତିର ସଭ୍ୟ ସଭ୍ୟାମାନଙ୍କ ଦ୍ୱାରା ପରିଦର୍ଶନ ତଥା ସାହାଯ୍ୟ ସହଯୋଗ ପାଇଁ ପ୍ରସ୍ତାବ ମାନେ ଗୃହୀତ ହେଲା। ଉକ୍ତ ବୈଠକରେ ଡ.ଟେମରାମ ଦେହେରି, ଡ.କମଳ ପ୍ରସାଦ ମଲ୍ଲିକ, ଡ.ପ୍ରଶାନ୍ତ କୁମାର ପଣ୍ଡା, ମନୋରଞ୍ଜନ ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଫାର୍ମାସିଷ୍ଟ ସୀତାରାମ ଚୌଧରୀ, ଅକ୍ଷୟ ପଟେଲ, ସୁପରଭାଇଜର ଶୁଭଶ୍ରୀ ମହାନ୍ତି, ସ୍ୱେଚ୍ଛାସେବୀ ଅଭୟ କୁମାର ପଣ୍ଡା ତଥା ଅନ୍ୟାନ୍ୟ ସଭ୍ୟ ସଭ୍ୟା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗୋଁଣ୍ଡ ଭବନ ଭିତ୍ତିପ୍ରସ୍ତର ସ୍ଥାପନ

**ପଦ୍ମପୁର, ୯ ।୩(ସମିସ)**

ଭୁବନେଶ୍ୱର ଚନ୍ଦ୍ରଶେଖର ପୁର ଠାରେ ତିନି କୋଟି ଟଙ୍କା ଅନୁଦାନରେ ନିର୍ମାଣ ହେବାକୁ ଥିବା ପାଇଁ ଗୋଁଣ୍ଡ ଭବନ, ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ନବରଙ୍ଗପୁର

**ବରଗଡ଼ ଗୋଁଣ୍ଡ ସମାଜ ତରଫରୁ କୃତଜ୍ଞତା**

ସାଂସଦ ରମେଶ ମାଝୀ, ଆଠଗଡ଼ ବିଧାୟକ ରମେଶ ସାଏ, ଭାରତୀୟ ଗୋଁଣ୍ଡ ମହାସଭାରୁ ମହେନ୍ଦ୍ର ନାଏକ, ପ୍ୟାରୀମୋହନ ନାଏକ, ଦମୟନ୍ତୀ ମହାପାତ୍ର, ସୁକାନ୍ତିବାଳା ନାଏକ, ୨୨ ଗୋଟି ଜିଲ୍ଲା ର ସଭାପତି ସମ୍ପାଦକ ଓ ରାଜ୍ୟ ମେମ୍ବର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାରୁ ସଭାପତି ଭାଗିରଥି ସିଂ, ଧନେଶ୍ୱର ସିଂ, ରଘୁନନ୍ଦନ ଦେଓ, ଗୀତା ଧରୁଆ, ମମତା ଧରୁଆ, ଯାଜ୍ଞସେନୀ ଭୋଇ, ଅହଲ୍ୟା ଭୋଇ, ଆହ୍ଲାଦିନୀ ଧରୁଆ, ବିଦେଶୀ ରାଏ, ଅଶ୍ୱିନୀ ଧରୁଆ, ମନବୋଧ ରାଏ, ସୁଦାମ ଭୋଇ, ଶତ୍ରୁଘ୍ନ ଧରୁଆ, ଡୋଳାମଣି ଧରୁଆ, ସଦାନନ୍ଦ ଧରୁଆ, ସୁରେନ୍ଦ୍ର ଧରୁଆ, ନିରଞ୍ଜନ ଧରୁଆ, ବିନୋଦିନୀ ଭୋଇ, ବଳରାମ ଭୋଇ, ବେଲାର ସେନ ପୁଟା, ଯାଦବ ଭୋଇ, ରମାକାନ୍ତ ଭୁଏ, ଅଶ୍ୱିନୀ ପୁଟା, ଜୟ ସିଂ ସିଦାର, ସନାତନ ଧରୁଆ ସମେତ ଅନେକ ସଭ୍ୟ ସଭ୍ୟା ଯୋଗଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ବରଗଡ଼ ଜିଲ୍ଲା ଗୋଁଣ୍ଡ ସମାଜ ତରଫରୁ କୃତଜ୍ଞତା ଜଣେଇଛନ୍ତି




**ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ସେମିଫାଇନାଲରେ ମୁଣ୍ଡାପାଲି

**ପଦ୍ମପୁର, ୯ ।୩ (ସମିସ):** ସ୍ଥାନୀୟ ରାଜବୋଡ଼ାସମ୍ବର ହାଇସ୍କୁଲ ପଡ଼ିଆରେ ନେହରୁ ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ସ୍ୱର୍ଗତଃ ପ୍ରେମାନନ୍ଦ ସିଂ ବରିହା ଓ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚ୍ ଇଲେକ୍ଟ୍ରି ସ୍ପୋର୍ଟିଂ ଓ କପସିଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସାମ୍ବାଦିକ ସଂଘର ରତ୍ନମଣି ଶତପଥୀ, ପ୍ରଦୀପ୍ତ ଦାଶ, କିରଟି ସାହୁ, ଅଶ୍ୱିନୀ ଧରୁଆ, ହେମନ୍ତ ସାହୁ, ସୁଦାମ ପଧାନ ଓ ଶିକ୍ଷକ ନରେନ୍ଦ୍ର ପ୍ରଧାନ, କିଶୋର ପାତ୍ର ଯୋଗଦେଇଥିଲେ। କପସିଲା ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ପାଞ୍ଚ ଓଭରରେ ୪୯ ରନ୍ ସଂଗ୍ରହ କରିଥିଲା। ଯବାବରେ ଇଲେକ୍ଟ୍ରି ସ୍ପୋର୍ଟିଂ ଚାରି ଓଭର ରେ ୫୦ ରନ୍ କରି ବିଜୟ ଲାଭ କରିଥିଲା। ସେହିପରି ଗତକାଲିର ମ୍ୟାଚରେ ଅତିଥି ଭାବେ ବଣିକ ସଂଘ ସଭାପତି ପ୍ରତାପ କୁମାର ମିଶ୍ର, ସମ୍ପାଦକ ନନ୍ଦ କିଶୋର ଅଗ୍ରୱାଲ, ଅନିଶ୍ କୋଟେଛା, ରବି ନାରାୟଣ ଦୋରା, ମହମ୍ମଦ ଅବତାବ ଯୋଗଦେଇଥିଲେ। ୧୬ ଗୋଟି ଦଳ ନିଜର କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ପରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରେ ପ୍ରଥମେ ବିଶୋରା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୬ ୱିକେଟ ବିନିମୟରେ ୨୯ ରନ୍ ସଂଗ୍ରହ କରିଥିଲା। ଯବାବରେ ମୁଣ୍ଡାପାଲି ଦଳ ଗୋଟିଏ ୱିକେଟ ବିନିମୟରେ ତିନି ଓଭର୍‌ରେ ୩୦ ରନ୍ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାନ୍ ଅଫ ଦି ମ୍ୟାଚ ଚିନ୍ମୟଙ୍କୁ ପ୍ରଦାନ କରାଯାଇ ଥିଲା। ଆଜିର ଏହି ମ୍ୟାଚ୍‌କୁ ରାକେଶ ପଟେଲ ଓ ସାୱନ ପ୍ରସାଦ ସାହୁ ପରିଚାଳନା କରିଥିବାବେଳେ ବିକାଶ, ବବଲୁ, ସୁଜିତ୍, ଟିନୁ, ସାହିଲ, ନିଖିଲ, ରାଜୁ, ପିଣ୍ଟୁ, ବିକାଶ, ଶୁଭଙ୍କର, ସତ୍ୟମ୍ ପ୍ରମୁଖ ସହଯୋଗ କରିଥିଲେ।

# ଶିବଙ୍କ ଅବତରଣ ପର୍ବ ପାଳିତ

**ବରଗଡ଼, ୯ ।୩(ସମିସ):** ଭଗବାନ ଶିବଙ୍କ ଅବତରଣ ପର୍ବ ମହାଶିବରାତ୍ରି ବରଗଡ଼ ସ୍ଥିତ ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ପାଳିତ ହେଉଛି। ଚାରି ଦିନ ବ୍ୟାପୀ ଏହି ଅବତରଣ ପର୍ବ ଅବସରରେ ଭଗବାନ ଶିବଙ୍କ ଦ୍ୱାଦଶ ଜ୍ୟୋତିଲିଙ୍ଗ ସ୍ଥାପନ କରାଯିବା ସହ ପ୍ରତ୍ୟହ ଆଧ୍ୟାତ୍ମିକ କଥା ପ୍ରବଚନ ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ଡ.ତପସ୍ୱିନୀ ଗୁରୁ, ସଙ୍ଗୀତା ପଣ୍ଡା, ସୁଜାତା ସାହୁ, ମମତା ପୁରୋହିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିକେ ଯଶୋଦା, ବିକେ ସୁଚିତ୍ରା, ବିକେ ସୀମାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ ଜ୍ୟୋସ୍ନା ଭଉଣୀ ମଞ୍ଚ ପରିଚାଳନା କରିଥିଲେ।

# ଗୁଦେରପାଲିରେ ନାମଯଜ୍ଞ

**ଗୁଦେରପାଲି, ୯ ।୩(ସମିସ):** ଗାଇସିଲେଟ ବ୍ଲକ ଗୁଦେରପାଲି ଗାଁରେ ମହାଶିବରାତ୍ରି ଅବସରେ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ତରଣୀସେନ ଦେବତା, ରିଙ୍କୁ ଦେବତା ଓ ଜଗନ୍ନାଥ ଦେହେରୀ ପୂଜାର୍ଚ୍ଚନା କରିଥିବା ବେଳେ ପ୍ରଫୁଲ୍ଲ ମେହେର ସହ ପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞର ପୂର୍ଣ୍ଣାହୂତୀ ହେଲାପରେ ନଗର କିର୍ତ୍ତନ ଆରମ୍ଭ ହୋଇଥିଲା। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ସମାଜସେବୀଙ୍କ ବିୟୋଗରେ ଶୋକସଭା

**ଗାଇସିଲେଟ, ୯ ।୩(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗାଇସିଲେଟ ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଗାଇସିଲେଟରେ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ସରପଞ୍ଚ, ସମାଜସେବୀ ତଥା କବି ଦାମୋଦର ଦାଶଙ୍କ ବିୟୋଗରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ମନୋଜ କୁମାର ପଣ୍ଡା, ପ୍ରଦୀପ କୁମାର ପ୍ରଧାନ, ଅରୁଣ କୁମାର ପାଣିଗ୍ରାହୀ, ନାରାୟଣ ମିଶ୍ର, ସୁବାସ ମାଝୀ, ଅଧ୍ୟାପକ ବାଚସ୍ପତି ପ୍ରଧାନ, ମାନସ କୁମାର ଦାଶ, ବିଶ୍ୱନାଥ ସାହୁ, ସୁନୀଲ ପାଣିଗ୍ରାହୀ, ଅଧ୍ୟାପିକା ସଂଘମିତ୍ରା ସାହୁ, ବୀଣାପାଣି, ରାକ୍ଷୀ ମେହେର, ପ୍ରତିଭା ଦାଶ, ସଞ୍ଚିତା ମିଶ୍ର ଓ ଖେଳ ଶିକ୍ଷକ ହେମନ୍ତ କୁମାର ପଣ୍ଡା ପ୍ରମୁଖ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ।



# ଅର୍ଚ୍ଚନା ନାୟକଙ୍କୁ ସାହିତ୍ୟ ଭାରତୀ ସମ୍ମାନ



**କଟକ, ୯ ।୩ (ସମିସ):** ବିଶିଷ୍ଟ ସାହିତ୍ୟିକା ଡଃ ଅର୍ଚ୍ଚନା ନାୟକ ଚଳିତବର୍ଷ ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ-୨୦୨୪' ପାଇବେ। ଏହି ସମ୍ମାନ ସହ ଏକ ଲକ୍ଷ ଟଙ୍କାର ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯିବ ବୋଲି ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଚଳିତ ବର୍ଷ ପାଇଁ 'ସାହିତ୍ୟ ଭାରତୀ ସମ୍ମାନ' ସହିତ ଅନ୍ୟାନ୍ୟ ସମ୍ମାନ ଓ ପୁରସ୍କାର ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଛି।

ସେହିଭଳି ଫାଉଣ୍ଡେସନର ପ୍ରତିଷ୍ଠାତାଙ୍କ ନାମରେ ପ୍ରତିଷ୍ଠିତ 'ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ଚଳିତ ବର୍ଷ ବିଶିଷ୍ଟ ସାମ୍ବାଦିକ ରବି ଦାସଙ୍କୁ ପ୍ରଦାନ କରାଯିବ। ଏହି ସମ୍ମାନ ସହ ଏକ ରୌପ୍ୟଫଳକ ଓ ମାନପତ୍ର ଦିଆଯିବ। କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ ବିଶିଷ୍ଟ କବି ପ୍ରଭାକର ଶତପଥୀଙ୍କୁ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଏବଂ କଥା ସାହିତ୍ୟରେ ବିଶେଷ କୃତିତ୍ୱ ପାଇଁ ବିଶିଷ୍ଟ କଥାକାର ଗାୟତ୍ରୀ ସରାଫ୍‌ଙ୍କୁ 'ବୀଣାପାଣି ମହାନ୍ତି କଥା ସାହିତ୍ୟ' ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ରୌପ୍ୟ ଉପଢ଼ୌକନ ପ୍ରଦାନ କରାଯିବ। ସାରସ୍ୱତ ପ୍ରତିଭା ଅମରେନ୍ଦ୍ର ମାଧବ ଦାସ ଏବଂ ମାନସ ପଣ୍ଡାଙ୍କୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କା ଓ ରୌପ୍ୟ ଉପଢ଼ୌକନ ପ୍ରଦାନ କରାଯିବ। ୨୦୨୪ ଏପ୍ରିଲ ୭ ତାରିଖ ରବିବାର ସନ୍ଧ୍ୟା ୬ଟା ୩୦ ଘଟିକା ସମୟରେ କଟକସ୍ଥିତ କଳା ବିକାଶ କେନ୍ଦ୍ରଠାରେ ଆୟୋଜିତ ସାରସ୍ୱତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ। ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିବେ। ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ଏହି ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେବେ। ଫାଉଣ୍ଡେସନ୍‌ର ଟ୍ରଷ୍ଟି ଡା. ଜୟନ୍ତ ରଥ ଏହି ସଭାରେ ପୌରୋହିତ୍ୟ କରିବେ। ୧୯୯୬ରୁ ଗଙ୍ଗାଧର ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସମ୍ମାନରେ ବହୁ ଯୋଗ୍ୟ ବ୍ୟକ୍ତି ସମ୍ମାନିତ ହୋଇଛନ୍ତି। ଏହି ସମ୍ମିଳନୀରେ ଫାଉଣ୍ଡେସନ୍‌ର ଟ୍ରଷ୍ଟି ଡାଃ ଜୟନ୍ତ ରଥ, ସମ୍ପାଦିକା ସୁସ୍ମିତା ରଥ, ଡଃ ବିଜୟାନନ୍ଦ ସିଂହ ଓ ଆଇନଜୀବୀ ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଚଳିତବର୍ଷର ସାହିତ୍ୟ ଭାରତୀ ସମ୍ମାନ-୨୦୨୪' ପାଇବାକୁ ଯାଉଥିବା ବିଶିଷ୍ଟ ସାହିତ୍ୟିକା ଡଃ ଅର୍ଚ୍ଚନା ନାୟକ ସୁଦୀର୍ଘ ସାରସ୍ୱତ ଯାତ୍ରାରେ ଜଣେ କଥାକାର ଭାବେ ଖ୍ୟାତ। ତାଙ୍କର ସାରସ୍ୱତ ସାଧନା ପାଇଁ ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ଋଦ୍ଧିମନ୍ତ।

# ସ୍ୱଳ୍ପ ମୂଲ୍ୟରେ ବିଭିନ୍ନ ସାମାଜିକ ଅନୁଷ୍ଠାନକୁ ମିଳିଲା ଜମି

**ଭୁବନେଶ୍ୱର, ୯ ।୩ (ସମିସ):** ବିଭିନ୍ନ ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ପାଇଁ ରାଜ୍ୟ ସରକାର ଜମି ଯୋଗାଇଦେବା ସହ ଏ ବାବଦ ଖର୍ଚ୍ଚ କୋହଳ କରିଛନ୍ତି। ଏନେଇ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ତହସିଲ ଅନ୍ତର୍ଗତ ନୂଆଗଡ଼ ମୌଜାରେ ଜିଲ୍ଲା ଯାଦବ ମହାସଭା ସପକ୍ଷରେ କମ୍ୟୁନିଟି ହଲ (ଯାଦବ ଭବନ ଓ ଛାତ୍ରାବାସ) ନିର୍ମାଣ ନିମନ୍ତେ ୧୫ ଡେସିମିଲ ଜମି ବିନା ପ୍ରିମିୟମ୍ ଓ ବିନା ଆନୁସଙ୍ଗିକ ଖର୍ଚ୍ଚରେ ଲିଜ୍ ସୂତ୍ରରେ ଯୋଗାଇ ଦିଆଯିବ। ଏଥିପାଇଁ ଜିଲ୍ଲା ଯାଦବ ମହାସଭାକୁ ବାର୍ଷିକ ଭୂ-ରାଜସ୍ୱ ବାବଦକୁ ଏକର ପିଛା ୧୦୦ ଟଙ୍କା ଏବଂ ବାର୍ଷିକ ସେସ୍ ବାବଦରେ ଭୂ-ରାଜସ୍ୱର ୭୫% ହିସାବରେ ଦେବାକୁ ହେବ। ସେହିପରି ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ତହସିଲ ଅନ୍ତର୍ଗତ ସିନ୍ଧିଗୁଡ଼ା ମୌଜାରେ ଜିଲ୍ଲା ଯାଦବ ମହାସଭା ସପକ୍ଷରେ ଗୋଶାଳା ନିର୍ମାଣ ପାଇଁ ୨ ଏକର ସରକାରୀ ଜମି ବିନା ପ୍ରିମିୟମ୍ ଓ ବିନା ଆନୁସଙ୍ଗିକ ଖର୍ଚ୍ଚରେ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।

# ଇବ୍‌ରେ ବୁଡ଼ି ଗୋଟିଏ ପରିବାରର ୩ ନିଖୋଜ





**ସୁନ୍ଦରଗଡ଼, ୯ ।୩ (ସମିସ):** ଜନ୍ମଦିନରେ ବଣଭୋଜି କାଳ ହୋଇଛି। ପିକନିକ୍ ସ୍ପଟ୍ ଇବ୍ ନଦୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଗୋଟିଏ ପରିବାରର ତିନିଜଣ ନିଖୋଜ ହୋଇଛନ୍ତି। ସୁନ୍ଦରଗଡ଼ ସଦର ଥାନା ସେମିନା ନିକଟ ଇବ୍ ନଦୀରେ ଏହି ଅଭାବନୀୟ ଘଟଣା ଘଟିଛି। ଶନିବାର ଥିଲା ସୁନ୍ଦରଗଡ଼ର ମହମ୍ମଦ ଫାରହାନଙ୍କ ଜନ୍ମଦିନ। ଜନ୍ମଦିନରେ ମଉଜ ମଜଲିସ କରିବା ପାଇଁ ଫାରହାନଙ୍କ ସମେତ ସୁନ୍ଦରଗଡ଼ ଟାଉନ ଥାନା ରିଜେଣ୍ଟ ମାର୍କେଟ ଓ ମେନ୍ ରୋଡ୍ ଅଞ୍ଚଳରେ ରହୁଥିବା ତାଙ୍କ ପରିବାର ସଦସ୍ୟମାନେ ବଣଭୋଜି କରିବା ପାଇଁ ଇବ୍ ନଦୀ କୂଳକୁ ଯାଇଥିଲେ। ଭୋଜି ସମୟରେ ଫାରହାନଙ୍କ ସହ ମହମ୍ମଦ ରିଜୱାନ ଗାଧୋଇବାକୁ ନଦୀରେ ପଶିଥିଲେ। ତେବେ ଚୋରାବାଲିରେ ତାଙ୍କ ଗୋଡ଼ ଫସିଯାଇଥିଲା। ଉଭୟ ବୁଡ଼ିଯାଉଥିବା ବେଳେ ତାଙ୍କ ଚିତ୍କାର ଶୁଣି କକା ମହମ୍ମଦ ସାହିଦ ତାଙ୍କୁ ଉଦ୍ଧାର କରିବାକୁ ପାଣି ଭିତରକୁ ଯାଇଥିଲେ। ତେବେ ସେ ମଧ୍ୟ ଚୋରାବାଲିରେ ଫସି ନିଖୋଜ ହୋଇଯାଇଛନ୍ତି। ସଦର ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରୁଛନ୍ତି। ମାତ୍ର ବର୍ତ୍ତମାନ ସୁଦ୍ଧା କାହାରି ସନ୍ଧାନ ମିଳିନାହିଁ। ପୂର୍ବରୁ ମଧ୍ୟ ସେହି ସ୍ଥାନରେ ଏପରି ଅନେକ ଘଟଣା ଘଟିଛି। ଘଟଣାସ୍ଥଳରେ ଆମ ଓଡ଼ିଶା, ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ ସିଂହ ପହଞ୍ଚିଛନ୍ତି।

# ବଢ଼ିବ ସମବାୟ ସଂସ୍ଥାର ଋଣ ପ୍ରଦାନ କ୍ଷମତା

**ଭୁବନେଶ୍ୱର, ୯ ।୩(ସମିସ):** କୃଷକମାନଙ୍କର ସଶକ୍ତିକରଣ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରି ଆସୁଛନ୍ତି ରାଜ୍ୟ ସରକାର। ବିଶେଷକରି ରାଜ୍ୟ ସରକାର କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷକମାନଙ୍କର ସ୍ୱଳ୍ପକାଳୀନ ଋଣ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଏକାଧିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହିକ୍ରମରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସମବାୟ ଋଣ ସଂସ୍ଥାଗୁଡ଼ିକର ଋଣ ପ୍ରଦାନ କ୍ଷମତା ବୃଦ୍ଧି କରିବା ସହ ସମବାୟ ଋଣ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତିର ଆଧାର ବୃଦ୍ଧି କରିବା ପାଇଁ ୨୦୨୩-୨୪ରୁ ୨୦୨୭-୨୮ ଯାଏଁ ୫ ବର୍ଷ ପର୍ଯ୍ୟନ୍ତ ସରକାର ନିଜସ୍ୱ ଯୋଜନା 'ସମବାୟ ଋଣ ସଂସ୍ଥାଗୁଡ଼ିକୁ ସେୟାର ପୁଞ୍ଜି ବିନିଯୋଗ' କାର୍ଯ୍ୟକାରୀ କରିବେ। ଏଥିପାଇଁ ୯୫୦ କୋଟି ଟଙ୍କାର ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଆଜି ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହାଦ୍ୱାରା କୃଷକମାନଙ୍କୁ ଅଧିକରୁ ଅଧିକ ଋଣ ପ୍ରଦାନ କରାଯାଇପାରିବ ବୋଲି ଆଶା କରାଯାଉଛି।

ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଥିବା ସମସ୍ତ କୃଷି ସମବାୟ ସଂସ୍ଥା ଶୀର୍ଷ ସଂସ୍ଥାମାନଙ୍କଠାରୁ ଅଧିକରୁ ଅଧିକ ଋଣ ଆଣି କୃଷି କାର୍ଯ୍ୟ ପାଇଁ ଋଣ ଦେଇ ପାରିବେ। ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧି ହେବାରେ ଏହା ନିଶ୍ଚିତ ରୂପେ ସହାୟକ ହେବ ବୋଲି ଆଶା କରାଯାଉଛି। ରାଜ୍ୟରେ ଥିବା ଅନ୍ୟ ସମସ୍ତ ବ୍ୟାଙ୍କଗୁଡ଼ିକ ଜମା ସଂଗ୍ରହରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବବା ବେଳେ କୃଷି କ୍ଷେତ୍ରରେ ଋଣ ଲଗାଇବା ପାଇଁ ପଛଘୁଞ୍ଚା ଦେଇଥା'ନ୍ତି। କାରଣ କୃଷି ଋଣ ଆଦାୟ ଅନେକ ଅନିଶ୍ଚିତତା ଉପରେ ନିର୍ଭରଶୀଳ ଏବଂ ଏହାର ଏନ୍‌ପିଏ ହେବାର ଆଶଙ୍କା ଅଧିକ ରହିଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜସ୍ୱ ସମବାୟ ଅନୁଷ୍ଠାନ ଏବଂ ସମବାୟ ବ୍ୟାଙ୍କକୁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ସର୍ବଦା ଚେଷ୍ଟିତ ଅଛନ୍ତି। ଉକ୍ତ ଯୋଜନା ଦ୍ୱାରା ସମବାୟ ଅନୁଷ୍ଠାନମାନେ ଅଧିକ କୃଷି ଋଣ ଲଗାଣ ପାଇଁ ସକ୍ଷମ ହୋଇପାରିବେ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

**ଆସନ୍ତା ୫ ବର୍ଷ ଯାଏ କାର୍ଯ୍ୟକାରୀ ହେବ ସରକାରଙ୍କ ନିଜସ୍ୱ ଯୋଜନା**

**ଜାରି ରହିବ ସମବାୟ ଋଣ ସଂସ୍ଥାଗୁଡ଼ିକୁ ଅଂଶଧନ ପୁଞ୍ଜି ବିନିଯୋଗ**

**ବିନିଯୋଗ ହେବ ୯୫୦ କୋଟି, କୃଷକଙ୍କୁ ଦିଆଯାଇପାରିବ ଅଧିକ ଋଣ**

ଉଲ୍ଲେଖଯୋଗ୍ୟ ଯେ ନାବାର୍ଡ ଦ୍ୱାରା ଜାତୀୟ ଗ୍ରାମୀଣ ଋଣ-ଦୀର୍ଘକାଳୀନ ପରିଚାଳନା ପାଣ୍ଠି ଯୋଜନା ଅଧୀନରେ ସେୟାର ପୁଞ୍ଜି ନିବେଶ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଓସିଏସ୍ ଅଧିନିୟମ ୧୯୬୨ ଧାରା ୪୧(୧) ଅନୁଯାୟୀ ରାଜ୍ୟ ସରକାର ସେ।ଇଟିର ପେଡ୍ ଅପ୍ ସେୟାର କ୍ୟାପିଟାଲର ସର୍ବାଧିକ ୨୫ ପ୍ରତିଶତ ନିବେଶ କରିପାରିବେ। କିଷାନ କ୍ରେଡିଟ କାର୍ଡ ଯୋଜନା ଅଧୀନରେ ରାଜ୍ୟର ସମସ୍ତ କୃଷକ ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରୀ ନୀତିକୁ ଦୃଷ୍ଟିରେ ରଖି ପାକ୍ସ, ଲାମ୍ପସ୍ ଏବଂ ଡିସିବିସିର ଆର୍ଥିକ ସ୍ଥିତିକୁ ମଜଭୁତ କରି ଅନ୍ୟାନ୍ୟ ଶୀର୍ଷ ଆର୍ଥିକ ସଂସ୍ଥାମାନଙ୍କଠାରୁ ପର୍ଯ୍ୟାପ୍ତ ଋଣ ଉଠାଇ କୃଷକମାନଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କୃଷକମାନଙ୍କର ଋଣ ଆବଶ୍ୟକତା ମେଣ୍ଟାଯାଇପାରିବ ବୋଲି ଆଶା କରାଯାଉଛି।

# ବିଜୁ ପଟ୍ଟନାୟକ ଏଭିଏସନ୍ ସେଣ୍ଟର ପାଇଁ ୫୬୨ କୋଟି ମଞ୍ଜୁର

**ଭୁବନେଶ୍ୱର, ୯।୩(ସମିସ):** ଓଡ଼ିଶାରେ ଦକ୍ଷ ପାଇଲଟ୍ ସୃଷ୍ଟି କରିବା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଢେଙ୍କାନାଳର ବୀରାଶାଳଠାରେ ବିଜୁ ପଟ୍ଟନାୟକ ଏଭିଏସନ୍ ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ କ୍ୟାବିନେଟ୍ ଆଜି ୫୬୨ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏଠାରେ ବାର୍ଷିକ ହାରାହାରି ୫୦୦ ଜଣ ପାଇଲଟ୍‌ଙ୍କୁ ତାଲିମ ଦେବା ଏବଂ ବିମାନ ଚଳାଚଳ ବିକାଶରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ଏହାର ମୂଳ ଉଦ୍ଦେଶ୍ୟ।

ରାଜ୍ୟର ବେସାମରିକ ବିମାନ ଚଳାଚଳ ନୀତି-୨୦୨୨ ଅନୁଯାୟୀ ଗଭର୍ଣ୍ଣମେଣ୍ଟ ଏଭିଏସନ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଗତି) ର ଏହି ପ୍ରସ୍ତାବିତ ନବୀକରଣ ଆଗାମୀ ବର୍ଷରେ ବିମାନ ଚଳାଚଳ କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା, ବିମାନ ଚଳାଚଳ କ୍ଷେତ୍ରରେ ଏକ ପ୍ରମୁଖ ରାଜ୍ୟ ଭାବେ ସମଗ୍ର ଦେଶରେ ପରିଗଣିତ ହେବ। ଏହି ପ୍ରକଳ୍ପ ଦେଶର ବିମାନ ଚଳାଚଳ କ୍ଷେତ୍ରରେ ସମ୍ପୂର୍ଣ୍ଣ ଦୃଶ୍ୟପଟ ପରିବର୍ତ୍ତନ କରିବାରେ ସମର୍ଥ ହେବ। ଭାରତରେ ବିମାନ ଚଳାଚଳ କ୍ଷେତ୍ରର ବିକାଶ ହେତୁ ନାମୀଦାମୀ ବିମାନ ଚଳାଚଳ ସଂସ୍ଥାମାନେ ଅଧିକ ସଂଖ୍ୟକ ବିମାନ କିଣିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି। ଭାରତରେ ପାଇଲଟ୍ ସଂଖ୍ୟା ବହୁତ କମ୍ ଥିବା ବେଳେ ଆଗାମୀ ୨୦ ବର୍ଷ ମଧ୍ୟରେ ପାଇଲଟ୍‌ଙ୍କ ଚାହିଦା ପୂରଣ ପାଇଁ ୨ ହଜାର ପାଇଲଟ୍‌ଙ୍କ ଆବଶ୍ୟକତା ଦେଖାଦେବ। ତେବେ ବିଜୁ ପଟ୍ଟନାୟକ ଏଭିଏସନ୍ ସେଣ୍ଟର ବର୍ଷକୁ ୫୦୦ ନୂଆ ପାଇଲଟ୍ ସହିତ ଏହି ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ ବୋଲି କୁହାଯାଇଛି। ଏହି କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ଅର୍ଥନୀତି ଅଭିବୃଦ୍ଧିରେ ଯଥେଷ୍ଟ ସହାୟକ ହେବ।


**AFFIDAVIT**

I, Dinesh Lath, S/o-Jai Prakash Lath, resident of Flat No-A2, Friends Villa, Ward No-18, Near Bhatli Chowk, Ps -Baragarh town, Dist-Baragarh, Pin-768028, Odisha declare by this affidavit No.5532, dated 09/03/2024, that now onwards I Shall be known as **DINESH KUMAR LATH** for all future purposes.

**AFFIDAVIT**

I, Jayprakash Lath, S/o - Late Laxmi Narayan Lath, Resident of Sri Hari Nagar, Gudesira, Ps- Baragarh Sadar, Dist- Baragarh, Pin-768038, Odisha declare by this affidavit No.5531, dated- 09/03/2024, that now onwards I shall be known as **JAI PRAKASH LATH** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nayagarh, dated-11/03/2024. I, Laxmipriya Ghadei, D/o-Santosh Ghadei, At- Harijana Sahi, Chandi Basta, Post: Similisahi, PS: Nayagarh, Dist: Nayagarh declared that I have changed my date of birth from **05/12/2002 to 15/10/2002.** Henceforth, my date of birth will be **15/10/2002** for all purposes.

**LAXMIPRIYA GHADEI**

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit sworn before the Executive Magistrate, Panposh, Rourkela on dtd. 01.03.2024, I, Firender Badaik, S/o. Ganesh Chick, residing at Qrs. No. D/75, Sector-14, Rourkela-9, P.S.-Sector-15, Dist.-Sundergarh, Odisha, have changed my minor son's name from Ronit Chick to Ronit Badaik. Henceforth, he shall be known, called and identified as **Ronit Badaik** for all purposes.

**FIRENDER BADAIK**

**AFFIDAVIT**

By virtue of an affidavit sworn before the Executive Magistrate, Kendrapara, I Promodini Nayak D/o Paban Behura, W/o Suryakanta Nayak residing at Hatasahi, Po: Hatasahi Kacheri, Ps: Rajkanika, Dist : Kendrapara declare that in some documents my name has been mentioned as Trupti Sahu instead of Promodini Nayak. By this affidavit no: 939, Dated 07.03.2024, both the name Promodini Nayak & Trupti Sahu is same & one person i.e; me. Henceforth I shall be known as **PROMODINI NAYAK** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated-11/03/2024. I, Kartik Naik, S/o-Jagabandhu Naik, At-Bhagabati Basti, Road No.8, Unit-IX, Post: Bhoi Nagar, PS: Kharvel Nagar, Bhubaneswar, Dist-Khordha declared that I have changed my surname from **Nayak To Naik**. Henceforth, I shall be known as **KARTIK NAIK** for all purposes.

**KARTIK NAIK**


# ଅବଶିଷ୍ଟାଂଶ...

## ଦରମା ହାରରେ...

ସେହିପରି ବ୍ଲକଗ୍ରାଣ୍ଟ କର୍ମଚାରୀମାନଙ୍କୁ ଏକକାଳୀନ ବିଚ୍ଛେଦକାଳୀନ ସୁବିଧା ସମ୍ପ୍ରସାରଣ ପାଇଁ ଆଜି ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଆଜି ରାଜ୍ୟ କ୍ୟାବିନେଟ ଆଗରେ ଉପସ୍ଥାପନ କରାଯାଇଥିଲା। ଏହାକୁ ଯତ୍ନର ସହ ବିଚାର ପରେ କ୍ୟାବିନେଟ ଶିକ୍ଷକ କର୍ମଚାରୀମାନଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ଅଣ ଶିକ୍ଷକ କର୍ମଚାରୀମାନଙ୍କୁ ୫ ଲକ୍ଷ ଟଙ୍କା ଏକକାଳୀନ ବିଚ୍ଛେଦକାଳୀନ ସେବା ସୁବିଧା ପ୍ରଦାନ ପାଇଁ ଅନୁମୋଦନ ଦେଇଛି। ଉଭୟ ଅବସରପ୍ରାପ୍ତ ଏବଂ ୨୦୨୪ ପର୍ଯ୍ୟନ୍ତ ଅବସର ହେବାକୁ ଥିବା ୯୫୨ ଜଣ ଶିକ୍ଷକ ଏବଂ ୧୦୨୫ ଅଣଶିକ୍ଷକ କର୍ମଚାରୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ୧୪୯.୪୫ କୋଟି ଟଙ୍କାର ଆର୍ଥିକ ବ୍ୟୟ ବହନ କରିବେ ବୋଲି ଜଣାପଡ଼ିଛି। ସେହିପରି ଅନ୍ୟ ଏକ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାର ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ସଂସ୍କୃତ ଟୋଲର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମଧ୍ୟ ବଡ଼ ଭେଟି ପ୍ରଦାନ କରିଛନ୍ତି। ଶିକ୍ଷକମାନଙ୍କୁ ୬ ଲକ୍ଷ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ୪ ଲକ୍ଷ ଏବଂ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମଦ୍ରାସାର ଅବସର ପ୍ରାପ୍ତ ଶିକ୍ଷକମାନଙ୍କୁ ୫ ଲକ୍ଷ ଲେଖାଏଁ ଏକକାଳୀନ ଧନରାଶି ପ୍ରଦାନ ପାଇଁ ଆଜି ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଅପରପକ୍ଷେ ରାଜ୍ୟ ସରକାର କଲେଜରେ ପଢ଼ୁଥିବା ଯୁବବର୍ଗଙ୍କ ସର୍ବାଙ୍ଗୀଣ ବିକାଶକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ସମସ୍ୟାର ସମାଧାନ ପାଇଁ ସରକାର ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକାରୀ କରୁଛନ୍ତି। ଏହିକ୍ରମରେ ଆଜି ରାଜ୍ୟ କ୍ୟାବିନେଟ ନୂଆ-ଓ ଛାତ୍ରବୃତ୍ତି ଗାଇଡଲାଇନରେ ସଂଶୋଧନକୁ ଅନୁମୋଦନ ପ୍ରଦାନ କରିଛି। ସଂଶୋଧନ ଅନୁସାରେ ଏଣିକି ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଅନ୍ୟ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ଅଧିନରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ଅଣ-ବୈଷୟିକ ୟୁଜି, ପିଜି ପାଠ୍ୟକ୍ରମ ଅନୁସରଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ଛାତ୍ରବୃତ୍ତିରେ ଅନ୍ତର୍ଭୁକ୍ତ କରିବାକୁ ସରକାର ଅନୁମତି ପ୍ରଦାନ କରିବେ। ଆର୍ଥିକ ପ୍ରତିବନ୍ଧକ ହେତୁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ନହୁଅନ୍ତି ଏହାହିଁ ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି।

## ନିର୍ବାଚନ କମିସନ...

ଇସ୍ତଫା ସହିତ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ରେ ଦୁଇଟି ଇସି ପଦ ଖାଲି ରହିଛି। ଏହା ପୂର୍ବରୁ ଫେବୃଆରୀ ୧୫ରେ ଅନ୍ୟତମ ଇସି ଅନୁପ ପାଣ୍ଡେ ଅବସରଗ୍ରହଣ କରିଥିଲେ। ଏବେ କେବଳ ମୁଖ୍ୟ ନିର୍ବାଚନ (ସିଇସି) ରାଜୀବ କୁମାର କାର୍ଯ୍ୟ କରୁଛନ୍ତି। ସେ ୨୦୨୫ ଫେବୃଆରୀରେ ଅବସରଗ୍ରହଣ କରିବେ। ତେଣୁ ୨୦୨୨ରେ ଇସି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପଞ୍ଜାବ କ୍ୟାଡରର ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଶ୍ରୀଗୋୟଲ ସିଇସି ଦୌଡ଼ରେ ଆଗରେ ଥିଲେ। ୨୦୨୭ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା। ଏହା ପୂର୍ବରୁ ତାଙ୍କ ଇସ୍ତଫା ସମସ୍ତଙ୍କୁ ଚମକାଇ ଦେଇଛି। ଏ ପର୍ଯ୍ୟନ୍ତ ଏହାର କାରଣ ଜଣାପଡ଼ି ନାହିଁ।

କିଛି ଅଧିକାରୀ କହିଛନ୍ତି ଯେ ବ୍ୟକ୍ତିଗତ କାରଣ ପାଇଁ ସେ ଇସ୍ତଫା ଦେଇଛନ୍ତି। ସରକାର ତାଙ୍କୁ ଇସ୍ତଫା ନ ଦେବା ପାଇଁ ବୁଝାଇ ଥିଲେ। କିନ୍ତୁ ସେ ଏହା ଶୁଣି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଗୋୟଲଙ୍କ ଇସ୍ତଫାର ଅନ୍ୟତମ କାରଣ ହୋଇଥାଇପାରେ ବୋଲି କୁହାଯାଉଥିବାବେଳେ ଅଧିକାରୀମାନେ ଏହାକୁ ଖାରଜ କରିଦେଇଛନ୍ତି। ଏହା ପୂର୍ବରୁ ଇସି ଭାବେ ଅରୁଣ ଗୋୟଲ ନିଯୁକ୍ତିକୁ ବିରୋଧ କରି ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତାଙ୍କ ନିଯୁକ୍ତିରେ ନିୟମ ପାଳନ କରାଯାଇ ନାହିଁ ବୋଲି କୁହାଯାଇଥିଲା। ତେଣୁ ନିଯୁକ୍ତି ରଦ୍ଦ କରିବାକୁ ଦାବି କରାଯାଇଥିଲା। ଏହି ମାମଲାରେ ସୁପ୍ରିମକୋର୍ଟ ମଧ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ଆସନ୍ତା ଗୁରୁବାର କିମ୍ବା ଶୁକ୍ରବାର ଲୋକସଭା ନିର୍ବାଚନ ତାରିଖ ଘୋଷଣା ହୋଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ମାତ୍ର ଏବେ ଏହି ଘୋଷଣା ଉପରେ ସଂଶୟ ସୃଷ୍ଟି ହୋଇଛି। ସୋମବାରଠାରୁ ନିର୍ବାଚନ କମିଶନ (ଇସିଆଇ)ଙ୍କ ତିନି ଦିନିଆ ଜମ୍ମୁ-କାଶ୍ମୀର ଗସ୍ତରେ ଯିବେ। ଏହି ସମୟରେ ନିର୍ବାଚନ ପ୍ରକ୍ରିୟାର ଅନୁଧ୍ୟାନ କରିବେ। ଏହି କେନ୍ଦ୍ରଶାସିତ ଅଞ୍ଚଳରୁ ଫେରିବା ପରେ ତାରିଖ ଘୋଷଣା କରିପାରନ୍ତି। ଘୋଷଣା ଦିନଠାରୁ ହିଁ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୋଇପାରେ।

## ନବୀନଙ୍କ ଇଙ୍ଗିତ...

ସବୁଠାରୁ ଖରାପ କଥା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଉ ଏହି ଗୋଟିଏ ବାକ୍ୟ ହିଁ ସାମ୍ପ୍ରତିକ ସମୟର ରାଜ୍ୟ ରାଜନୀତି ଛବିକୁ ସ୍ପଷ୍ଟ କରିଦେଇଛି।

ଆଗକୁ ରାଜ୍ୟରେ ବିଧାନସଭା ଓ ଲୋକସଭା ନିର୍ବାଚନ ହେବାକୁ ଯାଉଛି। ଏହି ସମୟରେ ଉକ୍ତ ଭିଡିଓରେ ଥିବା ଶ୍ରୀ ପାଣ୍ଡିଆନଙ୍କ ପ୍ରଶ୍ନ ଓ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ଅନେକ ଗୁରୁତ୍ୱ ବହନ କରୁଛି। ଗତ କିଛିଦିନ ହେଲା ଆଗାମୀ ନିର୍ବାଚନରେ ବିଜେଡି ଓ ବିଜେପି ମଧ୍ୟରେ ମେଣ୍ଟ ହେବ ବୋଲି ଚର୍ଚ୍ଚା ଚାଲିଛି। ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଉଛି। ଭୁବନେଶ୍ୱରରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ମେଣ୍ଟକୁ ନେଇ ସରଗରମ୍ ଚର୍ଚ୍ଚା ଚାଲିଛି। ନୂଆଦିଲ୍ଲୀରେ ବିଜେପିର କୋର୍ କମିଟି ବୈଠକରେ ମେଣ୍ଟ ସଂକ୍ରାନ୍ତରେ ଆଲୋଚନା ହୋଇଥିବା ଦଳର ସାଂସଦ ଜୁଏଲ ଓରାମ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି ଦଳର ଅନ୍ୟ କିଛି ବରିଷ୍ଠ ନେତା ମଧ୍ୟ ଗଣମାଧ୍ୟମ ପ୍ରଶ୍ନରେ ମେଣ୍ଟ ନେଇ ପରୋକ୍ଷ ସୂଚନା ଦେଇଥିଲେ। ରାଜ୍ୟରେ ବିଜେପି ଓ ବିଜେଡି ମଧ୍ୟରେ ରାଜନୈତିକ ମେଣ୍ଟ ହେବା ନେଇ ବିଜେପିର ତୃଣମୂଳସ୍ତରର କର୍ମୀମାନେ ମଧ୍ୟ ଆଲୋଚନା କରୁଛନ୍ତି। ଏହି ସମୟରେ ଦିଲ୍ଲୀରୁ ପ୍ରତ୍ୟାବର୍ତ୍ତନ କାଳରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମେଣ୍ଟ ସଂକ୍ରାନ୍ତରେ ବୈଠକରେ କୌଣସି ଆଲୋଚନା ହୋଇ ନ ଥିବା ଟିପ୍ପଣୀ ଅନେକଙ୍କୁ ସନ୍ଦେହରେ ପକାଇଛି। ମନମୋହନ ନା ଜୁଏଲ କିଏ ମିଛ କହୁଛନ୍ତି, ତାହାକୁ ନେଇ ସାଧାରଣ ଲୋକ ଏବେ ଦ୍ୱନ୍ଦ୍ୱରେ। ମିଛ ଆବରଣ ପିନ୍ଧା ନେତାମାନଙ୍କୁ ମୁଖ୍ୟମନ୍ତ୍ରୀ କଦାପି ସହ୍ୟ କରି ପାରନ୍ତି ନାହିଁ। ରାଜ୍ୟବାସୀ ମଧ୍ୟ ସେମାନଙ୍କୁ ଉଚିତ୍ ଜବାବ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ 'ମିଛ' ଓ 'ଗୁଜବ' ଟିପ୍ପଣୀ ମନମୋହନଙ୍କ ପ୍ରତି ଉଦ୍ଦିଷ୍ଟ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ଦକ୍ଷିଣ ଏସିଆର ପ୍ରଥମ...

ସ୍ପୋର୍ଟ୍ସ ଫ୍ଲୋରିଂ ସିଷ୍ଟମ ଓ ଆର୍ଟିଫିସିଆଲ ଟର୍ଫ ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଇଟାଲୀୟ ଫାର୍ମ 'ମୋଣ୍ଡୋ ସ୍ପା' ଦ୍ୱାରା ଏହି ଇନଡୋର୍ ସେଣ୍ଟରରେ ୧୦ ହଜାର ସ୍କୋୟାର ମିଟର ଟ୍ରାକ୍ ବିଛାଯାଇଛି। ଏହାକୁ ମଧ୍ୟ ଦେଶର ପ୍ରଥମ 'ମୋଣ୍ଡୋ ଟ୍ରାକ୍' କୁହାଯାଉଛି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ସେଣ୍ଟରରେ ୧୦୦ ମିଟର, ୨୦୦ ମିଟର ଟ୍ରାକ୍ ସାଙ୍ଗକୁ ପୋଲ୍ ଭଲ୍ଟ, ସଟ୍‌ପୁଟ୍, ଲଙ୍ଗ ଜମ୍ପ୍ ଓ ଟ୍ରିପଲ ଜମ୍ପ୍ ପାଇଁ ସୁବିଧା ଉପଲବ୍ଧ ରହିଛି। ସେହିଭଳି ଅଭ୍ୟାସ ପାଇଁ ୧୧୦ ମିଟରର ଏକ ଟ୍ରାକ୍‌ର ବ୍ୟବସ୍ଥା କରାଯାଇଛି। ଏହାବାଦ୍ ସେଣ୍ଟର ପରିସରରେ ୬୦ଟି କୋଠରି ରହିଛି। ପ୍ରତି କୋଠରିରେ ୨ ଜଣ ହିସାବରେ ୧୨୦ ଜଣ କ୍ରୀଡ଼ାବିତ୍ ଏଠାରେ ରହି ଦକ୍ଷ ପ୍ରଶିକ୍ଷକଙ୍କ ଦ୍ୱାରା ପୂର୍ଣ୍ଣକାଳୀନ ପ୍ରଶିକ୍ଷଣ ନେବାଭଳି ସୁବିଧା ସୁଯୋଗ ଉପଲବ୍ଧ କରାଯାଇଛି। ଏହାବ୍ୟତୀତ ଅଧ୍ୟୟନ ଲାଗି ୨ଟି କ୍ଲାସରୁମ, ପ୍ରାଥମିକ ଚିକିତ୍ସା କକ୍ଷ, ମସାଜ କକ୍ଷ, ଆନ୍ଥ୍ରୋମୋମେଟିକ ଲ୍ୟାବ, ପରାମର୍ଶ କକ୍ଷ, ଫିଜିଓଥେରାପି କକ୍ଷ, ଅତ୍ୟାଧୁନିକ ବ୍ୟାୟାମଶାଳା, ବହୁଉପଯୋଗୀ ହଲ୍, ପ୍ରଶିକ୍ଷକ ଓ ରେଫରି କକ୍ଷ, ଭୋଜନାଳୟ, ମିଡିଆ ବକ୍ସ ଆଦି ସୁବିଧା ରହିଛି। ସେହିଭଳି ୨ ହଜାର ଦର୍ଶକ ବସି ଖେଳ ଉପଭୋଗ କରିବା ଭଳି ଗ୍ୟାଲେରୀ ପ୍ରସ୍ତୁତ ହୋଇଛି।

ଭାରତୀୟଆଥ୍‌ଲେଟିକ ମହାସଂଘର ସଭାପତି ଆଦିଲ ସୁମରିୱାଲା, ଭାରତୀୟ ସୁଇମିଂ ମହାସଂଘର ସମ୍ପାଦକ ମୋନାଲ ଚୋକସୀ, କ୍ରୀଡ଼ା ସଚିବ ଆର୍ ଭିନୀଲ କ୍ରିଷ୍ଣା, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ନାଲକୋ ସିଏମ୍‌ଡି ଶ୍ରୀଧର ପାତ୍ର, ରିଲାଏନ୍ସ ଫାଉଣ୍ଡେସନର ଡିରେକ୍ଟର ଆଶିଷ ଚକ୍ରବର୍ତ୍ତୀ, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସର ସିଇଓ ମୁସ୍ତଫା ଘୋଷ, କ୍ରୀଡ଼ା ସଂଗଠକ ଆଶୀର୍ବାଦ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ୧୭ ପ୍ରସ୍ତାବକୁ...

ଧାର୍ଯ୍ୟ ହାରରେ ପାଇବେ। ସେହିପରି ରାଜ୍ୟ କ୍ୟାବିନେଟ ଆଜି ଓଡ଼ିଶା ସୂଚନା ସେବା ସମ୍ବର୍ଗର ପୁନର୍ବିନ୍ୟାସ କରିଛନ୍ତି। ଏହି ପୁନର୍ବିନ୍ୟାସ ଦ୍ୱାରା ସମ୍ବର୍ଗରେ ୬୧ଟି ନୂଆ ପଦବୀ ସୃଷ୍ଟି ସହ ୪ ଗୋଟି ପଦବୀ ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଓଡ଼ିଶା ହସ୍ତଶିଳ୍ପ ସେବା(ଓଏଚ୍ଏସ) କ୍ୟାଡର ଏବଂ ଓଡ଼ିଶା ଅଧସ୍ତନ ହସ୍ତଶିଳ୍ପ ସେବା(ଓଏସଏଚଏସ) କ୍ୟାଡରର ପୁନର୍ବିନ୍ୟାସ ପ୍ରସ୍ତାବକୁ ମଧ୍ୟ ରାଜ୍ୟ କ୍ୟାବିନେଟ ମୋହର ମାରିଛି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ରାଜସ୍ୱ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ପାରିତ ହୋଇଥିବା ବିଭିନ୍ନ ବିଭାଗର ୧୭ ଟି ପ୍ରସ୍ତାବ ଓ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଆଜିର କ୍ୟାବିନେଟ ବୈଠକ ସମ୍ପର୍କିତ ପ୍ରେସ ବିବୃତ୍ତିରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଆଶ୍ୱତୀ ଏସ୍, ଉଚ୍ଚ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ମଧ୍ୟ ଉପସ୍ଥିତ ରହି ବିଭାଗୀୟ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଜନତାଙ୍କ ଇଚ୍ଛା...

କିମ୍ବା ଛୋଟ ହୋଇନଥାଏ। ଲୋକଙ୍କ ବୃହତ୍ତର ସ୍ୱାର୍ଥସାଧନ ପାଇଁ ପ୍ରତ୍ୟେକ କାର୍ଯ୍ୟରେ କିଛି ନା କିଛି ବିଶେଷତ୍ୱ ରହିଛି। ଆପଣମାନେ ମନେ ରଖନ୍ତୁ ଯେ ଲୋକଙ୍କ ଅର୍ଥରୁ ଆମକୁ ଦରମା ମିଳୁଛି ଏବଂ ଆମେ ସେମାନଙ୍କ ସେବା ପାଇଁ ଏଠାରେ ଅଛୁ। ଆସନ୍ତୁ ଆମେ ସମସ୍ତେ ମିଳି ମିଶି ଏକ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଢ଼ିବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ।

ଆଜି ସମୁଦାୟ ୧୨୯୪ଜଣ ବିଭିନ୍ନ ବିଭାଗରେ ଯୋଗ ଦେଇଛନ୍ତି। ୧୬୦ଜଣ ପ୍ରତିଭାବାନ୍ କ୍ରୀଡ଼ାବିତ୍ ୫ଟି ବିଭାଗରେ ଯୋଗ ଦେଇଛନ୍ତି। ଏହି କ୍ରୀଡ଼ାବିତ୍‌ମାନେ ଇସ୍ପାତ ଓ ଖଣି ବିଭାଗ, ରାଜସ୍ୱ, ଉଚ୍ଚ ଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଗୃହ ବିଭାଗରେ ନିଯୁକ୍ତି ପାଇଛନ୍ତି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୭୨୫, ଅର୍ଥ ବିଭାଗରେ ୨୮୦ ଜଣ ଏବଂ ୧୨୯ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିଯୁକ୍ତି ପାଇଛନ୍ତି। ଏହି ଅବସରରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶାରେ ବିକାଶ ଓ ରୂପାନ୍ତରଣର ନୂଆ ଧାରା ସୃଷ୍ଟି ହୋଇଛି। କ୍ରୀଡ଼ା, ଶିଳ୍ପ, ପୁଞ୍ଜି ବିନିଯୋଗ, ସବୁ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ବିବେଚିତ ହୋଇଛି। ଓଡ଼ିଶାର ଏହି ରୂପାନ୍ତରଣ ଯାତ୍ରାରେ ନବ ନିଯୁକ୍ତ ଅଧିକାରୀମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସେମାନେ ପ୍ରକାଶ କରିଥିଲେ। କାର୍ଯ୍ୟମରେ ଦୁଇ ନବନିଯୁକ୍ତ ଅଧିକାରୀ ଲିପ୍ସା ମହାନ୍ତି ଓ ଅଙ୍କୁର ମଜୁମଦାର କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ କରିବା ଶୈଳୀ, ଜନସେବା ପ୍ରତି ତାଙ୍କର ଅଙ୍ଗୀକାରବଦ୍ଧତା ଆମକୁ ପ୍ରେରଣା ଦେଇଛି। ସରକାରୀ ସ୍ତରରେ ମାନବସମ୍ବଳ ଅଭାବ ଦୂର ପାଇଁ ମୁଖ୍ୟମନ୍ତ୍ରୀ କ୍ରମାଗତ ଭାବେ ପଦକ୍ଷେପ ନେଉଥିବାରୁ ଆଜି ଆମେ ସରକାରୀ ସେବାରେ ଯୋଗଦେବାର ସୁଯୋଗ ପାଇଛୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ଶୁଭାରମ୍ଭ...

ସବୁ ସହରରେ 'ମୋ ବସ୍' ସେବା ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ ଯେ ଉଭୟ ସହରରେ ଆଜି ୧୫ଟି ଲେଖାଏଁ ବସ୍ ଚଳାଚଳ ପାଇଁ ସୁବିଧା କରାଯାଇଛି। ସମ୍ବଲପୁର ସହରରେ ସମ୍ବଲପୁର-ବୁର୍ଲା-ହୀରାକୁଦ ମଧ୍ୟରେ ଏହି ବସ୍ ଚଳାଚଳ କରିବ। ସେହିଭଳି ବ୍ରହ୍ମପୁର ସହରରେ ଏମ୍‌କେସିଜି ମେଡିକାଲ କଲେଜ-ଇଂଜିନିୟରିଂ ସ୍କୁଲ-ରେଲୱେ ଷ୍ଟେସନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏହି ବସ୍ ଚଳାଚଳ କରିବ। ସମ୍ବଲପୁରରେ ବିଧାୟକ ରୋହିତ ପୂଜାରୀ ଯୋଗଦେଇ କହିଲେ ଯେ ଗ୍ରାମାଞ୍ଚଳରେ ଲକ୍ଷ୍ମୀ ବସ୍ ଭଳି 'ମୋ ବସ୍' ସେବା ନିଶ୍ଚିତ ଭାବେ ସହରାଞ୍ଚଳ ଗମନାଗମନ ବ୍ୟବସ୍ଥାରେ ସୁବିଧା ଆଣିବ। ଆଜି ବିକାଶର ଧାରା ସମ୍ବଲପୁର ଜିଲ୍ଲାରେ ଜାରି ରହିଛି। ଏଥିପାଇଁ ଜିଲ୍ଲାବାସୀ ବହୁତ ଖୁସି। ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ସେ ଧନ୍ୟବାଦ ଜଣାଇଥିଲେ।

ସେହିଭଳି ବ୍ରହ୍ମପୁରରେ ବିଧାୟକ ବିକ୍ରମ ପଣ୍ଡା କହିଲେ ଯେ ବ୍ରହ୍ମପୁର ସହରରେ ପିଇବା ପାଣି ଠାରୁ ଆରମ୍ଭ କରି ଗମନାଗମନ ପାଇଁ 'ମୋ ବସ୍' ପର୍ଯ୍ୟନ୍ତ ସମସ୍ତ ସୁବିଧା ମୁଖ୍ୟମନ୍ତ୍ରୀ ସହରବାସୀଙ୍କୁ ଯୋଗାଇ ଦେଇଛନ୍ତି। ସମାଜର ସମସ୍ତ ବର୍ଗର ଲୋକଙ୍କ କଲ୍ୟାଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଚିନ୍ତା ରହିଛି। ଏହି ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁ ମୁଖ୍ୟମନ୍ତ୍ରୀ ଆଜି ବିଶ୍ୱ ଦରବାରରେ ଓଡିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥି ଭାଥାନନ୍ ଉପସ୍ଥିତ ଥିଲେ। ସମ୍ବଲପୁରଠାରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ସ୍ୱାଗତ ଭାଷଣ ଦେଇଥିଲେ।

## କନ୍ଧମାଳରେ...

ସୁଦର୍ଶନ କହଁରଙ୍କୁ ଖବର ଦେଇଥିଲେ। ସରପଞ୍ଚ ପୁଲିସକୁ ଏ ନେଇ ସୂଚନା ଦେଇଥିଲେ। ଅତ୍ୟନ୍ତ ଦୁର୍ଗମ ତଥା ମାଓ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ପୁଲିସ ସେଠାକୁ ଯାଇ ପାରି ନଥିଲା। ଶନିବାର ସକାଳେ ଗ୍ରାମବାସୀ ଦୁଇଟି ଖଟିଆରେ ସେମାନଙ୍କ ମୃତଦେହକୁ ବୋହି ବାଘ ନଦୀ ପାର୍ ହୋଇ ପ୍ରାୟ ୫ କିମି ଦୂର ବଦାପାଜୁ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ସ୍ଥାନୀୟ ପୁଲିସ, ଏସ୍‌ଓଜି ଏବଂ ଡିଭିଏଫ୍ ବାହିନୀର ସହାୟତାରେ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ଗୋଚ୍ଛାପଡ଼ା ଥାନାକୁ ଅଣାଯାଇଥିଲା। ପରେ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା। ଡାହିରା ୨୦୧୨ରେ ୱାର୍ଡସଭ୍ୟ ଥିବା ବେଳେ ତାଙ୍କ ସ୍ତ୍ରୀ ବତାସୀ ମଧ୍ୟ ୨୦୧୭ରେ ୱାର୍ଡସଭ୍ୟ ଥିଲେ। ତେବେ ସେମାନଙ୍କୁ କିଏ ଓ କାହିଁକି ହତ୍ୟା କରିଛି, ତାହା ଜଣାପଡ଼ିନାହିଁ।

ସୂଚନାଯୋଗ୍ୟ, ପୂର୍ବରୁ ଡାହିରା ଗୁଣି ଗାରେଡ଼ିରେ ଲିପ୍ତ ଥିବା ଅଭିଯୋଗ ରହିଥିଲା। ଏନେଇ ଗ୍ରାମରେ ଗତ ମାସରେ ବୈଠକ ବସିଥିଲା। ମୃତ ଡାହିରାଙ୍କୁ ୮ ହଜାର ଟଙ୍କା ଜରିମାନା କରାଯାଇଥିଲା। ମୃତକଙ୍କ ପୁଅ ଅଙ୍ଗଦ କହଁର ଗୋଚ୍ଛାପଡ଼ା ଥାନାରେ ଲିଖିତ ଅଭିଯୋଗ ଦେଇ ଗୁଣିଗାରେଡ଼ିକୁ କେନ୍ଦ୍ର କରି କିଛି ଗ୍ରାମବାସୀ ବାପା-ମା'ଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଏତଲା ଆଧାରରେ ଗୋଚ୍ଛାପଡ଼ା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଗୋଚ୍ଛାପଡ଼ା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା କହିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ମାଓ ସମ୍ପୃକ୍ତି ନାହିଁ ବୋଲି ଏକ ପ୍ରେସ୍ ବିବୃତି ଜରିଆରେ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ପ୍ରକାଶ କରିଛନ୍ତି। ଏ ନେଇ ହେଉଥିବା ଗୁଜବକୁ ବିଶ୍ୱାସ ନ କରିବା ପାଇଁ ସେ ନିବେଦନ କରିଛନ୍ତି ଏସ୍‌ପି। ଲୁଇସିଂ ସରପଞ୍ଚ ସୁଦର୍ଶନ କହଁର ହରିଶ୍ଚନ୍ଦ୍ର ଯୋଜନାରୁ ମୃତକଙ୍କ ପରିବାରକୁ ୬ ହଜାର ଟଙ୍କା ପ୍ରଦାନ କରିଛନ୍ତି।

# ଗନ୍ଧ



ମୋନାଲିସା ମିଶ୍ର

ଚାଉଳ, ନଡ଼ିଆ, ପରିବାପତ୍ରରେ ଭରା ଚାରିଟି ଅଖା ଆଉ ଦୁଇଟି କଦଳୀ କାନ୍ଧି ବୋଝକୁ ବସ୍‌ରୁ ଉତାରି ଅଟୋରେ ଲଦି ନିଜେ ବସିଗଲା ପରେ ଗୋଟେ ଉଶ୍ୱାସିଆ ନିଃଶ୍ୱାସ ମାରିଲା ନାରଣ। ଦି ଘଣ୍ଟା କାଳ ବସ୍‌ରେ ଠିଆ ହେଇ ହେଇ ଅଣ୍ଟାଟା କଁ -କଁ କରୁଛି। ପାଣି ଟିକିଏ ପିଇବ ବୋଲି କାନ୍ଧ ଓହଳା ବ୍ୟାଗ୍ ଖୋଲି ବୋତଲ ଖୋଜିଲା ବେଳକୁ ଦେଖିଲା ଉପରେ ଉପରେ ଅଣ୍ଟାବଥା ମଲମଟିଏ ଅଛି। ବାଃରେ ! ମୋର ଯତନୀ ଘରଣୀ... ଏତେ ରାଗରସମି ଦେଖେଇ ଘରୁ ବାହାରିଲେ ମଧ ଔଷଧ, ପାଣି ବୋତଲ, ପାନବଟା କିଛି ରଖିବାକୁ ଭୁଲିନି! ଧେଃତ୍! ଅଯଥାରେ ଆଜି ସକାଳୁ ସକାଳୁ କୁସୁମୀଟା ଉପରେ ରାଗ ହେଇଗଲା।

ସତରେ, ଝିଅ ପରେ ଆଉ ଗୋଟେ ଝିଅ ହେଲା ପରଠୁ କୁସୁମୀ ବୋଧେ ଟିକେ ଲୋଭୀ ହେଇଯାଇଛି। ନହେଲେ ଦେଖୁନ! ତୋର ଅଧିକା ନଡ଼ିଆ ପୁଞ୍ଜେ ରଖିଦେବା କ'ଣ ଦରକାର! ଆମ ଭାଗ ଯେତିକି, ଆମେ ସେତିକି ନେବା, ସାଆନ୍ତଙ୍କ ଧନରେ ଆମେ କାଇଁକି ଆଖି ପକେଇବା! ଦଇବ ସହିବ! ସକାଳୁ ସକାଳୁ ଅଧିକା ନଡ଼ିଆ ପୁଞ୍ଜେକୁ କୁସୁମୀ ଲୁଚେଇ ଦେଇଥିବା ଜାଣି ରାଗରେ ତା' କାନ କ'ଣ ଆଖିରୁ ବି ଧୂଆଁ ବାହାରିଲା ପରି ଲାଗିଲା। ସେଇ ଦାଣ୍ଡବାରଣ୍ଡାରେ ହିଁ ଛାଡ଼ିଲା ରଡ଼ି।

ଆଲୋ...ମତେ ଗନ୍ଧମଡ଼ାଟେ କରି ଉପରବାଲା ପାଖକୁ ପଠେଇବୁ କି ତୁ? କେତେଥର କହିଲିଣି ଆମର ଯେତିକି ଭାଗ ସେତିକି। ଟିକେ ହେର୍‌ଫେର୍ ହବନି। ଯାହା ହେଲେ ଉପରବାଲାକୁ ମୁହଁ ଦେଖେଇବାକୁ ଅଛି କି ନାହିଁ! ମଲା ପରେ ଯଦି କିଏ କହିବ ଆରେ ଇଏ ଠକଟେ ଥିଲାରେ! ଚୋରି କରୁଥିଲାରେ.. ତେବେ ଜାଣ ସେ ମଡ଼ା ଗନ୍ଧମଡ଼ା, ସେଠି ଉପରେ ଯାଇ ପଚିବ ଆଉ କ'ଣ ଭଲ ଜୀବନ ପାଇବ!

ଏତିକି କଥାକୁ ଝିଅରଙ୍କୁଣୀ କୁସୁମୀ ବୁଝୁନି। ତେବେ ଆସିଛି ତ ଏଇ ଟାଉନୁ ବଜାରରୁ କୁସୁମୀ ପାଇଁ ଗୋଟେ ଶାଢ଼ି କିଣି ନେବି ଆଉ ବୁଝେଇ ଦେବି ଯେ, ଆମ ଭାଗ ଯେତିକି, ସେତିକି ନବା, ଲୋଭ କଲେ ନର୍କକୁ ଯିବୁ ଲୋ।

ନିଜ ମନେମନେ ଏମିତି କଥା ହଉହଉ ସାନବାବୁ କ୍ୱାର୍ଟରଟି ପାର୍ ହେଇଯାଉଥିଲା, ଅଟୋକୁ, ଆରେ ରହ ରହ କହି ଅଟକେଇଲା ପରେ ଟିକେ ଦୋଦୋ ପାଞ୍ଚ ହେଇ ସେ ଏପଟ ସେପଟକୁ ଚାହିଁଲା। ଏଇଟା ସାନବାବୁଙ୍କ ଘର କି ନାହିଁ ବା!

ଏ ଟାଉନୁମାନଙ୍କରେ ନିତି ନୂଆ ନୂଆ ଘର, ନୂଆ ନୂଆ ଦୋକାନ ହଉଥିଲା ବେଳେ ସେ ଘର ଚିହ୍ନିବା ପାଇଁ ବରଗଛଟିଏକୁ ଚିହ୍ନ କରିଥାଏ। ହଁ, ଡାହାଣ ପଟେ ବରଗଛଟି ତ ଅଛି ଆଉ ସେଇ ବରଗଛରେ ନାଲିପତାକା ବି ବନ୍ଧା ହେଇଛି, ତା' ତଳେ ଠିଆ ହେଇଛି ସେଇ ଦହିବରା ଆଳୁଦମ୍ ବିକାଳି, ଯିଏ ଖରା ନାଇଁ ନା ଶୀତ ନାଇଁ ସବୁବେଳେ ମୁଣ୍ଡରେ ନାଲି ଗାମୁଛାଟିଏକୁ ପଗଡ଼ି ପରି ବାନ୍ଧିଥାଏ। ଏଁ...! ଆଜି କ'ଣ ତାକୁ ଦେଖି ହସିଲାଣି! କେବେ ତ ମୁହଁ ଉଠେଇକି ଚାହେଁ ହିଁ ନାହିଁ।

ହଁ, ଏଇଟା ହିଁ ତ ସାନବାବୁଙ୍କ ଘର। କିନ୍ତୁ ଏ ଘର ବାରଣ୍ଡା ଆଗରେ ଏତେ ଜିନିଷପତ୍ର ଛିନ୍‌ଛତ୍ର ହେଇ ପଡ଼ିଛି କ'ଣ! କ'ଣ ସାନବାବୁ ଘର ବଦଳ କରୁଛନ୍ତି କି! ତେବେ କହିଲେନି! ସିଏ ଆସି କାମରେ ସାହାଯ୍ୟ କରିଦେଇଥାନ୍ତା! ନାରଣ ଚାରୋଟିଯାକ ଅଖା, ବେଗ୍‌ପତର ଧରି ଧୀରେ ଧୀରେ ବାରଣ୍ଡା ଡେଇଁ ଘର ଭିତରକୁ ଉଣ୍ଡିଲା ତ ଆହୁରି ଆଶ୍ଚର୍ଯ୍ୟ ହେଇଗଲା।

-ଇଏ ମାହାପୁରୁ! ସୋଫାର ଗଦି ତକିଆଠୁ ବାଲ୍‌ଟି, ମଗ୍ ଯାଏଁ ସବୁ କ'ଣ ଏମିତି ତଳେ ଗଡୁଛି! ଭିତର ଶୋଇବା ଘର ଆଲ୍‌ମୀରା ବି ଖୋଲା! କୁଆଡ଼େ ଗଲେ ସାନବାବୁ ଆଉ ମା? ହେଇ! ଚୋର ପଶିଲା କି!

ସେ ଗୋଟେ ବଡ଼ ପାଟି କରିବା ଆଗରୁ ତାକୁ ପଛରୁ କିଏ ଜଣେ ଟାଣି ଧରିଲେ। ହାଁ! କିଏ ଜଣେ ପୋଲିସ୍ ଅଫିସରିଆ ବାବୁ ଭଳିଆ ତ ଲାଗୁଛନ୍ତି!

-ତମେ କିଏ?

କାନ୍ଧ ହଲେଇ ଦି ପାଦ ପଛକୁ ଘୁଞ୍ଚିଗଲା ନାରଣ। ମନେ ମନେ ଗରଗର ହେଇ କହିଲା ତୁ କିଏ ମ! ଓଲୁଅମୁହାଁ! ମତେ ପଚାରିବୁ ତ...ମେ କି...ଏ! ଆରେ ତାଙ୍କ ବାପ ଗୋସେଇଁ ବାପ ଅମଳର ଲୋକ ଆମେ, ଶଃ! ନିଜେ ପଶିଛି ଏଣ୍ଡୁଅ ପରି ଘରେ ଆଉ ମତେ ପଚାରୁଛି...

ନାରଣ କିଛି କହିବା ଆଗରୁ ସେଇ ଅଫିସର ବାବୁ ପାଖକୁ ଆସି ପଚାରିଲେ

-ତମେ କ'ଣ ଏଇ ବାବୁଙ୍କ ଗାଁରୁ ଆସିଛ?

ହଁ, ଜାଣିଲୁଟିରେ ଏଣ୍ଡୁଅ...ଗାଁରୁ ଆସିଛି, ଗାଁରୁ। ବାବୁଙ୍କର ନିଜଲୋକ। ଏବେ ତୁ ଯା... ମତେ ବାଟ ଛାଡ଼।

ନାରଣ ମୁହଁ ଖୋଲିବା ଆଗରୁ ଆଉ ଦୁଇ ଜଣ ଅଫିସର ଆସି ଅଖା ଦୁଇଟାକୁ ନାତଟେ ମାରି ଧମକେଇଲା ପରି ପଚାରିଲେ

-କ'ଣ ଅଛି ଏଇ ଅଖାରେ?

ଏମିତିଆ ଧମକ ଦେଇ ପଚରାଉଚୁରା କରୁଥିବା ଅଫିସର ସେ କେବେ ଦେଖିନଥିଲା, ତେଣୁ ତା' ଛାତି ଧଡ଼ଧଡ଼ ହେଲା, ତଥାପି ପାଇକ ଗାଁର ପିଲା ସିଏ ଡରିବା ତା' ଜାତକରେ ନାହିଁ, ହାତ ଛିଞ୍ଚାଡ଼ି ଦେଇ ବଡ଼ ଟାଣରେ ନାରଣ କହିଲା –"କଅଣ ଆଉ ରହିବ ଅଖାରେ! ଚାଉଳ, ନଡ଼ିଆ, ସାରୁ, ପୋଇ, ସଜନା ଛୁଇଁ.. ଏଇଆ ତ! ମୁଁ ମାସେ ଦି ମାସରେ ଗାଁରୁ ଏମିତି ଜିନିଷ ସବୁ ଆଣି ବାବୁଙ୍କୁ ଦିଏ। ହେଲେ ବାବୁଙ୍କ ଘରର ଜିନିଷପତ୍ର ଏମିତି ଛିନ୍‌ଛତ୍ର ହେଇ ପଡ଼ିଛି କାହିଁକି? ଆଉ ଏତେ ଲୋକ ଏଠି କ'ଣ କରୁଛନ୍ତି?"

-ଭିଜିଲାନ୍‌ସ ରେଡ୍ ହଉଛି। ତମେ ଖୋଲ ସେ ଅଖା ସବୁ ଖୋଲ, ସବୁ ସର୍ଚ୍ଚ କରା ହେବ।

ଏ-ମୂଷାମୁହାଁ କ'ଣ କହୁଛୁରେ! ହେମଦସ୍ତା ପୁଆଟା ଆଣି ମୁଣ୍ଡରେ ଛେଚିଦେବି ଯେ ସିଧା ଉପରେ ଯାଇ ତୋ... ଚଉଦପୁରୁଷଙ୍କ ମୁଖଦର୍ଶନ କରିବୁ! ଆମ ବାବୁ କ'ଣ ଚୋର ହେଇଛନ୍ତି ଯେ...

ରାଗରେ ନାରଣ ଚିହିଁକି ଉଠୁଉଠୁ ଜଣେ ଅଫିସର୍ ତାକୁ ଧରି ନେଇ ବସେଇ ଦେଲେ ବାହାର ବାରଣ୍ଡାର ଗୋଟେ କୁଣରେ। ଆଉ ଗଦା ଗଦା ଟଙ୍କା ଗଣିଗଣି ହାଲିଆ ହେଇଗଲେଣି ବୋଲି ଆଉ ଦି' ଜଣ ଲୋକ ପଠେଇବାକୁ କାହାକୁ ଫୋନ୍‌ରେ କହିଲେ। ସେତିକିବେଳକୁ ଘର ଭିତରକୁ ବୁଲିକି ଚାହିଁଲା ନାରଣ ତ ତା' ଆଖି ଦୁଇଟା ଉଚ୍ଚା ହେଇ ହେଇ ସିଧା ଜାଣ ବରୁଣେଇ ପାହାଡ଼ରେ ଲାଗିଲା।

ଏଁ! ଏତେ ଗୁଡ଼ାଏ ନଗଦ ଟଙ୍କା! ପୁଣି ସାନବାବୁଙ୍କ ଘରୁ! ଏ କେମିତି ସମ୍ଭବ! ଅବିଶ୍ୱାସ ଆଖିରେ ବାଲୁବାଲୁ ହେଇ ସମସ୍ତଙ୍କ ମୁହଁକୁ ଚାହୁଁଥିଲା ନାରଣ। ଟଙ୍କା ପରେ ଟଙ୍କା ଗଣିଗଣି ଥକି ଯାଉଥିଲେ ଅଫିସର ବାବୁମାନେ, ପୁଣି କେତେ ଯେ ଗହଣାଗାଣ୍ଠି, କେତେ ଯେ କାଗଜପତ୍ର। ଏ କି ଆଚମ୍ବିତ କଥା! ଏତେ ପାଠପଢୁଆ ଲୋକଙ୍କ ଘରେ ପୁଣି ଏତେ କଳାଧନ!!

ଛିଃ..ଛିଃ..ଭିଜିଲାନ୍‌ସ! ପୁଣି ଖାଲି ବଡ଼ ଜମିଦାର ବୋଲି ନୁହେଁ, ବଡ଼ ପଣ୍ଡିତ, ଧାର୍ମିକ, ପରୋପକାରୀ, ସଂସ୍କାରୀ ମଣିଷ ଭାବେ ଜଣାଶୁଣା ମଧୁ ଆଚାର୍ଯ୍ୟଙ୍କ ପୁଅ ଘରେ! ସ୍କୁଲ ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ହେଇ ଯିଏ ଗାଁର ଟେକ ରଖିଥିଲେ! ବଡ଼ ଅଫିସର ହେଲେ ବୋଲି ଯାହାଙ୍କ ପାଇଁ ସାଆନ୍ତେ ଗାଁରେ ଭୋଜି ଦେଇଥିଲେ! ସିଏ ପୁଣି ଦୁର୍ନୀତି କରିଛନ୍ତି! ତାଙ୍କ ଘରେ ପୁଣି ଭିଜିଲାନ୍ସ। ଇଏ ତ ଖାଲି କୁଳ କି ବଂଶର ନୁହେଁ ନିଜ ଗାଁ ନିଜ ଭୂମି ନିଜ ଦେଶର ପରମଶତ୍ରୁ।

ରାଗରେ ନିଜ ମୁଣ୍ଡବାଳକୁ ଝିଙ୍କି ଆଣିଲା ନାରଣ ତୁଚ୍ଛାଟାରେ ହାତଟାକୁ ଚଟାଣରେ ବାଡ଼େଇ ଦେଇ ବସିପଡ଼ିଲା ବେଳକୁ ସାମ୍ନାକୁ ଚାହିଁଲା ତ ଦେଖିଲା ତାଙ୍କ ଗାଁର ଲାଉଚୋର, ପିଜୁଳିଚୋର କେମ୍ପା ମାଧିଆ ପରି ସାଙ୍କୁଡ଼ି ହେଇ ବସିଛନ୍ତି ସାଆନ୍ତଙ୍କ ଅଫିସରିଆ ପୁଅ-ବୋହୂ। ତା' ଆଖିରେ କାଳେ ଆଖି ମିଶିଯିବ ବୋଲି ବାରମ୍ବାର ମୁଣ୍ଡ ତଳକୁ କରି ଦେଉଛନ୍ତି।

ପାଟିକୁ ଛେପ ଆସିଗଲା ନାରଣର, କୋଉଠି ପକେଇବ କୋଉଠି ପକେଇବ ହେଇହେଇ ଗେଟ୍ ବାହାରେ ଟଙ୍ଗା ନେମ୍‌ପ୍ଲେଟ୍ ପାଖରେ ଅଟକି ଗଲା।

ଛିଃ! ଛିଃ!.. ଆଜି ସକାଳୁ ମଡ଼ାଗନ୍ଧ କଥାଟା କାହିଁକି ପଶିଥିଲା ଯେ ମୁଣ୍ଡରେ!

ନାକରେ ରୁମାଲ୍ ଦେଇ ମୁହଁ ବୁଲେଇ ଦେଲା ନାରଣ।

ଏ/୭, ଏନ୍.ଆଇ.ଟି କ୍ୟାମ୍ପସ୍, ରାଉରକେଲା
ମୋ: ୯୯୩୭୩୮୪୭୫୯

## ଏ ସପ୍ତାହର କବିତା

### ପୋଷ୍ଟର ଝିଅ



ତ୍ରିନାଥ ସିଂହ

ସେଇ ଝିଅଟିର ଚିରାଫଟା ଦେହ
ଚିତକାତ୍ ହେଇ ପଡ଼ିଛି ପରିତ୍ୟକ୍ତ ବସ୍ ଭିତରେ
ବିବସନ ।

ବସର ପଛପଟ କାନ୍ଥରେ ଲେଖାହେଇଛି:
ବେଟୀ ବଚାଓ, ବେଟୀ ପଢ଼ାଓ...

ସାଙ୍ଗକୁ ଗୋଟେ ସୁନ୍ଦର ଝିଅର ମୁହଁ
ଆଖି-ଓଠ ଚମକୁଛି ସୁନାଫସଲି ହସରେ ।

ବସ୍ ଭିତରେ ପଡ଼ିଥିବା ଝିଅର
ନିଥର ଖୋଲାଆଖି ଓ ରକ୍ତ ଝରୁଥିବା ଓଠର କ୍ଷତରେ
ବାତ୍ୟା ପରବର୍ତ୍ତୀ ଗୋଟିଏ ଉଜୁଡ଼ା ସହର...
ଗଣଗଣିଆ ମାଛି ଗୁଡ଼ିଏ ଭଣଭଣ ହେଉଛନ୍ତି
ତା'ର ପଥର ତଳେ ଚାପି ହେଇ ଯାଇଥିବା ସ୍ୱପ୍ନଙ୍କର
ପଚାଗନ୍ଧରେ...।

ଝିଅଟିର ଖୋଲା ମେଲା ପଥରର ଆଖି
ସବୁ ଦେଖିଛି...
ଏବେ ବି ଦେଖୁଛି
ତାକୁ ଘେରି ଠିଆହେଇଥିବା ଲୋକଙ୍କର ଆଖି,
ବାକି ଆଉ କ'ଣ କ'ଣ ଖୋଜୁଛନ୍ତି ତା'ର ଚିରାଫଟା
ଅନାବୃତ ଦେହରେ...!!

ବସ୍ ଆଗପଟେ କାଚ ଉପରକୁ
ପାହାଡ଼ ଟେକିଥିବା ମୁଦ୍ରାରେ ସଙ୍କଟମୋଚନ ହନୁମାନ
ଓ ତଳକୁ ଲାଲ ମନ୍ଦାରରେ ସଜ୍ଜା ଜଣେ
ଦେବୀଙ୍କ ପ୍ରତିମା...
ପବନରେ ଘୂରି ବୁଲୁଛି ଏବେ ବି ସୁଗନ୍ଧିତ ଧୂପର ବାସ୍ନା ।

ଝିଅଟିର ନିଥରଦେହ ତଳୁ
ରକ୍ତର ଧାରଟିଏ ବହି ବହି ଆସି ଫିଟିପଡ଼ିଛି
ବାହାରକୁ, ସେଇଠି...
ଯୋଉଠି ବେଟୀ ବଚାଓ, ବେଟୀ ପଢ଼ାଓର
ପୋଷ୍ଟର-ଝିଅ ହସୁଛି ସୁନାଫସଲି ହସ।

କାମଖୋଜି ବାହାରିଥିଲା ଝିଅଟି
ବାହାରକୁ...
ଜୀବନକୁ ଚାହିଁଥିବା ବୁଢ଼ା ବାପମାଆଙ୍କ
କାଚଗୁଲି ପରି ଝାପ୍‌ସା ଦୁଇଯୋଡ଼ା ନିଷ୍ପ୍ରଭ ଆଖି
ଆଉଜି ପଡ଼ିଛନ୍ତି ଦୁଆରବନ୍ଧର ଅନ୍ଧାରକୁ ।

ଭବିଷ୍ୟନିଧି କାର୍ଯ୍ୟାଳୟ,
ପାନପୋଷ ମାର୍ଗ, ରାଉରକେଲା - ୭୬୯୦୦୨
ମୋ: ୮୮୯୫୦ ୯୯୪୭୪

### ଭଲପାଇବାର ଚିତାରେ



ଶିଶିର ନାୟକ

ଆଜି ଆକାଶରେ କୃଷ୍ଣଚୂଡ଼ାର ଛାଇ
ଛଅ ବର୍ଷ ପରେ ସୁରଟରୁ ଫେରିଛି ଛୁଆଟି
ଶରତର କାକର ଝଲସି ଉଠୁଛି
ଝାଳରେ ଚମକି ଉଠୁଛି ଧାନ କିଆରି
କିନ୍ତୁ ଅବେଳରେ ବନ୍ଧା ଚାଲିଛି କୋକେଇ

ଚିରକାଳ ଭାସି ଉଠେ ଝାପ୍ସା କେଉଁ ଆଖି
ବାରବର୍ଷ ହେବ ମାଆକୁ ଦେଖିପାରିନି ଛୁଆଟି
ଲାପ୍‌ଟପ୍‌ରେ ଘୂରୁଛି ସାରା ପୃଥିବୀ

ଫଗୁଣରେ ବଢୁଛି ବିଚ୍ଛେଦ
ଘରେ ଘରେ ଦୂରତ୍ୱର ପରିଧିକୁ
ମାନି ନେଇଛି ମଣିଷ

ବିଷାଦ ଭିତରୁ ତମେ ଦେଖେଇ ଚାଲିଛ
ମହିମାର ଆଲୁଅ
କିଏ ଜାଣେ ସିଏ ଲିଭେଇ ପାରିବ କି ନାହିଁ
ଜହ୍ନ ଉପରର ପାଉଁଶ

ଶୁଖିଲା ନଈର କ୍ଷତରେ ଥରି ଉଠେ ପବନ
କିଏ କାହାର ଘାତକ କିଏ ଜାଣେ
ମରଣ ସାଙ୍ଗରେ ଧରି ଭୁଲି ଯାଉଥାଏ ଖାଲି ଏ ଜୀବନ

ଶୂନ୍ୟତା ବାସ କରୁଥାଏ
ନୀରବତାର ଗୀତରେ
ତମକୁ ସୁଖୀ ଗୃହସ୍ଥ ପରି ଭଲପାଉଥାଏ ମୁଁ
ଭଲପାଇବାର ଚିତାରେ

ମୋ: ୯୯୩୭୪୯୦୭୪୭

# ସାହିତ୍ୟର ଆବଶ୍ୟକତା



ଡକ୍ଟର ଦାଶରଥି ଭୂୟାଁ

ଆମେ ସାହିତ୍ୟ ପଢ଼ିବା କାହିଁକି? ସାହିତ୍ୟ ଲେଖିବା କାହିଁକି? ସାହିତ୍ୟ କ'ଣ ମାନବସମାଜର ବିବିଧ ସାମାଜିକ, ରାଜନୀତିକ, ଅର୍ଥନୀତିକ ସମସ୍ୟାର ସମାଧାନ କରିପାରିବ? ଯଦି ନୁହେଁ, ତେବେ ସାହିତ୍ୟର ଆବଶ୍ୟକତା କ'ଣ? ଏହା ସମୟ, ଅର୍ଥ ଓ ବୌଦ୍ଧିକତାର ଅପଚୟ ନୁହେଁ କି? କିନ୍ତୁ ମାନବିକତାର ବିକାଶ ଦିଗରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯାହା ମଣିଷ ଓ ସମାଜର ଅନେକ ସମସ୍ୟାର ସମାଧାନ କରିପାରିବ। ସାହିତ୍ୟରେ ସ-ହିତର ଭାବନା ଅଛି। ସାହିତ୍ୟ ସତ୍ୟମ୍, ଶିବମ୍ ଏବଂ ସୁନ୍ଦରମ୍‌କୁ ଅନ୍ତର୍ଭୁକ୍ତ କରେ। ଦୁଃଖ ଓ ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତିଙ୍କ ସହିତ ଏକ ଭାବପ୍ରବଣ ସଂଯୋଗ କରି ସାହିତ୍ୟ ପାଠକଙ୍କୁ ଏହି ସମସ୍ୟା ପ୍ରତି ସମ୍ବେଦନଶୀଳ କରିଥାଏ। ସାହିତ୍ୟ ସମାଜକୁ ସଠିକ୍ ମାର୍ଗଦର୍ଶନ କରାଏ। ସାହିତ୍ୟିକ ସାମାଜିକ ବିଲକ୍ଷଣକୁ ଚିହ୍ନଟ କରାଏ ଏବଂ ସେମାନଙ୍କ ବିରୁଦ୍ଧରେ ସାଧାରଣ ଲୋକଙ୍କୁ ସଚେତନ କରାଏ। ସମାଜ ଓ ବ୍ୟକ୍ତିକୁ ନୈତିକ ମାର୍ଗରେ ପରିଚାଳିତ କରିବା, ସମାଜରୁ କୁସଂସ୍କାର ଦୂରକରିବା, ସମାଜର ଦୁର୍ବଳତାକୁ ଲୋକଲୋଚନାକୁ ଆଣି ଏକ ସୁସ୍ଥସମାଜ ଗଠନରେ ସାହାଯ୍ୟ କରିବା ପାଇଁ ସାହିତ୍ୟିକ ସାହାଯ୍ୟ କରିଥାଏ। ସ୍ୱାଧୀନତା ଆନ୍ଦୋଳନ ସମୟରେ ସାହିତ୍ୟିକଙ୍କ ଲେଖା ଲୋକଙ୍କୁ ଆଦର୍ଶଗତ ଶକ୍ତି ପ୍ରଦାନ କରି ସେମାନଙ୍କ ମନରେ ଜାତୀୟ ଚେତନା ଓ ଦେଶପ୍ରେମ ଉଦ୍ରେକ କରିଥିଲା। ସମୟ ଅନୁଯାୟୀ ସାହିତ୍ୟ ନୂତନ ଚିନ୍ତାଧାରା ସୃଷ୍ଟି କରେ। ପୁଞ୍ଜିବାଦ, ସାମ୍ରାଜ୍ୟବାଦ, ଜାତିବାଦ, ବର୍ଣ୍ଣବିଦ୍ୱେଷ ନୀତି, ନାରୀ ନିର୍ଯାତନା ବିରୋଧରେ ସାହିତ୍ୟିକ, ପାଠକଙ୍କ ମନରେ ଆଦର୍ଶଗତ ଏବଂ ପ୍ରଗତିଶୀଳ ମନୋଭାବ ସୃଷ୍ଟି କରନ୍ତି। ଏକ ସୁସ୍ଥ ମନୋରଞ୍ଜନ ମାଧ୍ୟମରେ ସାହିତ୍ୟ ପାଠକଙ୍କ ମନରେ ଏକ ସୁନ୍ଦର ଜୀବନ ବଞ୍ଚିବାକୁ ଇଚ୍ଛା ସୃଷ୍ଟି କରେ ଏବଂ ଜୀବନକୁ ସୌନ୍ଦର୍ଯ୍ୟରେ ଭରିଦିଏ।

ସାହିତ୍ୟ ବ୍ୟକ୍ତିର ଚରିତ୍ର ଗଠନରେ ସାହାଯ୍ୟ କରେ ଓ ସାମାଜିକ ଜୀବନକୁ ନିୟନ୍ତ୍ରଣ କରେ। ସାଧାରଣ ମଣିଷ ସମାଜ ଦ୍ୱାରା ପରିପୁଷ୍ଟ, କିନ୍ତୁ ଲେଖକ ଭଳି ଜଣେ ଅସାଧାରଣ ବ୍ୟକ୍ତି ଦ୍ୱାରା ସମାଜ ପରିପୁଷ୍ଟ ହୋଇଥାଏ। ସାହିତ୍ୟିକ ସମାଜର ଗଠନମୂଳକ ଓ ଯୁକ୍ତିଯୁକ୍ତ ସମାଲୋଚନା କରି ସାମାଜିକ ଦୋଷ ଦୁର୍ବଳତାକୁ ଦର୍ଶାଏ ଏବଂ ଏକ ଉତ୍ତମ ସମାଜ ଗଠନ ପାଇଁ କଳ୍ପନା କରେ। ସମାଜର ପୁନଃଗଠନ ପାଇଁ ଚେଷ୍ଟା କରିଥାଏ। ମଣିଷକୁ ଭଦ୍ର, ଉନ୍ନତ, ଓ ନୀତିବାନ କରାଇବା ଏବଂ ଚରିତ୍ର ଗଠନରେ ସାହାଯ୍ୟ କରେ। ସମାଜକୁ ସଂସ୍କାର କରିବା ସହିତ ସାହିତ୍ୟ ଜୀବନର ମୂଲ୍ୟବୋଧ ଭିତ୍ତିକ ଶିକ୍ଷାଦିଏ। ସାମାଜିକ ବିସଙ୍ଗତିକୁ ଆଲୋକିତ କରି ସମାଜକୁ ବାର୍ତ୍ତା ପଠାଏ, ଯାହା ସାମାଜିକ ବିକାଶରେ ପ୍ରେରଣା ଯୋଗାଏ। ସାହିତ୍ୟ ଅତୀତରୁ ପ୍ରେରଣା ନିଏ, ବର୍ତ୍ତମାନକୁ ଚିତ୍ରଣ କରେ ଏବଂ ଭବିଷ୍ୟତକୁ ମାର୍ଗଦର୍ଶନ କରେ।

ସାହିତ୍ୟ କଳା, ଐତିହ୍ୟ, ଧର୍ମ ଏବଂ ସଂସ୍କୃତିକୁ ସଂରକ୍ଷିତ କରେ। ସୁସ୍ଥ କଳାତ୍ମକ ଏବଂ ସୂଚନାପୂର୍ଣ୍ଣ ମନୋରଞ୍ଜନ ମାଧ୍ୟମରେ ସମାଜର ରାଜନୀତିକ, ସାମାଜିକ, ସାଂସ୍କୃତିକ ଏବଂ ଆର୍ଥିକ ସ୍ଥିତି ବିଷୟରେ ସୂଚନା ଦେଇଥାଏ। ଯଦି ଆମେ ଭାରତ ବିଭାଜନ ବିଷୟରେ ଜାଣିବାକୁ ଚାହୁଁ, ତେବେ ଆମେ ଇତିହାସ ପୁସ୍ତକରୁ ଜାଣିପାରିବା, କିନ୍ତୁ ବିଭାଜନ ଉପରେ ଲେଖାଯାଇଥିବା ଉପନ୍ୟାସ, କାହାଣୀ ଏବଂ କବିତା ମାଧ୍ୟମରେ ବିଭିନ୍ନ ଶ୍ରେଣୀ, ସମ୍ପ୍ରଦାୟ ଇତ୍ୟାଦିର ସମ୍ବେଦନଶୀଳତାକୁ ଅତି ନିକଟରୁ ବୁଝିପାରିବା। ସ୍ଥାୟୀ କଳାତ୍ମକ ରଚନା ହିସାବରେ ଜଗତ ଓ ଜୀବନ ସମ୍ପର୍କରେ ଲେଖକର ଭାବ ଓ ଭାବନା, ଚିନ୍ତା ଓ କଳ୍ପନା, ଆବେଗ ଓ ଅନୁଭୂତି ପ୍ରକାଶିତ ହୋଇଥାଏ। ତେଣୁ ସାହିତ୍ୟ ଦୀର୍ଘସ୍ଥାୟୀ ମାନବୀୟ ମହତ୍ତ୍ୱ ଉପରେ ପ୍ରତିଷ୍ଠିତ।

ସାହିତ୍ୟ ସମାଜର ଏକ ଦର୍ପଣ ଭାବରେ କାର୍ଯ୍ୟ କରେ। ଅବଶ୍ୟ, ଦର୍ପଣ ମନୁଷ୍ୟର ବାହ୍ୟ ବୈଶିଷ୍ଟ୍ୟଗୁଡ଼ିକ ଦର୍ଶାଏ, କିନ୍ତୁ ସାହିତ୍ୟ ମନୁଷ୍ୟର ଆଭ୍ୟନ୍ତରୀଣ ଗୁଣଗୁଡ଼ିକୁ ଚିହ୍ନିତ କରେ। ବ୍ୟକ୍ତିଗତ କ୍ଷତି ସତ୍ତ୍ୱେ ସାହିତ୍ୟିକ ଶୋଷକ ଶ୍ରେଣୀ ବିରୁଦ୍ଧରେ ଯାଇ ସମାଜ ଗଠନ ପାଇଁ ପଦକ୍ଷେପ ନିଏ। ଲେଖକ ସମାଜର ଶୋଷିତ ଶ୍ରେଣୀର ଏତେ ନିକଟତର ହୁଏ ଯେ, ସେ ନିଜେ ସେମାନଙ୍କ ଦୁଃଖ ଅନୁଭବ କରିବା ସହିତ ଶୋଷିତ ଶ୍ରେଣୀର ପ୍ରତିନିଧି ଭାବରେ ସମାଜରେ ସ୍ଥାନ ପାଏ। ସାହିତ୍ୟର ଅନ୍ୟ ଏକ ଭାବନା ହେଉଛି ସହିତ। ଅର୍ଥାତ୍ ଏହା ମିଳନ ଓ ସହାବସ୍ଥାନର ଏକ ଅଦ୍ଭୁତ ସଙ୍ଗମ। ଶବ୍ଦ ସହିତ ଅର୍ଥର, ଜୀବନ ସହିତ ଜଗତର, ଅତୀତ ସହିତ ବର୍ତ୍ତମାନର, ମଣିଷ ସହ ମଣିଷର, ଗ୍ରନ୍ଥ ସହିତ ଗ୍ରନ୍ଥର, ଭାଷା ସହିତ ଭାଷାର ମିଳନ କରାଇ ସାହିତ୍ୟ ମଣିଷକୁ ସଜୀବ ବନ୍ଧନରେ ସଂଯୁକ୍ତ କରି ମଣିଷକୁ ଅଧିକ ଜୀବନଧର୍ମୀ କରାଏ। ଜଣେ ଖ୍ୟାତନାମା ସାହିତ୍ୟିକର ସିଦ୍ଧାନ୍ତ, ଆଦର୍ଶ ଓ ବାଦ ତାଙ୍କର ଶୁଭଚିନ୍ତକ ଓ ସମର୍ଥକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜନ୍ମାଏ। ମାର୍କ୍ସଙ୍କ ସାହିତ୍ୟ ବିଶ୍ୱର ଅନେକ ଅନୁଗାମୀ ଲେଖକଙ୍କୁ ଅନୁପ୍ରାଣିତ କରିଛି। ରୁଷୋ, ଭୋଲ୍‌ଟାୟାର, ଭିକ୍ଟର ହୁଗୋ, ମାର୍କ୍ସଙ୍କ ଲେଖା ଅନେକ ସାମାଜିକ- ରାଜନୀତିକ ଆନ୍ଦୋଳନକୁ ପ୍ରୋତ୍ସାହନ ଯୋଗାଇଛି। ଯେପରି ପରିବେଶବିତ୍‌ମାନଙ୍କ ଜ୍ଞାନ ପ୍ରଦୂଷଣ ସମ୍ପର୍କରେ ଆମକୁ ଏହାର ପ୍ରତିଷେଧକ ବ୍ୟବସ୍ଥା ପାଇଁ ସଚେତନ କରାଇଥାଏ, ସେହିପରି ମାନବ ସମାଜରେ ଯୁଦ୍ଧ, ହିଂସା, ଦ୍ୱନ୍ଦ୍ୱ, ଆତଙ୍କବାଦ, ଦାରିଦ୍ର୍ୟ, ନିରକ୍ଷରତା, ଅମାନବିକତା, ଶୋଷଣ, କୁସଂସ୍କାର, ଅନ୍ଧବିଶ୍ୱାସ, ଅତ୍ୟାଚାର, ବାଲ୍ୟ ବିବାହ, ବିଧବାମାନଙ୍କ ଦୁଃଖ, ନାରୀ ଅଧିକାର, ପାଶ୍ଚାତ୍ୟ ସଭ୍ୟତାର କୁପରିଣାମ ଆଦି ସମ୍ପର୍କରେ ଜ୍ଞାନ ପ୍ରଦାନ କରି, ଏହାର ଦୂରୀକରଣ ନିମନ୍ତେ ସାହିତ୍ୟିକମାନେ ଆମକୁ ସଚେତନ କରାଇଥାନ୍ତି। ସେମାନଙ୍କ ଜ୍ଞାନ ଆମର ସମସ୍ତ ପ୍ରକାର ସାମାଜିକ ଅସୁବିଧାକୁ ଦୂର କରିବା ନିମନ୍ତେ ପ୍ରେରଣା ଯୋଗାଇଥାଏ।

ସାମାଜିକ ହିତ ଦୃଷ୍ଟିରୁ ଏହା ସାହିତ୍ୟକୁ ସମାଜର ଦର୍ପଣ ବୋଲି ମଧ୍ୟ କୁହାଯାଏ। ସାହିତ୍ୟିକ ସମାଜର ହିତସାଧନ ପାଇଁ ଉପଦେଶ ଦେବ ନା ସମାଜର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରିବ? ସାହିତ୍ୟିକ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ କିମ୍ବା ବାଦର ପ୍ରଚାରକ ନୁହେଁ। ସାହିତ୍ୟ ସମାଜର କୁପରିଣାମ ବିରୋଧରେ ସ୍ୱର ଉତ୍ତୋଳନ କଲେ ହିଁ ସାହିତ୍ୟ ସମାଜର ହିତ ସାଧନ କରୁଛି ବୋଲି କୁହାଯିବ। ଏଥିପାଇଁ ସାହିତ୍ୟିକକୁ ବିପ୍ଳବୀ, ବିଦ୍ରୋହୀ, ସାଲିସ ବିହୀନ ଓ କ୍ରାନ୍ତିକାରୀ ଦାର୍ଶନିକ ବୋଲି ବିବେଚନା କରାଯାଏ? ଅପରପକ୍ଷରେ ଲେଖକ ସମାଜର ଯେଉଁ ବାସ୍ତବ ଚିତ୍ର ଦେଖେ, ତାହାକୁ ଲେଖନୀ ମୁନରେ ରୂପଦେଇ ଜୀବନ୍ତ କରେ? ଏଥିରେ ନାୟକ -ନାୟିକା ହାରୁ କିମ୍ବା ଜିତୁ ଲେଖକର କିଛି ଯାଏଆସେ ନାହିଁ। ଏବେ ମଧ୍ୟ ଲକ୍ଷ ଲକ୍ଷ ଅବହେଳିତ, ନିଷ୍ପେଷିତ ଭାଗ୍ୟକୁ ଆଦରି ପ୍ରତିକୂଳ ପରିସ୍ଥିତିରେ ବଞ୍ଚୁଛନ୍ତି। ସେମାନଙ୍କ ନିଖୁଣ ଚିତ୍ରଆଙ୍କି ସାହିତ୍ୟିକଟିଏ ସାହିତ୍ୟକୁ ସମାଜର ଦର୍ପଣ ସଂଜ୍ଞାଦିଏ ? ଗଳ୍ପ /ଉପନ୍ୟାସଟିଏ ପଢ଼ିସାରିଲା ପରେ ମନକୁ ଆସେ ନାୟକ-ନାୟିକାଙ୍କ ମିଳନ ହେଲା ନାହିଁ କାହିଁକି ? ତେବେ ପଠକମାନଙ୍କ ଆତ୍ମସନ୍ତୋଷ ପାଇଁ ଚରିତ୍ରଗୁଡ଼ିକୁ ଜିତେଇ ଦେବା ସମୀଚୀନ ହେବ କି? ସମାଜର ନିଖୁଣ ଓ ବାସ୍ତବ ଚିତ୍ର ପ୍ରତିଫଳିତ କରିବା ସମୀଚୀନ ନୁହେଁ କି? ଅନେକ ଗାଳ୍ପିକ ଓ ଔପନ୍ୟାସିକ ଚରିତ୍ରମାନଙ୍କୁ ସେମିତି ନିଷ୍ପେଷିତ, ଅବହେଳିତ ଭାବେ ଛାଡ଼ି ଦେଇଛନ୍ତି । ତତ୍‌କାଳୀନ ସମାଜର ନାରୀ ସ୍ଥିତିକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି। ଏସବୁ ବିଚାରକୁ ନେଲେ ସାହିତ୍ୟ ସମାଜର ଦର୍ପଣ ବୋଲି ନିଜକୁ ଅଧିକ ସାବ୍ୟସ୍ତ କରେ। ଏହି ଦୁଇଟି ଦିଗରେ ଥିବା ଦ୍ୱନ୍ଦ୍ୱ ମଧ୍ୟରେ ସମନ୍ୱୟ ଆଣିବା ପାଇଁ ସାହିତ୍ୟିକ ଚେଷ୍ଟା କରେ।

ଉଭୟ ଲେଖକ ଓ ପାଠକ ପାଇଁ ସାହିତ୍ୟର ଆନନ୍ଦରୂପୀ ଆବଶ୍ୟକତା ଅଛି। ଲେଖକର ଭୟଙ୍କର ମାନସିକ ରୋଗର ଔଷଧ ହେଉଛି ସାହିତ୍ୟ, ଯେଉଁଥିରେ ସେ ତା'ର ଚିନ୍ତା ଓ ଚେତନାକୁ ବ୍ୟକ୍ତ କରି ଶାନ୍ତି ପାଏ। ଲେଖାଟିଏ ଲେଖିଲା ପରେ ଗୋଟେ ବୋଝ ଓହ୍ଲାଇଲା ଭଳି ଲାଗେ। ତା'ପରେ ଲେଖକକୁ ଢେର ଆତ୍ମସନ୍ତୋଷ ଓ ପରମ ଆନନ୍ଦ ମିଳେ ଏବଂ ତା'ଭିତରେ ଥିବା ଅସହ୍ୟ ମାନସିକ ଯନ୍ତ୍ରଣା, ବିଷାଦ, ଅବଶୋଷ, ଅଜଣା ଦୁଃଖରୁ ମୁକୁଳିଲା ପରିଲାଗେ। ବର୍ତ୍ତମାନ ବିଶ୍ୱରେ ଯୁଦ୍ଧ, ହିଂସା, ମହାମାରୀ, ବର୍ବରତା, ନିଷ୍ଠୁରତା, ଲୁଣ୍ଠନ, ହତ୍ୟା, ଶୋଷଣ, ଦୁର୍ନୀତି ମଣିଷମନକୁ ବିଷାଦ କରିପକାଇଛି, ସମସ୍ତଙ୍କ ପାଖରେ ଅର୍ଥ ଓ କ୍ଷମତାର ଲାଳସା ଅଧିକ ହୋଇଛି, ମଣିଷ ଆଧ୍ୟାତ୍ମିକ, ଧାର୍ମିକ ଓ ନୈତିକ ଦିଗକୁ ଉପେକ୍ଷା କରି ଈଶ୍ୱରଙ୍କ ମୃତ୍ୟୁ ଘୋଷଣା କରିଛି। ଚତୁରପଣିଆ ତାକୁ ସ୍ୱାର୍ଥପର ଓ ଲୋଭୀ କରିବା ଦ୍ୱାରା ସେ ନିଜ ଲାଭ ଛଡ଼ା ସମାଜର ମଙ୍ଗଳଚିନ୍ତା କରିପାରୁନାହିଁ। ସମାଜ ଏକ ଅଜଣାସ୍ଥାନ ପାଲଟିଛି, କୋଳାହଳ ମଧ୍ୟରେ ମଣିଷ ଏକଲା ଅନୁଭବ କରୁଛି। ବର୍ତ୍ତମାନର ସମୟଠାରୁ ଆହୁରି ଏକ ସୁନ୍ଦର ସମୟ, ଆହୁରି ଏକ ନୂତନ, ଉତ୍ତମ ଓ ଆଦର୍ଶ ବିଶ୍ୱ ଅପେକ୍ଷାରେ ମଣିଷ କେବଳ ସ୍ୱପ୍ନ ଦେଖୁଛି। ଯାଦୁକର ତା'ର ଯାଦୁବିଦ୍ୟା ବଳରେ ଦର୍ଶକମାନଙ୍କୁ ଅନ୍ୟ ଏକ କାଳ୍ପନିକ ସ୍ୱର୍ଗକୁ ଉଡ଼ାଇନେବା ପରି, ସାହିତ୍ୟିକମାନେ ବାସ୍ତବତାଠାରୁ ଏକ କଳ୍ପନା ବିଶ୍ୱକୁ ପାଠକମାନଙ୍କୁ ନେଇଯାନ୍ତି, ଯେଉଁଠାରେ ସେମାନେ କାଳ୍ପନିକ ଶାନ୍ତି ଓ ଆନନ୍ଦ ପାଆନ୍ତି। ସାହିତ୍ୟିକ କଳ୍ପନାବାଦୀ ହେଉ କିମ୍ବା ବାସ୍ତବବାଦୀ ହେଉ, ସେଥିରେ କିଛି ଯାଏ ଆସେନାହିଁ। ଖାଣ୍ଟି ସୁନାରେ ଅଳଙ୍କାର ତିଆରି ହୋଇ ପାରିବନାହିଁ, ଏଥିପାଇଁ ଖାଦ ଦରକାର ଓ ସମାଜବିଜ୍ଞାନୀ ଭଳି ସାହିତ୍ୟିକ ସମାଜରୁ ତଥ୍ୟ ସଂଗ୍ରହ କରେ ଏବଂ ଦାର୍ଶନିକ ଭଳି ସେଥିରେ କଳ୍ପନା ଓ ଭାବନାକୁ ସଂଯୋଗ କରେ। ବାସ୍ତବ ଓ କଳ୍ପନାର ସମିଶ୍ରଣରେ ସାହିତ୍ୟିକ ଏମିତି ସାହିତ୍ୟ ରଚନା କରିବା ଉଚିତ, ଯଦ୍ୱାରା ମଣିଷର ଦୁଃଖ- ଯନ୍ତ୍ରଣା, ପ୍ରଶମିତ ହୋଇପାରିବ। ତେଣୁ ସାହିତ୍ୟିକ ଅଧିକ ମାନବବାଦୀ ହେବା ଉଚିତ।

ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ
ନାଗାଲାଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ଲୁମାମୀ, ଜୁନ୍ହେବୋଟୋ, ନାଗାଲାଣ୍ଡ-୭୯୮୬୨୭

## ପୁସ୍ତକ ପରିଚୟ

### ଶୂନ୍ୟ ଆରୋହଣ

ଚକ୍ରପାଣି ପରିଚ୍ଛା

"ଶବ୍ଦ ହଜିଯାଏ/ କଦବା କ୍ୱଚିତ୍/ କାହାର ନା କାହାର/ ନିରବି ଯାଉଥିବା ଆଖିଡୋଳାରେ" ଶବ୍ଦରେ ଶବ୍ଦରେ ସେ ଖୋଜନ୍ତି ଅନୁରାଗ ଓ ସନ୍ତୁଷ୍ଟକୁ। କେବେ ପୁଣି ସେ ଅନ୍ଧାର ଭିତରେ ଖୋଜନ୍ତି ଆଲୋକକୁ। ପୁଣି ଅଦୃଶ୍ୟ ସତ୍ତାକୁ ଲୋଡ଼ନ୍ତି ନିଜ ଭିତରେ। ଏମିତି ଖୋଜିବାପଣର କବି ହେଉଛନ୍ତି କବି ଚକ୍ରପାଣି ପରିଚ୍ଛା। ନିକଟରେ ପ୍ରକାଶ ପାଇଛି ତାଙ୍କ କବିତା ପୁସ୍ତକ 'ଶୂନ୍ୟ ଆରୋହଣ'। କବିଙ୍କ ନିଆରା ଅନୁଭବ ଓ ବିବିଧ ଅନୁଭୂତିରେ ବର୍ଣ୍ଣିଳ ହୋଇଛି ଏହି ପୁସ୍ତକର କବିତାଗୁଡ଼ିକ। ତେବେ ପ୍ରତ୍ୟେକ କବିତାର ସ୍ୱର ଭିନ୍ନ। ଶୂନ୍ୟତା ଭିତରେ କବି ଖୋଜନ୍ତି ପୂର୍ଣ୍ଣତାକୁ। ଜହ୍ନ ଅପେକ୍ଷା ସେ ଭଲ ପାଆନ୍ତି ତାରା ହେବାକୁ। ସେଥିପାଇଁ କବି କହୁଛନ୍ତି "ଜହ୍ନକୁ ଛୁଁ ନା ଝିଅ/ ଜଳିଯାଇପାରେ ତୋର ଦିହ ହାତ/ ବରଂ ତାରାଟିଏ ହେଇ ରହି ଥା/ ଏକାକୀ,/ ଆକାଶରେ"। ହୃଦୟକୁ ନିଃସର୍ତ୍ତ ଭାବେ ଖୋଲି ଦେଉଥିବା ଜଣେ ନିରୁତା କବି ସେ। ଜୀବନ ଓ ଜଗତକୁ ପ୍ରାଣ ଦେଇ ଭଲ ପାଉଥିବା କବି ହିଁ ଆପଣା ହୃଦୟକୁ ଉନ୍ମୁକ୍ତ କରିଦେଇପାରେ ଦରଦୀ ମଣିଷଙ୍କ ପାଖରେ। କବିଙ୍କ ଜୀବନର ନିଦା ଅନୁଭବ ଓ ବାସ୍ତବତାର ପ୍ରତିଛବି ପ୍ରତିଫଳିତ ହୋଇଛି ଏହି ପୁସ୍ତକର ଅନେକ କବିତାରେ। ସରଳ ଓ ବୋଧଗମ୍ୟ ଭାଷା, ଭାବାବେଗ, ଚିତ୍ରକଳ୍ପର ପ୍ରୟୋଗ କବିତାଗୁଡ଼ିକ ଅଧିକ ମାର୍ମିକ କରିଛି। 'ଶୂନ୍ୟ ଆରୋହଣ'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।




ଏଥେନା ବୁକ୍ସ
ଭୁବନେଶ୍ୱର-୭୫୧୦୦୨
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୬୦ ଟଙ୍କା

### ଅନ୍ଧ ଉପତ୍ୟକା

ଭାଗୀରଥି ବେହେରା

କଥାଶିଳ୍ପୀ ଭାଗୀରଥି ବେହେରାଙ୍କ ଏକ ଭିନ୍ନ ସ୍ୱାଦର ଉପନ୍ୟାସ 'ଅନ୍ଧ ଉପତ୍ୟକା' ପ୍ରକାଶ ପାଇଛି। ସିଦ୍ଧାର୍ଥ କୁମାର ଚରିତ୍ରକୁ କେନ୍ଦ୍ର କରି ଏହି ଉପନ୍ୟାସର କାହାଣୀ ଗତିଶୀଳ। "ଯେଉଁ ଦିନଠୁ ଦୁନିଆକୁ ବୁଝିଛନ୍ତି, ସେହି ଦିନଠୁ ନିଜକୁ ଏ ଆଶ୍ରମରେ ପାଇଛନ୍ତି ସିଦ୍ଧାର୍ଥ କୁମାର। ସମସ୍ତେ କହନ୍ତି ସେ ପିଲାବେଳୁ ବାପାମା' ଛେଉଣ୍ଡ। କିଏ ଗୋଟେ ଅସହାୟ ନାରୀ ଟେକିଦେଲେ ତାଙ୍କୁ ଆଚାର୍ଯ୍ୟ ମାୟାନନ୍ଦଙ୍କ ହାତରେ। ଗୁରୁଙ୍କ ସେବା କରିବା ତାଙ୍କରି ପରମଧର୍ମ। ଆନନ୍ଦମୟ ଆଶ୍ରମକୁ ନିଜର ଘର ଭାବି ତା'ର ଦେଖାରେଖା କରିବା ତାଙ୍କର ପରମ କର୍ତ୍ତବ୍ୟ। ପିଲାଟିବେଳୁ ସତ୍‌ସଙ୍ଗରେ ରହି ସାଧୁ ଭାବେ ମାନବ ସେବା ତାଙ୍କର ପରମ ଲକ୍ଷ୍ୟ। ଜ୍ଞାନ ଓ ପୁସ୍ତକ ପ୍ରତି ସିଦ୍ଧାର୍ଥ କୁମାରଙ୍କ ଲାଳସା ଅସରନ୍ତି। ଜଣେ ଆଦର୍ଶ ଶିଷ୍ୟ ରୂପେ ସମସ୍ତଙ୍କ ପ୍ରିୟପାତ୍ର।" ଏଭଳି ଜଣେ ନମ୍ର ଶିଷ୍ୟଙ୍କ ଜୀବନରେ ଦେଖାଦେଇଛି ବିରାଟ ପରିବର୍ତ୍ତନ। କିଭଳି ସିଦ୍ଧାର୍ଥ କୁମାର ଜଣେ ମହାନ୍ ସନ୍ଥଙ୍କୁ ଖୋଜୁ ଖୋଜୁ ନିଜକୁ ଆବିଷ୍କାର କରୁଛନ୍ତି ତାହା ଅତି ଚମତ୍କାର ଭାବେ ଚିତ୍ରିତ ହୋଇଛି ଏହି ଉପନ୍ୟାସରେ। 'ଆନନ୍ଦମୟ ଆଶ୍ରମ, ମହାନଦୀ ତୀର, କଟକ', 'କାଶୀ ସଂସ୍କୃତ ବିଦ୍ୟାପୀଠ, ଦେହେରାଦୁନ୍', 'ଭାରତୀୟ ଭୂରହସ୍ୟତତ୍ତ୍ୱ ସନ୍ଧାନ କାର୍ଯ୍ୟାଳୟ, ନୂଆଦିଲ୍ଲୀ', 'କାଠମାଣ୍ଡୁ, ନେପାଳ', 'ରାମେଶ୍ୱରୀ ମଠ, ରାମେଶ୍ୱରମ୍' ଆଦି କେତୋଟି ଭାଗରେ ଏହି ଉପନ୍ୟାସକୁ ବିଭକ୍ତ କରାଯାଇଛି। ସିଦ୍ଧାର୍ଥ କୁମାର, ଆଚାର୍ଯ୍ୟ ମାୟାନନ୍ଦ, ସନ୍ଦୀପ୍ତା ମିଶ୍ର ଆଦି ଚରିତ୍ର ଉପନ୍ୟାସର କାହାଣୀର ମହତ୍ତ୍ୱକୁ ଅଧିକ ବୃଦ୍ଧି କରିଛନ୍ତି। 'ଅନ୍ଧ ଉପତ୍ୟକା' ଉପନ୍ୟାସ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।




ବନଫୁଲ
ବୀର ସୁରେନ୍ଦ୍ର ସାଏ ନଗର,
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୨୭୫ ଟଙ୍କା

## ମ୍ୟାଚ୍‌ରେ କୁଲଦୀପ ଓ ସିରିଜ୍‌ରେ ଯଶସ୍ୱୀ ଶ୍ରେଷ୍ଠ; ଘରୋଇ ମାଟିରେ କ୍ରମାଗତ ୧୭ତମ ସିରିଜ ବିଜୟ

# ଭାରତ ୪-୧ରେ ଜିତିଲା ଟେଷ୍ଟ ସିରିଜ୍



**ଧର୍ମଶାଳା, ୯।୩(ଏଜେନ୍ସି)**

୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟକୁ ଭାରତ ଏକ ପାଳି ଓ ୬୪ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଭାରତ ୪-୧ରେ ଜିତିନେଇଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡ ପ୍ରଥମ ପାଳିରେ ୨୧୮ ଓ ଦ୍ୱିତୀୟ ପାଳିରେ ୧୯୫ ରନ୍ କରିବାକୁ ସମର୍ଥ ହୋଇଥିଲା। ଭାରତ ପ୍ରଥମ ପାଳିରେ ୪୭୭ ରନ୍ କରିବାକୁ ସମର୍ଥ ହୋଇଥିଲା। ହିମାଚଳ ପ୍ରଦେଶ କ୍ରିକେଟ ସଂଘ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ର ପ୍ରଥମ ପାଳିରେ ୭୨ ରନ୍ ଦେଇ ୫ ୱିକେଟ୍, ୩୦ ରନ୍ ଓ ଦ୍ୱିତୀୟ ପାଳିରେ ୪୦ ରନ୍‌ରେ ୨ଟି ୱିକେଟ ନେଇଥିବା ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ଏହି ସିରିଜ୍‌ରେ ରେକର୍ଡ ୭୧୨ ରନ୍ କରିଥିବା ଭାରତର ଯଶସ୍ୱୀ ଜୟସ୍ୱାଲଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ବିଶ୍ୱର ତୃତୀୟ ତଥା ପ୍ରଥମ ଫାଷ୍ଟ ବୋଲର ଭାବେ ଟେଷ୍ଟ କ୍ରିକେଟରେ ୭୦୦ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। ଏଥିସହ ଭାରତ ଘରୋଇ ମାଟିରେ କ୍ରମାଗତ ୧୭ତମ ଟେଷ୍ଟ ସିରିଜ ବିଜୟ


କୁଲଦୀପ ଯାଦବ


ଯଶସ୍ୱୀ ଜୟସ୍ୱାଲ


ରବିଚନ୍ଦ୍ରନ ଅଶ୍ୱିନ

ହୋଇଛି। ଏହି ମ୍ୟାଚ୍ ସହ ଭାରତର ଅନ୍ତର୍ଜାତୀୟ କ୍ରିକେଟ କାର୍ଯ୍ୟକ୍ରମ ସାମୟିକ ଭାବେ ଶେଷ ହୋଇଛି। ଏହାପରେ ଆଇପିଏଲ୍ ମାର୍ଚ୍ଚ ୨୨ରୁ ଆରମ୍ଭ ହେବ।

### ୧୦୦ତମ ଟେଷ୍ଟରେ ଅଶ୍ୱିନଙ୍କ ଚମତ୍କାର

ଭାରତର ପ୍ରଥମ ପାଳି ୪୭୭ ରନ୍‌ରେ ସୀମିତ ହେବା ପରେ ଇଂଲଣ୍ଡ ଦ୍ୱିତୀୟ ପାଳି ଆରମ୍ଭ କରି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହା ପରେ ଦଳ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ହରାଇ ବିପଦରେ ପଡ଼ିଥିଲା। ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ଇଂଲଣ୍ଡ ଦ୍ୱିତୀୟ ପାଳିରେ ମଧ୍ୟ ଯାଦୁକରୀ ବୋଲିଂ ପ୍ରଦର୍ଶନ କରିଥିଲା। ଇଂଲଣ୍ଡ ପକ୍ଷରୁ ଦୁଇ ଅଭିଜ୍ଞ ବ୍ୟାଟର ଜୋ ରୁଟ ଓ ଜନି ବେୟାରଷ୍ଟୋଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଖେଳାଳି ଭଲ ବ୍ୟାଟିଂ କରିପାରି ନଥିଲେ। ରୁଟ ଲଢୁଆ ପ୍ରଦର୍ଶନ କରି ୮୪ ରନ୍ କରିବାରେ ପରେ କୁଲଦୀପଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏଠାରେ ୧୦୦ତମ ଟେଷ୍ଟ ଖେଳିଥିବା ଜନି ବେୟାରଷ୍ଟୋ ପ୍ରଥମ ପାଳି ଭଳି ଦ୍ୱିତୀୟ ପାଳିରେ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ୩୧ ବଲ୍‌ରେ ୩୯ ରନ୍ କରି କୁଲଦୀପଙ୍କ ଶିକାର ବନିଥିଲେ। ସେ ପ୍ରଥମ ପାଳିରେ ୧୮ ବଲ୍‌ରୁ ୨୯ ରନ୍ କରିଥିଲେ। କିଛି ସମୟ ଲାଗି ସେ ଦର୍ଶକଙ୍କୁ ଆମୋଦିତ କରିଥିଲେ। ଟମ୍ ହର୍ଟଲୀ ୨୪ ବଲ୍‌ରେ ୨୦ ଓ ସୋଏବ ବସିର ୨୯ ବଲ୍‌ରେ ୧୩ ରନ୍ କରି ଇଂଲଣ୍ଡର ପରାଜୟକୁ କିଛି ସମୟ ଏଡ଼ାଇଯାଇଥିଲେ। ସମସ୍ତ ପାର୍ଟନରଙ୍କୁ ହରାଇବା ପରେ ରୁଟ୍ ୧୦ମ ଖେଳାଳି ଭାବେ ଆଉଟ ହୋଇଥିଲେ।

ଭାରତ ପକ୍ଷରୁ ଇଂଲଣ୍ଡ ଦ୍ୱିତୀୟ ପାଳିରେ ଅଶ୍ୱିନ ଚମତ୍କାର ବୋଲିଂ କରିଥିଲେ। ଏହି ମ୍ୟାଚ୍‌ରେ ସେ ଇଂଲଣ୍ଡ ଦ୍ୱିତୀୟ ପାଳିର ପ୍ରଥମ ୩ଟି ସମେତ ମୋଟ ୫ଟି ୱିକେଟ ପାଇଥିଲେ। ସେ ବିଶ୍ୱର ଚତୁର୍ଥ ବୋଲର ଭାବେ ନିଜ ଖେଳ ଜୀବନର ୧୦୦ତମ ଟେଷ୍ଟରେ ସର୍ବାଧିକ ୯ଟି ୱିକେଟ ନେବାରେ ମୁଥୟା ମୁରଲୀଧରନଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଏହା ପୂର୍ବରୁ ଇଂଲଣ୍ଡର ପ୍ରଥମ ପାଳିରେ ଅଶ୍ୱିନଙ୍କୁ ୪ଟି ୱିକେଟ ମିଳିଥିଲା। ଏହି ୩୭ ବର୍ଷୀୟ ଅଫ୍‌ସ୍ପିନ୍ ବୋଲର ଅଶ୍ୱିନ ଚଳିତ ସିରିଜ୍‌ରେ ୫୦୦ ୱିକେଟ ଅକ୍ତିଆର କରିବାର ମଧ୍ୟ ଗୌରବ ଅର୍ଜନ କରିଥିଲେ। ପ୍ରଥମ ପାଳିରେ ୫ ୱିକେଟ ନେଇଥିବା କୁଲଦୀପ ଇଂଲଣ୍ଡ ଦ୍ୱିତୀୟ ପାଳିରେ ଦୁଇଜଣ ଗୁରୁତ୍ୱପୂର୍ଣ୍ଣ ଖେଳାଳି ରୁଟ ଓ ବେୟାରଷ୍ଟୋଙ୍କୁ ଆଉଟ କରିଥିଲେ। ଭାରତୀୟ ଉପଅଧିନାୟକ ଯଶପ୍ରୀତ୍ ବୁମ୍‌ରାଙ୍କୁ ୨ଟି ୱିକେଟ ମିଳିଥିଲା।

### ଆଣ୍ଡରସନ୍‌ଙ୍କୁ ୭୦୦ ୱିକେଟ୍

ପୂର୍ବରୁ ୮ ୱିକେଟରେ ୪୭୩ ରନ୍‌ରୁ ଖେଳ ଆରମ୍ଭ କରି ଭାରତ ତାହାର ଅସମାପ୍ତ ପ୍ରଥମ ପାଳି ୪୭୭ ରନ୍‌ରେ ଶେଷ କରିଥିଲା। ଶନିବାର ତୃତୀୟ ଦିନ ଖେଳରେ ଭାରତ ଆଉ ୪.୧ ଓଭର ଖେଳିବା ପରେ ମାତ୍ର ୪ ରନ୍ କରି ବାକିଥିବା ୨ଟି ୱିକେଟ ହରାଇଥିଲା। ଦୁଇ ଅପରାଜିତ ଖେଳାଳିଙ୍କୁ ମଧ୍ୟରୁ ବୁମ୍‌ରାଙ୍କୁ ଆଉଟ କରି ଇଂଲଣ୍ଡର ଅଫ୍ ସ୍ପିନର ସୋଏବ ବସିର ୫ ୱିକେଟ ଅକ୍ତିଆର କରିଥିଲେ। ଶେଷ ଖେଳାଳି କୁଲଦୀପ୍‌ଙ୍କୁ ଆଉଟ କରି ଇଂଲଣ୍ଡର ୪୨ ବର୍ଷିୟ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ ତାଙ୍କ କ୍ୟାରିୟରରେ ୭୦୦ତମ ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି:** ୨୧୮/୧୦, ୫୭.୪ ଓଭର (ଜ୍ୟାକ୍ କ୍ରଲୀ-୭୯, ଜନି ବେୟାରଷ୍ଟୋ-୨୯, କୁଲଦୀପ ଯାଦବ-୫/୭୨, ଅଶ୍ୱିନ-୪/୫୧)।

**ଭାରତ ପ୍ରଥମ ପାଳି:** ୪୭୭/୧୦, ୧୨୪.୧ ଓଭର (ରୋହିତ ଶର୍ମା-୧୦୩, ଶୁବମାନ ଗିଲ-୧୧୦, ଦେବଦତ୍ତ ପାଡିକଲ-୬୫, ସୋଏବ ବସିର-୫/୧୭୩, ଜେମ୍ସ ଆଣ୍ଡରସନ-୨/୬୦, ଟମ୍ ହର୍ଟଲୀ-୨/୧୨୬)।

**ଇଂଲଣ୍ଡ ଦ୍ୱିତୀୟ ପାଳି:** ୧୯୫/୧୦, ୪୮.୧ ଓଭର (ଜୋ ରୁଟ୍-୮୪, ଜନି ବେୟାରଷ୍ଟୋ-୩୯, ଅଶ୍ୱିନ-୫/୭୭, ଯଶପ୍ରୀତ୍ ବୁମ୍‌ରା-୨/୩୮, କୁଲଦୀପ ଯାଦବ-୨/୪୦)।

## ଟେଷ୍ଟ ଖେଳାଳିଙ୍କ ଲାଗି ବିସିସିଆଇର ପ୍ରୋତ୍ସାହନ ରାଶି

**ନୂଆଦିଲ୍ଲୀ, ୯ ।୩(ଏଜେନ୍ସି):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟେଷ୍ଟ ଖେଳାଳିଙ୍କ ପାଇଁ ନୂଆ ପ୍ରୋତ୍ସାହନ ରାଶି ଲାଗୁ କରିଛି। ବାର୍ଷିକ ଚକ୍ରରେ ୭୫ ପ୍ରତିଶତ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କୁ ଗୋଟିଏ ଟେଷ୍ଟ ଲାଗି ୪୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ୫୦ରୁ ୭୪ ପ୍ରତିଶତ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଧର୍ମଶାଳା ଟେଷ୍ଟ ଜିତିବା ପରେ ରବିବାର ବିସିସିଆଇ ଏହି ଐତିହାସିକ ଘୋଷଣା କରିଛି। କେନ୍ଦ୍ରୀୟ ଚୁକ୍ତିକୁ ବାଦ ଦେଇ ଏହି ପ୍ରୋତ୍ସାହନ ରାଶି ଭିନ୍ନ ଭାବେ ପ୍ରଦାନ କରାଯିବ ଓ ଖେଳାଳିମାନଙ୍କୁ ଟେଷ୍ଟ ଫର୍ମାଟ ପ୍ରତି ଆକର୍ଷିତ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପରେ ଏହି ନିୟମ ଲାଗୁ କରାଯିବ।

### ଡବ୍ଲ୍ୟୁଟିସି ପଏଣ୍ଟ ସାରଣୀ

## ଭାରତର ଶୀର୍ଷ ସ୍ଥାନ ଆହୁରି ଦୃଢ଼

**ଦୁବାଇ, ୯ ।୩(ଏଜେନ୍ସି):** ଇଂଲଣ୍ଡକୁ ୪-୧ରେ ଟେଷ୍ଟ ସିରିଜରେ ପରାସ୍ତ କରିବା ପରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ସଦ୍ୟ ପ୍ରକାଶିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟ ତାଲିକାରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି। ଅନ୍ୟପଟେ ଇଂଲଣ୍ଡ ତଳକୁ ଖସି ୮ମ ସ୍ଥାନରେ ରହିଛି। ଭାରତ ଡବ୍ଲ୍ୟୁଟିସି ସାଇକଲ୍‌ରେ ଏପର୍ଯ୍ୟନ୍ତ ୩ରୁ ଦୁଇଟି ସିରିଜରେ ବିଜୟୀ ହୋଇଛି ଓ ୯ଟି ମ୍ୟାଚ୍ ଖେଳି ୬ଟିରେ ବିଜୟୀ ହୋଇଥିବା ବେଳେ ୨ଟିରେ ପରାସ୍ତ ହୋଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଗୋଟିଏ ମ୍ୟାଚ୍‌କୁ ଭାରତ ଅମୀମାଂସିତ ରଖିଥିଲା। ଭାରତ ୬୮. ୫୧ ପଏଣ୍ଟ ପର୍ସେଣ୍ଟେଜ (ପିସିଟି) ଓ ୭୪ ପଏଣ୍ଟ ସହ ନଂ ୧ ସ୍ଥାନରେ ରହିଛି। ଇଂଲଣ୍ଡ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ୩ ବିଜୟ, ୬ ପରାଜୟ ଓ ଗୋଟିଏ ଡ୍ର ସହ ୧୭.୫ ପିସିଟି ସହ ଅଷ୍ଟମ ସ୍ଥାନରେ ରହିଛି। ସେହିପରି ନ୍ୟୁଜିଲାଣ୍ଡ ୬୦ ପିସିଟି ଓ ୩୬ ପଏଣ୍ଟ ସହ ଦ୍ୱିତୀୟ, ଅଷ୍ଟ୍ରେଲିଆ ୫୯.୦୯ ପିସିଟି ସହ ତୃତୀୟ ସ୍ଥାନରେ ରହିଛି। ବାଂଲାଦେଶ ଚତୁର୍ଥ, ପାକିସ୍ତାନ ୫ମ, ୱେଷ୍ଟଇଣ୍ଡିଜ ଷଷ୍ଠ, ଦକ୍ଷିଣ ଆଫ୍ରିକା ସପ୍ତମ ଓ ଶ୍ରୀଲଙ୍କା ୯ମ ସ୍ଥାନରେ ରହିଛି।

### ଭାରତୀୟ ପାରାଅଲିମ୍ପିକ କମିଟି ନିର୍ବାଚନ

## ଦେବେନ୍ଦ୍ର ସଭାପତି, ଓଡ଼ିଶାର ସୁନୀଲ କୋଷାଧ୍ୟକ୍ଷ



ସୁନୀଲ ପ୍ରଧାନ

**ନୂଆଦିଲ୍ଲୀ, ୯ ।୩ (ଏଜେନ୍ସି):** ଦୁଇଥରର ପାରାଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଦେବେନ୍ଦ୍ର ଝାଝରିଆ ପାରାଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ)ର ନୂଆ ସଭାପତି ଭାବେ ଶନିବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୪୨ ବର୍ଷୀୟ ଝାଝରିଆ ପାରାଅଲିମ୍ପିକ୍ସ ରୌପ୍ୟ ବିଜୟିନୀ ଦୀପା ମଲିକଙ୍କ ସ୍ଥାନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦ ଅଳଙ୍କୃତ କରିଛନ୍ତି। ଝାଝରିଆଙ୍କ ବ୍ୟତୀତ ପିସିଆଇର ସମସ୍ତ ପଦାଧିକାରୀ ମଧ୍ୟ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ଏହା ମଧ୍ୟରେ ଓଡ଼ିଶା ପାରା ଅଲିମ୍ପିକ୍ କମିଟିର ସୁନୀଲ ପ୍ରଧାନ ନୂଆ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ପରେ ସୁନୀଲଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

### ନିଖିଳ ଓଡ଼ିଶା ୬ରେଡ୍‌ବଲ୍ ସ୍ନୁକର

## ଆଶୁତୋଷ ଚାମ୍ପିଅନ, କୁନାଲ ରନର୍ସ ଅପ୍




**ଭୁବନେଶ୍ୱର, ୯।୩ (ସମିସ):** କୁନାଲ ଅଗରୱାଲଙ୍କୁ ପରାସ୍ତ କରି ଆଶୁତୋଷ ପାଢ଼ୀ ପ୍ରଥମ ନିଖିଳ ଓଡ଼ିଶା ୬ରେଡ୍‌ବଲ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଭୁବନେଶ୍ୱର କ୍ଲବ୍‌ରେ ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଆଶୁତୋଷ ୭-୨ ଫ୍ରେମ୍‌ରେ କୁନାଲଙ୍କୁ ହରାଇ ଟାଇଟଲ ସହ ଟ୍ରଫି ଓ ୨୧,୦୦୦ ଟଙ୍କାର ପୁରସ୍କାର ଜିତିଥିଲେ। ଏହି ଫାଇନାଲରେ ଆଶୁତୋଷ ଆରମ୍ଭରୁ ଶେଷଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ରନର୍ସ ଅପ୍ କୁନାଲଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପାଇଥିଲେ। ଖେଳ ଶେଷରେ ଭୁବନେଶ୍ୱର କ୍ଲବ୍ ସଭାପତି ଅସିତ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ବିଲିଆର୍ଡ୍‌ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ସମ୍ପାଦକ ସମୀର ଅଲ୍ଲୀ, ଉପସଭାପତି ଅଶୋକ ଦାସ, ପାଟ୍ରନ ପ୍ରବୀର ସିଂଦେଓ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ୪୨ତମ ଟାଇଟଲ ଲକ୍ଷ୍ୟରେ ମୁମ୍ବାଇ

## ଆଜିଠୁ ରଣଜୀ ଟ୍ରଫି ଫାଇନାଲ

**ମୁମ୍ବାଇ, ୯ ।୩(ଏଜେନ୍ସି):** ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଫାଇନାଲ ମୁକାବିଲା ରବିବାରଠାରୁ ଆରମ୍ଭ ହେବ। ଟାଇଟଲ ପାଇଁ ଏହି ନିର୍ଣ୍ଣାୟକ ମୁକାବିଲାରେ ସଫଳତମ ଦଳ ମୁମ୍ବାଇ ଓ ବିଦର୍ଭ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ଜିତି ମୁମ୍ବାଇ ୪୨ତମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଅନ୍ୟପଟେ ବିଦର୍ଭ ସଫଳ ହେଲେ ତୃତୀୟଥର ପାଇଁ ଚାମ୍ପିଅନ ହେବ। ମୁମ୍ବାଇ ୬ଥର ଉପ- ବିଜେତା ହୋଇଥିବା ବେଳେ ଶେଷଥର ପାଇଁ ୨୦୧୬ରେ ଚାମ୍ପିଅନ ହୋଇଥିଲା। ଅନ୍ୟପଟେ ବିଦର୍ଭ ୨୦୧୯ରେ ଶେଷଥର ପାଇଁ ଚାମ୍ପିଅନ ହୋଇଥିଲା। ଏପର୍ଯ୍ୟନ୍ତ ମୁମ୍ବାଇ ୪୮ଥର ଫାଇନାଲରେ ପ୍ରବେଶ କରିଛି। ଅଭିଜ୍ଞ ବ୍ୟାଟର ଆଜିଙ୍କ୍ୟ ରହାନେ ମୁମ୍ବାଇର ଓ ଅକ୍ଷୟ ୱାଦକର ବିଦର୍ଭର ନେତୃତ୍ୱ ନେଉଛନ୍ତି। ରଣଜୀ ଟ୍ରଫିରେ ଏପର୍ଯ୍ୟନ୍ତ କର୍ଣ୍ଣାଟକ ୮ଥର ଚାମ୍ପିଅନ ଓ ୬ଥର ରନର୍ସଅପ୍, ଦିଲ୍ଲୀ ୭ଥର ଚାମ୍ପିଅନ ଓ ୮ଥର ରନର୍ସଅପ୍, ବରୋଧା ୫ଥର ଚାମ୍ପିଅନ ଓ ୪ଥର ରନର୍ସଅପ୍, ସୌରାଷ୍ଟ୍ର ୨ଥର ଚାମ୍ପିଅନ ଓ ୩ଥର ରନର୍ସଅପ୍ ହୋଇଛି।

**ମୁମ୍ବାଇ ସମ୍ଭାବ୍ୟ ଦଳ:** ଆଜିଙ୍କ୍ୟ ରାହାଣେ (ଅଧିନାୟକ), ପୃଥ୍ୱୀ ଶ, ଶ୍ରେୟାସ ଆୟର, ଭୁପେନ ଲାଲୱାନୀ, ମୁସିର ଖାନ୍, ଶାମ୍ସ ମୁଲାନୀ, ହାର୍ଦ୍ଦିକ ତାମୋର (ୱିକେଟକିପର), ଶାର୍ଦ୍ଦୁଳ ଠାକୁର, ତନୁଷ କୋଟିଆନ, ମୋହିତ ଅବସ୍ଥି ଓ ତୁଷାର ଦେଶପାଣ୍ଡେ।

**ବିଦର୍ଭ ସମ୍ଭାବ୍ୟ ଦଳ:** ଅକ୍ଷୟ ୱାଦକର (ଅଧିନାୟକ), ଅଥର୍ବ ତାଇଡେ, ଧ୍ରୁବ ଶୋରେ, ଯଶ ରାଠୋର, କରୁନ ନାୟର, ଆଦିତ୍ୟ ସରୱାତେ, ଯଶ ଠାକୁର, ଉମେଶ ଯାଦବ, ଆଦିତ୍ୟ ଠାକରେ, ଅକ୍ଷୟ ୱାଖରେ ଓ ଅମନ ମୋଖାଡେ।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ସ୍ଥାନ: ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ**
**ସିଧା ପ୍ରସାରଣ: ଜିଓ ସିନେମା ଆପ୍ ଓ ୱେବସାଇଟ୍**

### ଦ୍ୱିତୀୟ ଟେଷ୍ଟ

## ଅଷ୍ଟ୍ରେଲିଆର ପ୍ରଥମ ପାଳି ଅଗ୍ରଣୀ

**ଖ୍ରୀଷ୍ଟଚର୍ଚ୍ଚ, ୯ ।୩(ଏଜେନ୍ସି):** ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ପ୍ରଥମ ପାଳି ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୫.୨ ଓଭରରେ ୧୬୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୬୮ ଓଭରରେ ୨୫୬ ରନ କରି ଅଲଆଉଟ ହେବା ସହ ୯୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭକରି ନ୍ୟୁଜିଲାଣ୍ଡ ଶନିବାର ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୫୦ ଓଭରରେ ଦୁଇ ୱିକେଟ ହରାଇ ୧୩୪ ରନ ସଂଗ୍ରହ କରିଛି। ଫଳରେ ୮ ୱିକେଟ ବାକିଥାଇ ନ୍ୟୁଜିଲାଣ୍ଡ ୪୦ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଟମ୍ ଲାଥମ ୬୫ ଓ ରଚିନ ରବିନ୍ଦ୍ର ୧୧ ରନକରି ଅପରାଜିତ ରହିଛନ୍ତି। ଅଭିଜ୍ଞ କେନ୍ ୱିଲିୟମସନ ୫୧ ଓ ୱିଲ ୟଙ୍ଗ୍ ୧ ରନ କରି ଆଉଟ ହୋଇଛନ୍ତି।

### ମହିଳା ପ୍ରିମିୟର ଲିଗ୍

## ହେମଲତା, ମୁନୀଙ୍କ ଅର୍ଦ୍ଧଶତକ


ବ୍ୟାଟିଂ ଅବସରରେ ବେଥ ମୁନୀ ଓ ଡି ହେମଲତା

**ନୂଆଦିଲ୍ଲୀ, ୯।୩(ଏଜେନ୍ସି):** ଡି ହେମଲତା (୭୪) ଓ ବେଥ ମୁନୀ (୬୬)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଖେଳାଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମହିଳା ପ୍ରିମିୟର ଲିଗ୍‌ର ୧୬ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ ୭ ୱିକେଟରେ ୧୯୦ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଛି। ଗୁଜରାଟ ପ୍ରଦତ୍ତ ୧୯୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୯ ଓଭର ଖେଳ ଶେଷସୁଦ୍ଧା ୨ ୱିକେଟ ହରାଇ ୭୦ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ହେଲୀ ମାଥ୍ୟୁସ ୧୮ ଓ ନାଟ ସିଭର-ବ୍ରଣ୍ଟ ୨ ରନ୍‌ରେ ଆଉଟ ହୋଇଛନ୍ତି।

ପୂର୍ବରୁ ଗୁଜରାଟ ଦଳ ପ୍ରଥମେ ବ୍ୟାଟିଂ କରି ୧୮ ରନ୍‌ରେ ପ୍ରଥମ ୱିକେଟ ହରାଇବା ପରେ ବେଥ ମୁନୀ ଓ ହେମଲତା ଚମତ୍କାର ବ୍ୟାଟିଂ କରି ଦ୍ୱିତୀୟ ୱିକେଟରୁ ୧୨୧ ରନ୍ ଉଠାଇଥିଲେ। ଅଧିନାୟିକା ଓ ୱିକେଟରକ୍ଷକ ମୁନୀ ମାତ୍ର ୩୫ ବଲ୍‌ରେ ୮ ଚୌକା ଓ ୩ ଛକା ସହ ୬୬ ଏବଂ ହେମଲତା ୪୦ ବଲ୍‌ରେ ୯ ଚୌକା ଓ ୨ ଛକା ସହ ୭୪ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ଆଉଟ ପରେ ଅନ୍ୟ କୌଣସି ଖେଳାଳି ବେଶି ସମୟ ତିଷ୍ଠି ପାରି ନ ଥିଲେ। କେବଳ ଭାରତୀ ଫୁଲମାଲି ୧୩ ବଲ୍‌ରେ ୨୧ ରନ୍ କରିବା ଫଳରେ ଦଳ ୧୯୦ ରନ୍‌ର ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ମୁମ୍ବାଇ ପକ୍ଷରୁ ସାଇକା ଇଶାକ୍ ସର୍ବାଧିକ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ଏହି ମୁକାବିଲା ପୂର୍ବରୁ ମୁମ୍ବାଇ ୬ଟି ମ୍ୟାଚ୍‌ରୁ ୪ଟି ଓ ଗୁଜରାଟ ୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ହାସଲ କରିଛି।

### ଓଡ଼ିଶା ସରକାରଙ୍କ ନିଯୁକ୍ତି ପର୍ବ

# ୧୬୦ କ୍ରୀଡ଼ାବିତ୍‌ଙ୍କୁ ଚାକିରି

**ଭୁବନେଶ୍ୱର, ୯ ।୩(ସମିସ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାରେ ଉତ୍କୃଷ୍ଟତା ପ୍ରତିପାଦନ କରିଥିବା ରାଜ୍ୟର ୧୬୦ ଜଣ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ଦେଇଛନ୍ତି। ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର ନିଯୁକ୍ତି ପର୍ବ ଉତ୍ସବରେ ସେ ଏ ନେଇ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରୁ ୮୧ ଜଣଙ୍କୁ ଓଡ଼ିଶା ପୁଲିସ୍‌ରେ ନିଯୁକ୍ତି ଦିଆଯାଇଛି। ବାକି କ୍ରୀଡ଼ାବିତ୍‌ଙ୍କୁ ଇସ୍ପାତ ଓ ଖଣିରୁ ଆରମ୍ଭ କରି ରାଜସ୍ୱ ଓ ଆପଦା ପ୍ରବନ୍ଧନ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି ପ୍ରଦାନ କରାଯାଇଛି। ହକି, ଭାରୋତ୍ତୋଳନ, ସୁନ୍ଦର ସ୍ୱାସ୍ଥ୍ୟ ଓ ସୁଟିଂ, କରାଟେ, ରଗବୀ ଓ ଅନ୍ୟକ୍ରୀଡ଼ାର କ୍ରୀଡ଼ାରେ ବେଶ୍ ସୁନାମ ଅର୍ଜନ କରିଥିବା ଖେଳାଳିଙ୍କୁ ଏହି ସୁଯୋଗ ପ୍ରଦାନ କରାଯାଇଛି। ପାରା କ୍ରୀଡ଼ାବିତ୍‌ମାନଙ୍କୁ ମଧ୍ୟ ଏଥିରୁ ବଞ୍ଚିତ କରାଯାଇନାହିଁ। ପ୍ରତ୍ୟେକ କ୍ରୀଡ଼ାରୁ ପ୍ରତିଭାଗୁଡ଼ିକର ସାମୂହିକ ବିକାଶ ନେଇ ରାଜ୍ୟ ସରକାର ଚେଷ୍ଟିତ ରହିଆସିଛନ୍ତି ବୋଲି ଏଥିରୁ ସ୍ପଷ୍ଟ ହୋଇଛି।

### ୩୫ ପାରା କ୍ରୀଡ଼ାବିତ୍‌ଙ୍କୁ ଚାକିରି

ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ପାରା ଆଥଲେଟ ସର୍ବାଧିକ ରହିଛନ୍ତି। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୩୫ଜଣ ପାରା କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ପାରା କ୍ରୀଡ଼ାବିତଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ନିଶ୍ଚିତ ଭାବେ ଖୁସିର କଥା । ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚାକିରି ପ୍ରଦାନ କରାଯାଇଛି।

### ୧୧ ଭିନ୍ନ ବର୍ଗର କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ

ଏମାନଙ୍କ ମଧ୍ୟରେ ରହିଛନ୍ତି ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ତଥା ଜାଭେଲିନ ତାରକା କିଶୋର କୁମାର ଜେନା, ଏସୀୟ ପାରା କ୍ରୀଡ଼ାରେ ଦୃଷ୍ଟିହୀନ ଚେସ୍‌ରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ଦୃଷ୍ଟିହୀନ କ୍ରିକେଟର ପଙ୍କଜ କୁମାର ଭୁଏ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

# ସମ୍ବଲପୁରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ସମ୍ବଲପୁର, ୯।୩(ସମିସ):**ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଅନୁକୁଲ୍ୟରେ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଜି ସମ୍ବଲପୁର ଜିଲ୍ଲା ସଦର ମହକୁମା ଠାରେ ଅବସ୍ଥିତ କୋର୍ଟ ଗୁଡିକରେ ଏବଂ ଜିଲ୍ଲା ଅନ୍ତର୍ଗତ ତାଲୁକ ସ୍ତରୀୟ କୁଚିଣ୍ଡା ଏବଂ ରେଢ଼ାଖୋଲ କୋର୍ଟଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଜନିତ ୧୪ ଗୋଟି ମାମଲା ସମାଧାନ କରି କ୍ଷତିପୂରଣ ବାବଦକୁ ୧, ୧୯, ୩୫୦୦୦ଟଙ୍କ ଦେବା ପାଇଁ ଆଦେଶ ଦେଇଥିଲେ। ୨୨ ଗୋଟି ପରିବାର ସଂକ୍ରାନ୍ତୀୟ ମାମଲରେ ଫଇସଲା କରାଯାଇଛି। ୧୦୫ ଗୋଟି ଦେୱାନୀ ମୋକଦ୍ଦମାର ଫଇସଲା କରାଯାଇ ୫୧, ୨୬, ୨୭୧.୯୭ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ୪୧୦ ଗୋଟି ଫୌଜଦାରୀ ମୋକଦ୍ଦମାର ଫଇସଲା କରାଯାଇଛି। ସେହିପରି ୩୬ ଗୋଟି ଏନଆଇ ଆକ୍ଟ ଫଇସଲା କରାଯାଇ ୪୦, ୯୩, ୭୬୨ ଟଙ୍କା ଆଦାୟ କରାଯାଇଛି। ସେହିପରି ଏହି ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରୟିତ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଯୋଗ ଦେଇ ୧୫୧ ଗୋଟି ପ୍ରି-ଲିଟିଗେସନ କେସର ଫଇସଲା କରି ୫୪, ୬୪୪୬୪ ଟଙ୍କା ଆଦାୟ କରିଛନ୍ତି। ସେହିପରି ରାଜସ୍ୱ ବିଭାଗରେ ୪୦୫୫ ଗୋଟି କେସର ଫଇସଲା କରାଯାଇ ୨୧, ୪୭, ୦୩୪. ୦୫ ଟଙ୍କା ଆଦାୟ କରାଯାଇଛି। ସମ୍ବଲପୁର ଠାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଜିଲ୍ଲା ଜର୍ଜ ତଥା ଆଇନ ସେବା ପ୍ରାଧିକରଣ, ସମ୍ବଲପୁରର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ଦ୍ୱିତୀୟ ଏମ.ଏ.ସି.ଟି, ଜର୍ଜ ଲୋକନାଥ ମହାପାତ୍ର, ଜର୍ଜ ଫ୍ୟାମିଲି କୋର୍ଟ ସମ୍ବଲପୁର ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ବିଭିନ୍ନ ମୋଟର ଜନିତ ଦୁର୍ଘଟଣା, ପରିବାର ସମ୍ପର୍କୀୟ ମୋକଦ୍ଦମା ଗୁଡିକର ସମାଧାନ କରିଥିଲେ। ସେହିପରି ବିଭିନ୍ନ ଦେୱାନୀ ମୋକଦ୍ଦମା ଏବଂ ଫୌଜଦାରୀ ମୋକଦ୍ଦମା ଗୁଡିକର ଫଇସଲା ମଧ୍ୟ କରାଯାଇଥିଲା। ସେହିପରି ତାଲୁକ ସ୍ତରରେ କୁଚିଣ୍ଡା ଠାରେ ଅତିରିକ୍ତ ଜିଲ୍ଲା ଜର୍ଜ ରାଜ କିଶୋର ଲେଙ୍କା ଏବଂ ତାଲୁକ ସ୍ତରରେ ରେଢ଼ାଖୋଲ ଠାରେ ଅତିରିକ୍ତ ଜିଲ୍ଲା ଜର୍ଜ ଦୀପ୍ତି ପ୍ରକାଶ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ବଲପୁରର ସଚିବ ସୌମ୍ୟା ପ୍ରଧାନ ଏବଂ ଶୋଭେନ କାନୁନଗୋ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଲୋକ ଅଦଲାତକୁ ପରିଚାଳନା କରିଥିଲେ।

## ସମ୍ବଲପୁରୀ ଧନୁଯାତ୍ରା

# ଦଧିହାଣ୍ଡି ଭଗ୍ନ ଓ କାଳିନ୍ଦି ହ୍ରଦରେ କୃଷ୍ଣଙ୍କ ସପ୍ତଫେଣୀ ବଧ

**ସମ୍ବଲପୁର, ୯।୩(ସମିସ)**

ସମ୍ବଲପୁରୀ ଧନୁଯାତ୍ରା ଆଜି ଚତୁର୍ଥ ଦିନରେ ଗୋପପୁର ଓ ମଥୁରା ନଗରୀରେ କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହୋଇଛି। ଗୋପପୁରରେ ଶ୍ରୀକୃଷ୍ଣ ଦହି ହାଣ୍ଡି ଭଙ୍ଗିଛନ୍ତି। ଏହାକୁ ନେଇ ଗୋପପୁର ବାସୀ ଯଶୋଦାଙ୍କୁ ଅଭିଯୋଗ କରିବା ପରେ କାଳିଆ ଦଳନ ଓ କାଳିନ୍ଦି ହ୍ରଦରେ ସପ୍ତଫେଣି ନାଗକୁ ଶ୍ରୀକୃଷ୍ଣ ବଧ ଭଳି ନାଟ୍ୟ ରୂପାନ୍ତର ଦର୍ଶକଙ୍କ ହୃଦୟସ୍ପର୍ଶ ହୋଇପାରିଥିଲା। କୃଷ୍ଣ, ବଳରାମ, ନନ୍ଦ ରାଜା, ଯଶୋଦା, ରୋହୀଣି ପ୍ରମୁଖଙ୍କ ଗହଣରେ ଗୋପପୁର ଠାରୁ କାଳିନ୍ଦି ହ୍ରଦକୁ ଚାଉଁରପୁର ଓ ମୁଣ୍ଡୋଘାଟର ନାମ ସଂକିର୍ତ୍ତନ ସହିତ ଶୋଭାଯାତ୍ରା ଖୁବ ଆକର୍ଷଣୀୟ ହୋଇଥିଲା। ଗୋପପୁରର ଆଜି ରାଜ ଅତିଥି ଭାବରେ କୃଷକ ନେତା ଅଶୋକ ପ୍ରଧାନ, ଜିଲ୍ଲା କୃଷକ ସଂଗଠନର ସଭାପତି ଉମେଶ ମିଶ୍ର, ଉପସଭାପତି ସୁଶାନ୍ତ ପଣ୍ଡା ଯୋଗ ଦେଇଥିବା ବେଳେ ସଭା ରେ ଆଦିତ୍ୟ ପ୍ରସାଦ ନାୟକ ସଭାପତିତ୍ୱ କରିଥିଲେ। ଗୋପପୁର ଧନୁଯାତ୍ରା କମିଟି ସାଧାରଣ ସମ୍ପାଦକ ଗଣେଷ ମହନ୍ତ ମଞ୍ଚ ପରିଚାଳନା କରିଥିଲେ। ଗୋପପୁର ଆଧାରିକ ପରିବେଶରେ ସମୃଦ୍ଧ ହୋଇଥିବା ବେଳେ ସନ୍ଧ୍ୟାରେ

### ଦୁଲୁକୁଛି ଗଙ୍ଗାଧର ମଣ୍ଡପ

ବୁର୍ଦା ଓ ତଲାବିରାର କୃଷ୍ଣଗୁରୁ ପରିବେଷଣ କରାଯାଇଥିଲା। ସବୁଦିନ ପରି ଆଜି ମଧ୍ୟ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରା ଯାଇଥିଲା। ଗୋପପୁର(ଚାଉଁରପୁର) ଜନ ସମୁଦ୍ରରେ ପରିଣତ ହୋଇଥିଲା। ସେପଟେ ମଥୁରାନଗରୀ ଉଠୁଛି ପଡୁଛି। ମଥୁରାନଗରୀ ଭ୍ରମଣ କରି ଫେରିବା ପରେ ବିବ୍ରତ ହୋଇ ଯାଇଛନ୍ତି ମହାରାଜ କଂସ। ଗୋପପୁରରେ ସକଟାଶୁର, ବକାସୁର, ଚାଣୁର, ମୁଷ୍ଟିକ, ଶଣ୍ଢାଶୁର ବଧ ହେବା ସମ୍ବାଦ ଶୁଣି କଂସ ମହାରାଜ ବିବ୍ରତ ହୋଇ କୃଷ୍ଣଙ୍କ ବଧ କରିବା ପାଇଁ ଅକ୍ରୁରଙ୍କୁ ଗୋପପୁର ପଠାଇବା ପାଇଁ ଧନୁଯାତ୍ରା କରିବାର ଯୋଜନା କରି କୃଷ୍ଣ ବଳରାମଙ୍କୁ





ମଥୁରାପୁର ଆଣିବା ପାଇଁ ମନ୍ତ୍ରଣା କରିଛନ୍ତି। ଏଭଳି ନାଟ୍ୟ ଅଭିନୟ ନିଜ ଭାଷାରେ ଦର୍ଶକ ଦେଖି କରତାଳିରେ ମଥୁରାନଗରୀ କମ୍ପାଇ ଦେଇଥିଲେ। ଏହି ଅବସରରେ ଆଜି ମଥୁରାନଗରୀର ରାଜଅତିଥି ଭାବେ କର୍ଣ୍ଣେଲ ପ୍ରଭାତ ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ସୁବାସ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ବ୍ରହ୍ମକୁମାରୀ ଭଉଣୀ ଯୋଗଦେଇ ମହାରାଜା କଂସଙ୍କ ମାଧ୍ୟମରେ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଥିଲେ।ଏହି ସଭାରେ କମିଟି ସଭାପତି ସଞ୍ଜୟ ବାବୁ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଗୁଣ ରଞ୍ଜନ ସାଲିମା ଧନ୍ୟବାଦ ଅର୍ପଣ କରିଥିଲେ।ଏହି ସମୟରେ ସମ୍ପାଦକ ଲଳିତ ମୋହନ ବେବର୍ତ୍ତା ମଞ୍ଚାସୀନ ଥିଲେ। ଧନୁଯାତ୍ରାରେ କୃଷ୍ଣ ବାଗଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ଗୀତ ଓ ନୃତ୍ୟରେ ଗଙ୍ଗାଧର ମଣ୍ଡପ ଦୁଲୁକି ଉଠିଥିଲା।

# ରୋଟାରୀ କ୍ଲବ ପକ୍ଷରୁ ୬ ମହିଳାଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୯।୩(ସମିସ):** ବିଶ୍ୱ ମହିଳା ଦିବସ ଉପଲକ୍ଷେ ରୋଟାରି କ୍ଲବ ଅଫ ସମ୍ବଲପୁର ପକ୍ଷରୁ କ୍ଲବ ପରିସରରେ ଏକ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବରେ ଡାକ୍ତର ଗୀତାରାଣୀ ଚୌବେ ଓ ସମ୍ମାନିତ ଅତିଥି ଭାବେ ଡାକ୍ତର ନାରାୟଣୀ ପଣ୍ଡା ଯୋଗଦାନ କରିଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲାର ୬ ଜଣ ମହିଳା ମାନଙ୍କୁ ନିଜ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଦିନିଆ ଚୌଧୁରୀ, ପ୍ରୀତି ସୁନା, ସଂଯୁକ୍ତା ଶତପଥୀ, ଗାୟିତ୍ରୀ ସାହୁ, କୁଞ୍ଜଲତା ପ୍ରଧାନ, ଜ୍ୟୋତି ଶତପଥୀ ଙ୍କୁ ତାଙ୍କର ସମାଜ ପ୍ରତି ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ରୋଟାରିଏନ ଅଲେଖିକା ପାନି ପରିଚାଳନା କରିଥିବା ବେଳେ ରୋଟାରି କ୍ଲବ ସଭାପତି ସୁଜିତ ପାଣିଗ୍ରାହୀ, ସମ୍ପାଦକ ୱାସେ ମଲ୍ଲିକ ଏବଂ କ୍ଲବର ସମସ୍ତ ସଦସ୍ୟ ପରିବାର ସହ ଏହି କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ।



## ହୀରାଖଣ୍ଡ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମହାଭାରତ ଯୁଦ୍ଧର ଚରିତ୍ର ଇରାବନ ଉପରେ ଆଧାରିତ ଉଜ୍ଜୟ ସମ୍ବାଦ ମଞ୍ଚସ୍ଥ

**ସମ୍ବଲପୁର, ୯।୩(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଚତୁର୍ଥ ହୀରାଖଣ୍ଡ



ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ ନାଗାରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ପଶ୍ଚିମବଙ୍ଗରୁ ଆସିଥିବା ଝାରଗ୍ରାମ କଥା କୃତି ନାଟକ ଅନୁଷ୍ଠାନ ତରଫରୁ ବଙ୍ଗାଳି ନାଟକ ଉଜ୍ଜୟ ସମ୍ବାଦ ପରିବେଷଣ କରିଥିଲେ। ମହାଭାରତ ଯୁଦ୍ଧ ସମୟର ଅକୁହା ଚରିତ୍ର ଇରାବନ ଉପରେ ଏହି ନାଟକ ଟି ମଞ୍ଚସ୍ଥ ହୋଇଥିଲା। ନାଟକ ଟି ଦେବଲିନା ଦାସଗୁପ୍ତାଙ୍କ ଲିଖିତ ଏବଂ କୁନ୍ତଳ ପଲ୍ଙ୍କର ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ବହୁତ କମ ଲୋକ ଇରାବନ ଚରିତ୍ରକୁ ଜାଣନ୍ତି, ଇରାବନର ଭୂମିକାକୁ ନେଇ ଏହି ନାଟକ ଟି ଅତି ଉଚ୍ଚ କୋଟିର ହେଇଥିଲା। ଏହି କାର୍ଯ୍ୟକ୍ରମକୁ ଅଦୃଶ୍ୟ ନାଟ୍ୟ ଆଶ୍ରମର ନିର୍ଦ୍ଦେଶକ ଅତିଶ କୁମାର ଶତପଥୀ ସଂଯୋଜନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୂଳସଚିବ ଡ. ନୃପରାଜ ସାହୁ, ପ୍ରଫେସର ତୁଷାରକାନ୍ତି ଦାସ ଏବଂ ପ୍ରଫେସର ସନତ ସାହୁ ଆଜିର ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ନାଟକ ଶେଷରେ ଟକ୍ ଉଇଥ୍ ଡାଇରେକ୍ଟର ଅନୁଷ୍ଠିତ ହେଇଥିଲା। ଯେଉଁଥିରେ ଛାତ୍ରଛାତ୍ରୀ ଏବଂ ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଜି ଏହି କାର୍ଯ୍ୟକ୍ରମରେ ନରେନ୍ଦ୍ର ବେହେରା, ଶୁଭମ ମେହେର, ଆଦିତ୍ୟ ସାହା, ପଙ୍କଜିନୀ ମେହେର, ସୁମିତ୍ରା ମହାକୁର, ଆକାଂକ୍ଷା ଡନସେନା, ଦୀପକ ମେହେର, ସଂକେତ କୁମାର, ରାହୁଲ ଗୁପ୍ତା, ରାହୁଲ ମହାନନ୍ଦ ସହଯୋଗ କରିଥିଲେ।

# ଦରମା ବୃଦ୍ଧି ପରେ ଭିମସାର ଠିକା କର୍ମଚାରୀଙ୍କ କୃତଜ୍ଞତା

**ବୁର୍ଲା, ୯।୩ (ସମିସ):** ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦରମା ବୃଦ୍ଧି ସହ ଅନ୍ୟାନ୍ୟ ପଦକ୍ଷେପ ନେଇଛନ୍ତି। ଯାହାକୁ ଭିମସାରର ଠିକା କର୍ମଚାରୀମାନେ ସ୍ୱାଗତ କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀଙ୍କୁ ଏହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇଛନ୍ତି। ଏନେଇ ବୁର୍ଲା ଭିମସାରରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀମାନେ କେକକାଟି ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହା ସହ ଦୀର୍ଘଦିନର ଦାବି ପୂରଣ ହୋଇଥିବା ଠିକା କର୍ମଚାରୀମାନେ କହିଛନ୍ତି। ସୂଚନା ଅନୁସାରେ ଠିକା କର୍ମଚାରୀଙ୍କ ମାସିକ ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି, ଠିକା କର୍ମଚାରୀ ଓ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ଥିବା ବିଭିନ୍ନ ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଅଭିଜ୍ଞତା ଥିବା କର୍ମଚାରୀମାନଙ୍କୁ ଅଧିକ ପାରିଶ୍ରମିକ ମିଳିବ, ପ୍ରତି ୫ ବର୍ଷର ଅଭିଜ୍ଞତା ପାଇଁ ମାସିକ ଅଧିକ ୧ ହଜାର ଟଙ୍କା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମହିଳା କର୍ମଚାରୀମାନେ ସେମାନଙ୍କର ପ୍ରଥମ ଦୁଇଟି ସନ୍ତାନ ଜନ୍ମ ପର୍ଯ୍ୟନ୍ତ ୧୨୦ ଦିନ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ ବୋଲି ମଧ୍ୟ ଘୋଷଣା ହୋଇଛି। ତେବେ ଏହି ଘୋଷଣା ପରେ ବର୍ତ୍ତମାନ ସାରା ରାଜ୍ୟରେ ଠିକା କର୍ମଚାରୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।

# ଟିକ୍ରାପଡ଼ାରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ବୁର୍ଲା, ୯।୩ (ସମିସ):** ଧନକଉଡା ବ୍ଲକ କଳାମାଟି ପଞ୍ଚାୟତ ମାଉଲିଭାଗ ଟିକ୍ରାପଡ଼ାରେ ନବନିର୍ମିତ କଲ୍ୟାଣ ମଣ୍ଡପର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବିଧାୟକ ନାଉରି ନାୟକ ଓ କଳାମାଟି ସରପଞ୍ଚ ଡ. ସୁଷମା ସାହୁ ଙ୍କ କରକମଳରେ ଏହି କଲ୍ୟାଣ ମଣ୍ଡପ ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ପଧାନ, ସମାଜସେବୀ ହେମ ସାଗର ଛନ୍ଦ, ନାଏବ ସରପଞ୍ଚ ସୁଶୀଳା ଭୋଇ, ରାଧେଶ୍ୟାମ ପ୍ରଧାନ, ଉଦିତ ପ୍ରଧାନ, ଲବ କର୍ଣ୍ଣ, ଜୟଦେବ ବଗାର ହଜାରି ସାହୁ ତଥା ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



# ବ୍ରହ୍ମକୁମାରୀରେ ଶିବ ଜୟନ୍ତୀ ମହୋତ୍ସବ




**ସମ୍ବଲପୁର, ୯।୩ (ସମିସ):** ବ୍ରହ୍ମକୁମାରୀଜ୍ ସମ୍ବଲପୁରର ନିର୍ଦ୍ଦେଶିକା ବ୍ରହ୍ମକୁମାରୀ ରାଜଯୋଗିନୀ ପାର୍ବତୀ ଦିଦିଜୀଙ୍କ ଶୁଭ ସଂକଳ୍ପରେ ୮୮ତମ ଶିବ ଜୟନ୍ତୀ ମହୋତ୍ସବ ଶିବ ଦର୍ଶନ ଭବନ ଦାନୀବନ୍ଧରେ ପାଳିତ ହୋଇଯାଇଛି। ଉକ୍ତ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ ରାଜଯୋଗିନୀ ପାର୍ବତୀ ଦିଦିଜୀ କହିଲେ ଯେ, ପରମାତ୍ମାଙ୍କ ଦିବ୍ୟ ନାମ ଶିବ ଯାହାର ଅର୍ଥ କଲ୍ୟାଣକାରୀ। ସେ ନିରାକାର ଜ୍ୟୋତିର୍ବିନ୍ଦୁ। ସେ ଏଇ ସଙ୍ଗମ ଯୁଗରେ ପରମ ଧାମରୁ ଆସି ଅଜ୍ଞାନ ଅନ୍ଧାର ଦୂର କରିବା ଗୁପ୍ତ ସେବା କରୁଛନ୍ତି। ଆଜି ଏଇଦିନ ତାଙ୍କ ଜନ୍ମ ଦିନ ଯାହାକୁ ଶିବ ରାତ୍ରି କୁହାଯାଏ। ଭକ୍ତ ମାନେ ବିଷ ଭଳି ଯେଉଁ ଅରଖ ଫୁଲ, ଦୁଦୁରା ଫୁଲ ଶିବଙ୍କୁ ଚଢାଇ ଥାଆନ୍ତି ତାହା ପ୍ରକୃତ ଅର୍ଥରେ କାମ କ୍ରୋଧ ଲୋଭ ଭଳି ବିକାର ଓ ଦୁର୍ଗୁଣକୁ ତ୍ୟାଗ କରିବା। ସମ୍ମାନୀୟ ଅତିଥି ଭାବେ ଜିଏମୟୁ କୂଳପତି ପ୍ରଫେସର୍ ଏନ୍ ନାଗରାଜୁ କହିଥିଲେଯେ, ପାଞ୍ଚଟି ଡ଼ିଭାଇନ୍ ଆକ୍ଟ ବା ଦିବ୍ୟ କର୍ତ୍ତବ୍ୟ ଆମେ ପାଳନ କରିବା ଆବଶ୍ୟକ। ତାହା ହେଲା..ସୃଷ୍ଟି, ସ୍ଥିତି, ସମ୍ବେଦନ, ତିରୋଧନା ଓ ଅନୁଗ୍ରହ ଏହାକୁ କାଶ୍ମୀରରେ ଶୈବଜିମ୍ କୁହାଯାଏ। ଆମର କର୍ତ୍ତବ୍ୟ ଦିବ୍ୟ ହେଲେ ଆମେ ଶାନ୍ତି ପାଇବା। ମୁଖ୍ୟ ଅତିଥି ଭାବେ ଆଇଜି ହିମାଂଶୁ କୁମାର ଲାଲ କହିଲେଯେ, ଆଚରଣକୁ ଶୁଦ୍ଧ କରିବା ଆବଶ୍ୟକ। ଭଗବାନଙ୍କ ଠାରେ ବିଶ୍ୱାସ କରି ପ୍ରତିଟି କର୍ମ କରିବା ବାଞ୍ଛନୀୟ। ସମ୍ମାନୀୟ ଅତିଥି ଭାବେ ଏଡିଆରଏମ ଆନନ୍ଦ ସିଂ କହିଥିଲେଯେ, ସବୁବେଳେ ସକାରାତ୍ମକ ଭାବନା ରଖିବା ଉଚିତ। ବ୍ରହ୍ମାକୁମାରୀ ଆରତୀ ଭଉଣୀ ମଞ୍ଚ ପରିଚାଳନା କରିଥିଲେ। ସେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରିୟ ବିଦ୍ୟାଳୟର ସଂକ୍ଷିପ୍ତ ସୂଚନା ଦେଇଥିଲେ। ବର୍ତ୍ତମାନ ଏହାର ଶାଖା ୧୪୦ ଟି ଦେଶରେ ବିସ୍ତାରିତ ହୋଇ ସାରିଛି। ବ୍ରହ୍ମାକୁମାରୀ ଦୀପା ଭଉଣୀ କମେଣ୍ଟ୍ରୀ ମାଧ୍ୟମରେ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଲେ। କୁମାରୀ ଫାଲଗୁନି, କୁମାରୀ ହିମାଙ୍ଗି ଓ କୁମାର ବିଘ୍ନେସ ନୃତ୍ୟ ପରିବେଷଣ କରିଥିଲେ।

# ଶ୍ରୀ ଜାଗେଶ୍ୱର ବାବାଙ୍କ ଶୃଙ୍ଗାର ବେଶ

**ସମ୍ବଲପୁର, ୯।୩(ସମିସ):**ମହାଶିବରାତ୍ରି ଉପଲକ୍ଷେ ମୁଦିପଡ଼ା ସ୍ଥିତ ଶ୍ରୀ ଜାଗେଶ୍ୱର ବାବାଙ୍କ ଶୃଙ୍ଗାର ବେଶ କରାଯାଇଥିଲା। ସନ୍ଧ୍ୟା ୬ ଟାରୁ ଶୃଙ୍ଗାର ବେଶର ଦର୍ଶନ ପାଇଁ ମନ୍ଦିର କମିଟି ତରଫରୁ ଆୟୋଜନ କରାଯାଇଥିଲା। ଶୃଙ୍ଗାର ବେଶରେ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଜଣସମାଗମ ହୋଇଥିଲା। ରାତିରେ ଜାଗର ପାଇଁ ଭକ୍ତଙ୍କ ପାଇଁ ଏକ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ବୁର୍ଲାରେ କଫ ସିରପ ଜବତ, ୨ ଗିରଫ

**ବୁର୍ଲା, ୯।୩(ସମିସ):** ବେଆଇନ କଫସିରପ କାରବାର ଉପରେ ଚଢ଼ାଉ କରି ବୁର୍ଲା ପୁଲିସ କିର୍ବା ଅଞ୍ଚଳରୁ ଜଣେ ମହିଳା ସଙ୍ଗିତା ଖଡିଆ (୪୩) କୁ ଗିରଫ କରିଥିବା ବେଳେ ତାଙ୍କ ପାଖରୁ ଗୋଟିଏ ପ୍ଲାଷ୍ଟିକ ଜାର ଭର୍ତ୍ତି ବେଆଇନ ଖୋଲା କଫସିରପ, ୨୨ ବୋତଲ କଫସିରପ ଓ ୨୫ ବୋତଲ ଖୋଲା କଫସିରପ ସହ କିଛି ନିଶା ବଟିକା ଜବତ କରିଛି। ସେହିପରି ମହତାବ ନଗରରେ ଚଢାଉ କରି ତିଅରପଡ଼ାରେ ଭୁଲା ଓରଫ ପୂର୍ଣ୍ଣଚନ୍ଦ୍ର ବେହେରାକୁ ଗିରଫ କରି ତା ପାଖରୁ ୧୮ ବୋତଲ କୋରେକ୍ସ, ଗୋଟିଏ ପ୍ଲାଷ୍ଟିକ ଜାରରେ ଖୋଲା କଫସିରପ ଓ ନିଶା ବଟିକା ଜବତ କରିଛି।

## ୭ କ୍ୟୁଣ୍ଟାଲ ସ୍କ୍ରାପ୍ ଜବତ

**ସମ୍ବଲପୁର, ୯।୩ (ସମିସ):**ସମ୍ବଲପୁର ଜିଲ୍ଲା ବରେଇପାଲି ପୁଲିସ ପେଟ୍ରୋଲିଂ କରି ଏକ ସ୍କ୍ରାପ ଗାଡ଼ିକୁ ଜବତ କରିଛି। ସେଥିରେ ବେଆଇନ ଭାବେ ୭ କ୍ୟୁଣ୍ଟାଲ ସ୍କ୍ରାପ ଚୋରା ଚାଲାଣ ହେଉଥିବା ସୂଚନା ଦେଇଛି। ପୁଲିସ ଗୋଶାଳା ଅଞ୍ଚଳର ଡିମ୍ପଲ କୁମାର ଗୌତମକୁ ଅଟକ ରଖିଛି। ବିଶେଷ ସୂତ୍ରରୁ ଖବର ପାଇ ବରେଇପାଲି ଆଇଆଇସିଙ୍କ ନେତୃତ୍ୱରେ ପୁଲିସ ଟିମ ରେମେଡ ପଟୁ ବରେଇପାଲି ଆସିବା ବେଳେ ଗାଡ଼ିଟିକୁ କାବୁ କରିଥିଲା। ପୁଲିସ ମାମଲା ରୁଜୁ କରି ଗାଡି ମାଲିକ ଇରଫାନ ଅଲ୍ଲିକୁ ତଦନ୍ତ ପରିସରକୁ ଆଣିଛି।

## ବନମାଳୀ ବାବୁଙ୍କ ଜୟନ୍ତୀ ବକ୍ତୃତାମାଳା

# ସମ୍ବଲପୁରୀ ଅଧ୍ୟୟନ କେନ୍ଦ୍ର ହେଲେ ନିରନ୍ତର ବିକାଶ ହେବ

**ସମ୍ବଲପୁର, ୯।୩(ସମିସ)**

ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବନମାଳୀ ବାବୁଙ୍କ ୧୦୭ତମ ଜୟନ୍ତୀ ଅବସରରେ ଆଜି ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଭାରତର ଲୋକ ପରମ୍ପରା ଓ ସଞ୍ଜ୍ଞା ସମ୍ବଲପୁରୀ ଏକ ଦୃଷ୍ଟାନ୍ତ" ଶିର୍ଷକ ବକୃତା ମାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଆଦିତ୍ୟ ପ୍ରସାଦ ପାଢ଼ୀ ସଭାପିତିତ୍ୱ କରିଥିଲେ। ଉପସଭାପତି ଶଙ୍କର ପ୍ରସାଦ ପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା ସ୍ୱର୍ଗତ ବାବୁଙ୍କ ସ୍ମୃତିଚାରଣ କରି କହିଥିଲେ। ସେ ଅତ୍ୟନ୍ତ ମେଧାବୀ ଛାତ୍ର ଓ ପରେ ବିଶିଷ୍ଟ ଅଇନଜିବୀ ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ। ହେଲେ ଏହାକୁ ଭୃକ୍ଷେବ ନକରି ସାଧାରଣ ଜୀବନରେ ପ୍ରବେଶ କରି ଶିକ୍ଷାଦ୍ୱାରା ଅଳର ଏବଂ ମାନବ ସମ୍ବଳର ବିକାଶ ହେବ ବୋଲି ଦୂରଦୃଷ୍ଟି କରିଥିଲେ। ଏଥିପାଇଁ ବନମାଳୀ ବାବୁ ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ କରି ଅନେକ ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ କଥା ତୁଳନାରେ କାର୍ଯ୍ୟରେ



ଓ ସାଲିସ ବିହିନ ସ୍ୱାଭିମାନ ଉପରେ ବିଶ୍ୱାସ କରୁଥିଲେ। ଏଣୁ ବନମାଳୀ ବାବୁଙ୍କ ଜୀବନି ଉପରେ ଅଧିକ ଅଧ୍ୟୟନ ଦରକାର। ଯଦ୍ୱାରା ଭବିଷ୍ୟତ ପଢ଼ି ସେ ସମୟର ସାମାଜିକ ସ୍ଥିତି, ରାଜନୀତି, ସମାଜସେବା ସମ୍ପର୍କରେ ଜାଣିପାରିବେ ବୋଲି ଶ୍ରୀ ପଣ୍ଡା କହିଥିଲେ। ମୁଖ୍ୟବକ୍ତା ଭାବେ ନୂଆଦୀଲ୍ଲିରର ଜାମିଆ ମିଲିଆ ଇସ୍‌ଲାମିୟା ଇଂରାଜୀ ପ୍ରଫେସର ଡ. ସରୋଜ କୁମାର ମହାନନ୍ଦ ସମ୍ବେଦନଶୀଳତା ସମସ୍ତ ଉପାଦାନରୁ ଉଦ୍ଧ୍ୱର୍ରେ ରହି ଏକ ପରିଚୟକୁ ଦେଇଥାଏ ବୋଲି କହିଥିଲେ। ସେ କହିଲେ ଲୋକ ସାହିତ୍ୟ, ସଂସ୍କୃତି ଅନ୍ୟ ଲୋକଧାରା ଭଳି ଗୋଟିଏ ଉତ୍ସର୍ରୁ ବାହିତ ହୋଇଛି। ଉଣବିଂଶ ଶତାବ୍ଦିରେ ଜର୍ମାନୀରେ "ଲୋକଧାରା" ପ୍ରଥମେ ଅଧ୍ୟୟନ ହୋଇଥିଲା। ଯାହାକି ଲୋକଧାରାକୁ ଆନ୍ଦୋଳନର ରୂପ ଦେଇଛି। ଏହାର ଏବଂ ଶାସ୍ତ୍ରୀୟତାର ଉତ୍ସର୍ ମଧ୍ୟରେ ପ୍ରଭେଦ ନଦେଖି ପ୍ରାକ୍ ଐତିହାସିକ ଯୁଗର ଗଣରାଜ୍ୟକୁ ବିବେଚନା କରାଯାଇପାରେ। ଚର୍ଯ୍ୟାଗିତୀ ଏହାର ଏକ ଦୃଷ୍ଟାନ୍ତ ବିଭିନ୍ନ ସମୟରେ ପ୍ରସ୍ରୋହାନ ହିଁ ଭଷା ସାହିତ୍ୟ ସୃଷ୍ଟିରେ ଭୂମିକା ଗ୍ରହଣ କରିଛି। ଭାରତର ଭଷା ସହିତ ସମ୍ବଲପୁରୀ ଭଳି ଅନେକ ଭାଷା ରହିଛି। ଭାଷା ଏବଂ ସମ୍ବେଦନଶୀଳତା ଏକ ସାଂସ୍କୃତିକ ପରିଚୟର ମୂଳାଧାର ଅଟେ। ହସ୍ତତନ୍ତ୍ର, ପର୍ବ ପର୍ବାଣୀ, ନୃତ୍ୟ, ସଙ୍ଗୀତ ଓ ସମ୍ବଲପୁରୀ ଭାଷାରେ ଭାବାବେଗ, ସମ୍ବେଦନଶୀଳତା ରହିଛି। ଲୋକଧାରା ଏବଂ ପରମ୍ପରା ଏକ ଜୀବନ୍ତ ତତ୍ୱ। ଏ ଆଳରେ ଭାଷା ସାହିତ୍ୟର ଅଧିକ ଗବେଷଣା ପାଇଁ ସମ୍ବଲପୁରୀ ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା କରାଗଲେ ନିରନ୍ତରତା ଏବଂ ବିକାଶରେ ସହାୟକ ହେବ ବୋଲି ଡ. ମହାନନ୍ଦ କହିଥିଲେ। ଶେଷରେ ପବ୍ଲିକ ଲାଇବ୍ରେରୀର ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ମହିଳା ଦିବସ ପାଳିତ

# ମହିଳାମାନେ ଆତ୍ମନିର୍ଭରଶୀଳ ହେଲେ ସମାଜର ସାମୂହିକ ବିକାଶ ହେବ

**ସମ୍ବଲପୁର, ୯।୩(ସମିସ):** ସମ୍ବଲପୁର ସରକାରୀ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରତୀୟ ପ୍ରାଶାସନିକ ସେବାର ସ୍ନେହା ଆରୁକୁଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ବ୍ୟକ୍ତିଗତ ଜୀବନର ଅଭିଜ୍ଞତାକୁ ଛାତ୍ରୀମାନଙ୍କୁ ପାରସ୍ପରିକ ଭାବର ଆଦାନ ପ୍ରଦାନ ମାଧ୍ୟମରେ ଜୀବନ୍ତ ଭାବରେ ବ୍ୟକ୍ତ କରିଥିଲେ। ତାଙ୍କ ମାଆ ସ୍ୱଳ୍ପ ଆୟରେ କିପରି ତାଙ୍କୁ ଭାରତୀୟ ପ୍ରାଶାସନିକ ସେବା ପାଇଁ ସ୍ୱପ୍ନ ଦେଖାଇଥିଲେ ଓ ସେ ନିଜେ ସେଇ ସ୍ୱପ୍ନକୁ ସଫଳ କରିବା ପାଇଁ କିପରି କଠିନ ପରିଶ୍ରମ କରିଥିଲେ ତାହା ବ୍ୟକ୍ତ କରି ଛାତ୍ରୀଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ବରାଳ ପ୍ରାରମ୍ଭିକ ଅଭିଭାଷଣରେ ମୁଖ୍ୟଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ଏହି ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ମନସ୍ୱିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଯୋଗେଶ ଚନ୍ଦ୍ର ଭୋଇ ସଭା ସଂଯୋଜନା କରିଥିଲେ ଓ ସଭା ଶେଷରେ ନାରୀ ଉତ୍ଥାନ ଭାବକୁ ନେଇ ନୃତ୍ୟ ଛାତ୍ରୀମାନେ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପିକା ଏବଂ ମହିଳା କର୍ମଚାରୀମାନେ ନିଜ ନିଜ ସଂଘର୍ଷର କାହାଣୀ ଛାତ୍ରୀଙ୍କ ଆଗରେ ବଖାଣି ଥିଲେ। ଛାତ୍ରୀମାନେ ମଧ୍ୟ ନିଜନିଜ ଅନୁଭବ ବ୍ୟକ୍ତ କରିଥିଲେ। ଏହି ସଭାରେ ଶତାଧିକ ଛାତ୍ରୀ, କର୍ମଚାରୀ ଓ ଶିକ୍ଷକ ଯୋଗଦାନ କରିଥିଲେ।

